

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୪ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 24 DECEMBER 2023

Vol.No. 34 ■ No. 337 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମୋଦୀଙ୍କ 'ରାମ' ବନାମ ନୀତୀଶଙ୍କ 'ସୀତା'



ନୂଆଦିଲ୍ଲୀ, ୨୩/୧୨ : ଲୋକସଭା ନିର୍ବାଚନ ପୂର୍ବରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକ ବଡ଼ ଚାଲ ଖେଳିଛନ୍ତି । ନିର୍ବାଚନୀ ମଇଦାନରେ ଶ୍ରୀରାମଙ୍କ ବଦଳରେ ମାଆ ସୀତାଙ୍କୁ ପ୍ରସଙ୍ଗ କରିଦେଇଛନ୍ତି । ଯାହା ହିନ୍ଦୁତ୍ୱ କାର୍ଡ ଖେଳୁଥିବା ବିଜେପିକୁ ଦେଇଛି ଶକ୍ତ ଧକ୍କା । ଆଉ କିଛି ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅଯୋଧାରେ ବିଶାଳ ଶ୍ରୀରାମ ମନ୍ଦିର ଉଦ୍ଘାଟନ ସହ ଶ୍ରୀରାମ ଲଲ୍ଲାଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ କରିବାକୁ ପ୍ରସ୍ତୁତ ହେଉଛନ୍ତି । ଠିକ୍ ଏତିକିବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକ ନୂଆ ଚାଲ୍ ଖେଳିଛନ୍ତି । ବିହାର ସୀତାମଢ଼ି ସ୍ଥିତ ଦେବୀ ସୀତାଙ୍କ ଜନ୍ମଭୂମୀରେ ଜାନିକ ମନ୍ଦିର ପୁନଃନିର୍ମାଣ ନେଇ ଶୀଳାନ୍ୟାସ କରିଛନ୍ତି ନୀତୀଶ । ଯାହାକୁ ନେଇ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇ ଗଲାଣି । ଆଗାମୀ ଲୋକସଭା ନିର୍ବାଚନରେ ପ୍ରଭୁ ଶ୍ରୀରାମଙ୍କୁ ମାଆ ସୀତା ଟକ୍କର ଦେବେ ବୋଲି କୁହାଯାଉଛି । ଗତ ୧୩ ତାରିଖରେ ସୀତାମଢ଼ି ସ୍ଥିତ ପୁନୋରାଧାମ ମନ୍ଦିରର ବିକାଶ ନେଇ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର । ଏହାଶହ ପୁନୋରାଧାମ ମନ୍ଦିରର ବିକାଶ ମୂଳକ କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବିହାର ମୁଖ୍ୟମନ୍ତ୍ରୀ । ଗତ ୧୩ ତାରିଖରେ ସୀତାମଢି ସ୍ଥିତ ଦେବୀ ସୀତାଙ୍କ ଜନ୍ମଭୂମୀରେ ଜାନକୀ ମନ୍ଦିରର ପୁନଃ ବିକାଶ ନେଇ ୭୨ କୋଟିରୁ ଅଧିକ ଟଙ୍କା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନୀତୀଶ । ସେ କହିଛନ୍ତି, ଅଯୋଧା ଶ୍ରୀରାମ ମନ୍ଦିର ବିହାର ଲୋକଙ୍କ ପାଇଁ ଦୂର ହେବ। ବିହାରବାସୀ ଓ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଜାନକୀ ମନ୍ଦିରକୁ ପୁନଃ ସ୍ଥାପନା କରାଯିବ । ମୁଖ୍ୟ ମନ୍ଦିରକୁ ବିକାଶ କରାଯିବ । ପରିକ୍ରମା ପଥ, ଜାନକୀ ମହୋତ୍ସବ ମଇଦାନ, ପାର୍କିଂ ସମେତ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟ ସବୁ ସୁବିଧା ସୁଯୋଗ ଉପରେ ଗୁରୁତ୍ୱ ଦିଆଯିବ । ଦେବୀ ସୀତାଙ୍କ ମନ୍ଦିର ବିକାଶ କରିବା ପାଇଁ ନୀତୀଶଙ୍କ ଘୋଷଣା ପରେ ବିଜେପି ଜେଡିୟୁକୁ ଆକ୍ଷେପ କରିବାର କୌଣସି ମଉକା ଛାଡୁନାହିଁ । ବିଜେପି ଭଳି ଜେଡିୟୁ ବି ହିନ୍ଦୁତ୍ୱକୁ ମାଧ୍ୟମ କରି ନିର୍ବାଚନୀ ମଇଦାନକୁ ଓହ୍ଲାଉଥିବା ଦଳ ପକ୍ଷରୁ କୁହାଯାଇଛି । କେବଳ ସେତିକି ନୁହେଁ ବିଜେପି କହିଛି, ବିହାରରେ ବର୍ଷ ବର୍ଷ ଧରି ଲାଲୁ ଓ ନୀତୀଶଙ୍କ ସରକାର ରହି ଆସିଛି । ପୂର୍ବରୁ ତ କେବେ କାହିଁ ଜାନକୀ ମନ୍ଦିର କଥା କାହାର ମନେ ପଡ଼ି ନଥିଲା । ହେଲେ କେନ୍ଦ୍ର ସରକାର ଶ୍ରୀରାମ ମନ୍ଦିରକୁ ପ୍ରଧାନ୍ୟ ଦେବା ପରେ ନୀତୀଶ କୁମାରଙ୍କୁ ହଠାତ୍ ମାତା ସୀତାଙ୍କ କଥା ମନେ ପଡିଗଲା । ଏହାର ଜବାବ୍ରେ ଜେଡିୟୁ କହିଛି, ମୋଦୀ ସରକାର ଶ୍ରୀରାମ ମନ୍ଦିରକୁ ଯେତିକି ଗୁରୁତ୍ୱ ଦେଉଛନ୍ତି, ସେତିକି ଦେଶର ଅନ୍ୟ ପ୍ରାନ୍ତରେ ଥିବା ଧର୍ମପୀଠ ଗୁଡିକୁ ଦେବା ଉଚିତ୍ । ଶ୍ରୀରାମଙ୍କ ପାଇଁ ଏତେ ଆୟୋଜନ, ମାତା ସୀତାଙ୍କୁ ଅଣଦେଖା କାହିଁକି ? ବୋଲି ପ୍ରଶ୍ନ କରିଛି ଜେଡିୟୁ । ଲୋକସଭା ନିର୍ବାଚନକୁ ଆଉ ମାତ୍ର ୬ ମାସ ବାକି ରହିଥିବାବେଳେ, ଏବେ ହିନ୍ଦୁତ୍ୱକୁ ପ୍ରମୁଖ ପ୍ରସଙ୍ଗ କରିଛି ବିଜେପି ଓ ଜେଡିୟୁ । ଯାହା ଏବେ ରାଜନୈତିକ ମାହୋଲକୁ ଆହୁରି ସରଗରମ କରିଛି ।

## ଜମ୍ମୁ କଶ୍ମୀରରେ ବିସ୍ଫୋରଣ: ଜଣେ ସାଧାରଣ ନାଗରିକ ମୃତ, ୨ଟି ଜିଲ୍ଲାରେ ଇଣ୍ଟରନେଟ ସେବା ବନ୍ଦ



ଜମ୍ମୁ, ୨୩/୧୨ : ଜମ୍ମୁ କଶ୍ମୀରରେ ପୁଣି ଆତଙ୍କୀ ହମଲା। ମୋର୍ଟାର ବିସ୍ଫୋରଣରେ ଜଣେ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ସୂଚନା। ଏଥିସହ ଅନ୍ୟ ଜଣେ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଦୁଇଟି ଜିଲ୍ଲାରେ ଇଣ୍ଟରନେଟ ସେବା ବନ୍ଦ ରଖିଛି ସ୍ଥାନୀୟ ପ୍ରଶାସନ। ରଜୌରୀ ଏବଂ ପୁଞ୍ଚରେ ସମ୍ପୂର୍ଣ୍ଣ ରୂପେ ଇଣ୍ଟରନେଟ ସେବା ବନ୍ଦ ରଖାଯାଇଛି। ଏଥିସହ ଦୁଇ ଜିଲ୍ଲାର ପାହାଡିଆ ଅଞ୍ଚଳରେ କମ୍ବିଂ ଅପରେସନକୁ କଡାକଡି କରାଯାଇଛି। ଗୁରୁବାର ଜମ୍ମୁ କଶ୍ମୀରର ପୁଞ୍ଚରେ ଆତଙ୍କବାଦୀମାନେ ଆମ୍ବୁସ ଲଗାଇ ଭାରତୀୟ ସେନାର ଦୁଇଟି ଗାଡ଼ି ଉପରକୁ ଆକ୍ରମଣ କରିଥିଲେ। ଏଥିରେ ୫ ଜଣ ଯବାନ ସହିଦ ହୋଇଥିଲେ। ଏଥିସହ ଦୁଣ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷାକର୍ମୀମାନେ ସର୍ଚ୍ଚ ଅପରେସନ ଜାରି ରଖିଥିଲେ। ଏହାପରେ ପୁଣି ଶୁକ୍ରବାର ସାମ୍ବା ଜିଲ୍ଲାର ଚାନ୍ଦିଲି ଗାଁରେ ବିସ୍ଫୋରଣ ଘଟାଇଛନ୍ତି ଆତଙ୍କବାଦୀ। ଏଥିରେ ଜଣେ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ପୁଞ୍ଚ ଆକ୍ରମଣରେ ଲଶ୍କର-ଏ-ତୋଏବାର ଅନୁବନ୍ଧିତ ସଂଗଠନ ପିପୁଲ୍ସ ଆଣ୍ଟି ଫାସିଷ୍ଟ ଫ୍ରଣ୍ଟ (ଟଇରର) ନିଜକୁ ଦାୟୀ କରିଥିଲା। ଏହି ଆକ୍ରମଣରେ ଆମେରିକାର ଅତ୍ୟାଧୁନୁକି ବନ୍ଧୁକ ବ୍ୟବହାର ହୋଇଥିଲା। ଏକ ବଡ ଧରଣର ଆତଙ୍କୀ ହମଲା ଆଶଙ୍କା କରାଯାଉଛି। କାରଣ ପୁଞ୍ଚ ଆକ୍ରମଣ ପଛରେ ପାକିସ୍ତାନ ଓ ଚୀନର ହାତ ଥିବା କୁହାଯାଉଛି। ଏସବୁକୁ ଦୃଷ୍ଟିରେ ରଖି ସୀମାବର୍ତ୍ତୀ ଜିଲ୍ଲା ପୁଞ୍ଚ ଓ ରଜୌରୀରେ ଇଣ୍ଟେରନେଟ ସେବା ବନ୍ଦ ରଖାଯାଇଛି।

## କମିବ ଶୀତ, ଘେରିବ କୁହୁଡ଼ି

ଭୁବନେଶ୍ୱର, ୨୩ /୧୨ (ନି.ପ୍ର): କମିବ ଶୀତ, ଘେରିବ କୁହୁଡ଼ି। ଆଗାମୀ ୨୪ ଘଣ୍ଟା ଭିତରେ ରାଜ୍ୟର ବହୁ ସ୍ଥାନରେ ରାତି ତାପମାତ୍ରା ୨ରୁ ୩ଡିଗ୍ରୀ ବଢ଼ିବ ଓ ତା'ପରେ ଶୀତରେ ସେଭଳି ବିଶେଷ ପରିବର୍ତ୍ତନ ଆସିବ ନାହିଁ। ଏଥିସହ ଆଗାମୀ ୭ ଦିନ ଯାଏଁ ପାଗ ଶୁଖିଲା ରହିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ବାୟୁମଣ୍ଡଳର ଉପରିଭାଗରେ ପଶ୍ଚିମା-ନିମ୍ନ ଚାପ ରେଖା ସହ ଜଡ଼ିତ ବାୟୁ ଚଳାଚଳ ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ମେଘୁଆ ଆକାଶ ଥିଲେ ମଧ ବର୍ଷାର କୌଣସି ସମ୍ଭାବନା ନାହିଁ। ଫଳରେ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ଯାଏଁ ବୃଦ୍ଧି ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ଅଧିକାଂଶ ସ୍ଥାନରେ ବୃଦ୍ଧି ପାଇଛି ରାତି ତାପମାତ୍ରା। ତେବେ ଆଗାମୀ ଦୁଇଦିନ ▶▶ପୃଷ୍ଠା ୭

## କ୍ରେଡିଟ୍ କାର୍ଡରେ ୮ କୋଟି ଟଙ୍କା ଠକିନେଲେ: ବନ୍ଧାହେଲେ ୬ ଅଭିଯୁକ୍ତ



ଭୁବନେଶ୍ୱର, ୨୩/୧୨ (ନି.ପ୍ର): କ୍ରେଡିଟ୍ କାର୍ଡ ମାଧ୍ୟମରେ ୮କୋଟି ଟଙ୍କାର ଠକେଇ ହୋଇଛି। ଏହି ଠକେଇ ମାମଲାରେ ସାଇବର ଥାନା ପୁଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ରାକେଶ କୁମାର ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ସାଇବର ଥାନାରେ ଅଭିଯୋଗ ହେଲା ପରେ ପୁଲିସ ଠକେଇ ଘଟଣା ସାମ୍ନାକୁ ଆଣିଛି। ପୁଲିସ କହିଛି ଯେ, ଅଭିଯୋଗକାରୀ ରାକେଶ ଋଣ ପାଇଁ ଆବେଦନ କରିବା ସମୟରେ ତାଙ୍କ ନାଁରେ କ୍ରେଡିଟ କାର୍ଡ ଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ସାଇବର ଥାନାର ଦ୍ୱାରସ୍ଥ ହୋଇଥଲେ। ତାଙ୍କର ନାମକୁ ବ୍ୟବହାର କରି ଠକମାନେ ଠକେଇ କରିଥିବା ଅଭିଯୋଗ କରିଥିଲେ। ସାଇବର ପୁଲିସ ଦ୍ୱାରା ତଦନ୍ତ ବେଳେ ଜଣାପଡ଼ିଲା ଯେ, ଅଭିଯୁକ୍ତ ଜଣଙ୍କ ▶▶ପୃଷ୍ଠା ୭

## ବଦଳିଲେ ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ



ଭୁବନେଶ୍ୱର, ୨୩ /୧୨ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ପାଇଁ ନିଯୁକ୍ତ ହେଲେ ନୂଆ ପ୍ରଭାରୀ। ଡାକ୍ତର ଅଜୟ କୁମାରଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସର ନୂଆ ପ୍ରଭାରୀ ଭାବେ ନିଯୁକ୍ତ କରିଛି ଏଆଇସିସି। ଓଡ଼ିଶା ସହିତ ତାଙ୍କୁ ତାମିଲନାଡୁ ଓ ପୁଡୁଚେରୀରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଓଡ଼ିଶା ପ୍ରଦେଶ କଂଗ୍ରେସର ପ୍ରଭାରୀ ଥିବା ଡାକ୍ତର ଚେଲ୍ଲା କୁମାରଙ୍କୁ ମେଘାଳୟ, ମିଜୋରାମ ଓ ଅରୁଣାଚଳ ପ୍ରଦେଶ କଂଗ୍ରେସର ପ୍ରଭାରୀ କରିଛି ଏଆଇସିସି। ଓଡ଼ିଶା ପ୍ରଦେଶ କଂଗ୍ରେସର ନୂଆ ପ୍ରଭାରୀ ଅଜୟ କୁମାର ଜଣେ ଡାକ୍ତର। ୧୯୮୫ ମସିହାରେ ସେ ପୁଡୁଚେରୀରୁ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିଥିଲେ। ଏହା ପରେ ସେ ଭାରତୀୟ ପୁଲିସ୍ ସେବାରେ ଯୋଗ ଦେଇଥିଲେ। ସେ ୧୯୮୬ ବ୍ୟାଚ୍ ?ର ବିହାର କ୍ୟାଡରର ଆଇପିଏସ୍ ଅଫିସର ଥିଲେ। ୧୯୮୬ରୁ ୧୯୯୬ ପର୍ଯ୍ୟନ୍ତ ସେ ଆଇପିଏସ୍ ଭାବେ ଚାକିରି କରିଥିଲେ। ୧୯୯୬ରେ ସେ ଚାକିରି ଛାଡ଼ି ଟାଟା ମୋଟର୍ସରେ ଏକ ବରିଷ୍ଠ ପଦବୀରେ ଯୋଗ ଦେଇଥିଲେ। ତା'ପରେ ରାଜନୀତିକୁ ଆସିଥିଲେ। ୨୦୧୧ରେ ଜାମସେଦପୁର ଲୋକସଭା ଆସନରେ ହୋଇଥିବା ଉପନିର୍ବାଚନରେ ସେ ବିଜୟୀ ହୋଇଥିଲେ। ସେତେବେଳେ ସେ ଝାରଖଣ୍ଡ ବିକାଶ ମୋର୍ଚ୍ଚା (ପ୍ରଜାତନ୍ତ୍ରିକ)ର ସଦସ୍ୟ ଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ ଏହି ଆସନରୁ ହାରି ଯାଇଥିଲେ। ▶▶ପୃଷ୍ଠା ୭

## ସମସ୍ତଙ୍କଠାରୁ ଲାଂଚ ନେଉଥିଲେ, ନଦେଲେ ହଇରାଣ କରୁଥିଲେ, ଆଜି ଫସିଗଲେ



କେନ୍ଦ୍ରାପଡ଼ା: ଦୁଇ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଆଜି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ସହକାରୀ କୃଷି ବୈଷୟିକ ପ୍ରବନ୍ଧକ ରାଜେଶ କୁମାର ସେନାପତି। ଜଣେ ସପ୍ଲାୟରଙ୍କ ଠାରୁ ସେ ଏହି ଅର୍ଥ ନେଉଥିଲେ। ସପ୍ଲାୟର ଜଣଙ୍କ ଏମ୍‌ବିଏ କରିଛନ୍ତି। ସେ ନୂଆ ନୂଆ ବ୍ୟବସାୟ କରୁଛନ୍ତି। ଅନ୍‌ଲାଇନ୍‌ରେ ପାଇଥିବା ଅର୍ଡର ଅନୁସାରେ ସେ ଆବଶ୍ୟକ ମେସିନ ଗରଦପୁର ବ୍ଲକ କୃଷି କାର୍ଯ୍ୟାଳୟକୁ ଯୋଗାଇ ଦେଇଥିଲେ। ତେବେ ଏନେଇ ବିଲ୍ ପାସ୍ କରିବାକୁ ସହକାରୀ କୃଷି ବୈଷୟିକ ପ୍ରବନ୍ଧକ ରାଜେଶ କୁମାର ସେନାପତି ତାଙ୍କୁ ହଇରାଣ କରୁଥିଲେ ଓ ତା' ସହିତ ଲାଞ୍ଚ ମାଗୁଥିଲେ। ଅନ୍ୟକୌଣସି ଉପାୟ ନପାଇ ସପ୍ଲାୟର ଜଣଙ୍କ ଟୋଲ୍ ଫ୍ରି ନମ୍ବର ୧୦୬୪ରେ ଫୋନ୍ କରି ରାଜ୍ୟ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ▶▶ପୃଷ୍ଠା ୭

## ଫେରିଲା କରୋନା, ଫେରିଲା ମାସ୍କ: ସ୍ୱାସ୍ଥ୍ୟ ବିଭାଗ ଜାରିକଲା ମାର୍ଗଦର୍ଶିକା



ଭୁବନେଶ୍ୱର, ୨୩/୧୨ (ନି.ପ୍ର): ଦେଶରେ କିଛି ଦିନ ହେବ କୋରନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟାରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ପରେ ତତ୍ପରତା ପ୍ରକାଶ କରିଛି ସ୍ୱାସ୍ଥ୍ୟ ବିଭାଗ। କରୋନା ପାଇଁ ସତର୍କ ରହିବାକୁ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ବୟସ୍କ ଓ ବହୁବିଧ ରୋଗାକ୍ରାନ୍ତଙ୍କୁ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ଘରୁ ବାହାରକୁ ଗଲା ବେଳେ ମାସ୍କ ପିନ୍ଧିବାକୁ ସେମାନଙ୍କୁ କୁହାଯାଇଛି। ଏଭଳି ଲୋକଙ୍କୁ ଜନଗହଳି ଜାଗାକୁ ମଧ୍ୟ ନଯିବାକୁ ପରାମର୍ଶ ଦିଆଯାଇଛି। ଗତ ୩ ତାରିଖରେ ଶେଷ ଥର ପାଇଁ ଓଡ଼ିଶାରେ ଜଣେ ପଜିଟିଭ ▶▶ପୃଷ୍ଠା ୭

## ଦିଲ୍ଲୀରେ ସରିଲା ବିଜେପି ପଦାଧୀକାରୀଙ୍କ ଦୁଇ ଦିନିଆ ବୈଠକ

### ୫୦ ପ୍ରତିଶତ ଭୋଟ ସଂଗ୍ରହ ପାଇଁ କର୍ମୀଙ୍କୁ ମୋଦୀଙ୍କ



ନୂଆଦିଲ୍ଲୀ, ୨୩/୧୨ : ଲୋକସଭା ନିର୍ବାଚନ ଆଉମାତ୍ର କେଇ ମାସ ବାକି ଥିବାବେଳେ ଦଳ ପାଇଁ ୫୦% ଭୋଟ୍ ସଂଗ୍ରହ ଲକ୍ଷ୍ୟରେ ରଖିବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନୂଆଦିଲ୍ଲୀରେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଏକ ରୁଦ୍ଧଦ୍ୱାର ବୈଠକରେ ଉଦବୋଧନ ଦେଇ ସେ କହିଛନ୍ତି ଯେ ୨୦୧୯ରେ ଦଳ ୩୦୩ ଆସନ ଜିତିଥିଲା। ଏଥର ଯଦି ମିଶନ ମୋଡ୍‌ରେ କାର୍ଯ୍ୟ କରାଯାଏ ତେବେ ଏହାଠାରୁ ମଧ ଅଧିକ ଆସନ ଜିତି ହେବ। ସୂତ୍ର ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ବିରୋଧୀଙ୍କ ନକାରାତ୍ମକ ସମାଲୋଚନାର ଆକ୍ରମଣାତ୍ମକ ମୁକାବିଲା କରିବାକୁ ମଧ ସେ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ବିରୋଧୀଙ୍କ ନକାରାତ୍ମକ ଆକ୍ରମଣର ସକାରାତ୍ମକ ଜବାବ ଦେବାକୁ ହେବ। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଦଳୀୟ ରଣନୀତି ଉପରେ ▶▶ପୃଷ୍ଠା ୭

## ଥମୁନି କୁସ୍ତିଯୋଦ୍ଧାଙ୍କ କଳି: ପଦ୍ମଶ୍ରୀ ଫେରାଇଲେ ପୁନିଆ, ସାକ୍ଷୀଙ୍କ ସନ୍ନ୍ୟାସ ଘୋଷଣା



ନୂଆଦିଲ୍ଲୀ, ୨୩/୧୨ : ଦୀର୍ଘଦିନ ହେବ ଚାଲିଥିବା ବିବାଦ ଥମିବା ବଦଳରେ ଦିନକୁ ଦିନ ଉଗ୍ର ହେଉଛି । ସଂଜୟ ସିଂଙ୍କୁ କୁସ୍ତି ମହାସଂଘର ସଭାପତି କରାଯିବା ପରେ ଭାରତୀୟ କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ମର୍ମାହତ ହୋଇ ପ୍ରଥମେ ସାକ୍ଷୀ ମଲ୍ଲିକ କୁସ୍ତିରୁ ସନ୍ନ୍ୟାସ ଘୋଷଣା କରିବା ପରେ ସାମ୍ବାଦିକ ସମ୍ମିଳନୀରେ କାନ୍ଦି କାନ୍ଦି ନିଜ ଦୁଃଖ ଜଣାଇଥିଲେ ଭିନେଶ ଫୋଗଟ । ଆଉ ଏବେ ଚାମ୍ପିୟନ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ପଦ୍ମଶ୍ରୀ ଫେରାଇଛନ୍ତି । କର୍ତବ୍ୟବଥ ଫୁଟପାଥରେ ପଦ୍ମଶ୍ରୀ ପଦକକୁ ରଖି ଚାଲିଯାଇଥିବା ଜଣାପଡିଛି । ପୁନିଆ କହିଛନ୍ତି—ପ୍ରଧାନମନ୍ତ୍ରୀ ବ୍ୟସ୍ତ ଥିବାରୁ ତାଙ୍କୁ ସାକ୍ଷାତ କରିପାରିଲିନି । ପଦ୍ମଶ୍ରୀ ମେଡ଼ାଲକୁ ଘରକୁ ଆଉ ଫେରାଇ ନେବିନି । ଝିଅ ଓ ମାଙ୍କ ପାଇଁ ଆମ ଲଢେଇ ଜାରି ରହିବ । ଆମକୁ ନ୍ୟାୟ ଦେଇପାରିଲେନି ସରକାର । ତେଣୁ ମୁଁ ନିଜକୁ ପଦ୍ମଶ୍ରୀ ସମ୍ମାନର ଯୋଗ୍ୟ ଭାବୁନି । ଚିଠି ସହ ପଦ୍ମଶ୍ରୀକୁ ଛାଡିଯାଉଛି । କୁସ୍ତିଯୋଦ୍ଧାଙ୍କ ସପକ୍ଷରେ ଅନେକ ରାଜନେତାଙ୍କଠୁ ନେଇ କ୍ରୀଡାବିତ ଏବଂ ସେଲିବ୍ରେଟି ଆଗକୁ ଆସିଛନ୍ତି । ବକ୍ସର ବିଜେନ୍ଦ୍ର ସିଂ କହିଛନ୍ତି ଯାହା ସବୁ ଘଟୁଛି ଏହା ଅତ୍ୟନ୍ତ ନିନ୍ଦନୀୟ । ସରକାର ଏହା ଉପରେ ଦୃଷ୍ଟି ଦେବା ଜରୁରୀ । ଅନ୍ୟପଟେ ଶୁକ୍ରବାର କୁସ୍ତିଯୋଦ୍ଧାଙ୍କୁ ଭେଟି ସେମାନଙ୍କ ▶▶ପୃଷ୍ଠା ୭

# କଟକ ଭିଜିଲାନ୍ସ ଓ ଡାଳିଯୋଡା ବନବିଭାଗ ପକ୍ଷରୁ ମିଳିତ ଚଢ଼ଉ : ବିପୁଳ ପରିମାଣର କାଠ ସହ ଟ୍ରକ୍ ଜବତ

ଧର୍ମଶାଳା, ୨୨/୧୨ (ନି.ପ୍ର): ଦୀର୍ଘ ଦିନ ଧରି ପ୍ରଶାସନକୁ ଭୁଆଁ ବୁଲାଇ ଚୋରା କାଠ ବ୍ୟବସାୟ ଚାଲିଥିଲା । ଫଳରେ କାଠ ମାଫିଆମାନେ ସକ୍ରୀୟ ହୋଇ ଗଛ କାଟି ମାଲେମାଲ ହେଉଥିଲେ । କୌଣସି ସୂତ୍ରରୁ ଖବର ପାଇ ଯାଜପୁର ଜିଲା ରସୁଲପୁର ବ୍ଲକ ସାମନ୍ତରାପୁର ପଂଚାୟତସ୍ଥ ବାଲିକୁଦା ଗ୍ରାମରେ କଟକ ଭିଜିଲାନ୍ସ ଓ ଡାଳିଯୋଡା ବନବିଭାଗ ପକ୍ଷରୁ ମିଳିତ ଚଢଉ କରାଯାଇ ଜଣେ ଜନୈକ କାଠ ବ୍ୟବସାୟୀଙ୍କ ବ୍ୟବସାୟ ପ୍ରତିଷ୍ଠାନରୁ ବିପୁଳ ପରିମାଣର କାଠ ସହ ଏକ ବ୍ୟବହୃତ ଟ୍ରକ ଓ କିଛି ଯନ୍ତ୍ରାଂଶଙ୍କୁ ଜବତ କରିଛି । ଜବତ କାଠର ଆନୁମାନିକ ପାଖାପାଖି ୧ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ମିଳିଥିବା ସୂଚନା ମୁତାବକ, ରସୁଲପୁର ବ୍ଲକ ସାମନ୍ତରାପୁର ପଂଚାୟତସ୍ଥ ବାଲିକୁଦା ଅଂଚଳର ଉଦୟନାଥ ସାହୁ ଦୀର୍ଘ ଦିନ ଧରି ଜିଲାର ବିଭିନ୍ନ ସ୍ଥାନରୁ ଚୋରାରେ କାଠ ଆଣିବା ସହ ଗ୍ରାମାଚଂଳରୁ କିଛି କ୍ଷୁଦ୍ର ବ୍ୟବସାୟୀଙ୍କ ନିକଟରୁ ମଧ୍ୟ କାଠ ଆଣି ଫର୍ନିଚର ଦୋକାନରେ ରଖି ବିଭିନ୍ନ ଘରୋଇ କାର୍ଯ୍ୟରେ ବ୍ୟବହୃତ କରିଥାନ୍ତି । ଏହା ସହିତ ବେଆଇନ ଭାବେ ଶାଗୁଆନ, ପଣସ ଓ ଗମ୍ଭାରୀ ଗଛ କାଟି ଏହି କାଠକୁ ନିଜ ବ୍ୟବସାୟ ପ୍ରତିଷ୍ଠାନରେ ମହଜୁଦ ରଖି ଜିଲାର ବିଭିନ୍ନ ସ'ମିଲରେ କାଠ ଚିରାଇଥାନ୍ତି । ତେବେ କୌଣସି ସୂତ୍ରରୁ କଟକ ଭିଜିଲାନ୍ସ ଟିମ୍ ଖବର ପାଇଥିଲେ । ଭିଜିଲାନ୍ସ ଟିମ୍ ଓ ଡାଳିଯୋଡା ବନବିଭାଗ ମିଳିତ ଭାବେ ଆଜି ଅପରାହ୍ନରେ ବାଲିକୁଦା ଗ୍ରାମରେ ଚଢଉ କରିଥିଲେ । ପାଖାପାଖି ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏହି ଚଢଉରେ ସାମିଲ ହୋଇଥିଲେ । ଘଟଣାସ୍ଥଳରେ ଅଧିକାରୀମାନେ ପଂହଚି ୩୦ ସିଫ୍ଟ କାଠ ଗଣ୍ଡି ଜବତ କରିଥିଲେ । ଏବଂ ଚୋରାକାଠ ଚାଲାଣରେ ବ୍ୟବହୃତ ଏକ ଟ୍ରକ ଓ କିଛି ଯନ୍ତ୍ରାଂଶଂକୁ ମଧ୍ୟ ଜବତ କରାଯାଇଛି । ଚଢଉ ଭୟରେ ବ୍ୟବସାୟୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଜବତ କାଠର ଆନୁମାନିକ ମୂଲ୍ୟ ପାଖାପାଖି ୧ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି ।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ

ଜୟପୁର, ୨୨/୧୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ପଂଚାୟତ କାର୍ଯ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି । ରୋଟାରି କ୍ଲବ ଅଫ ଜୟପୁର ପ୍ରାଇଡ ଆନୁକୁଲ୍ୟରେ ମାଗଣା ଦନ୍ତ ପରୀକ୍ଷା ଶିବିର ଏବଂ କ୍ୟାନସର ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି । ଡାକ୍ତର ଅମିତ କୁମାର ଦାସ ଦନ୍ତ ଚିକିତ୍ସା କରିଥିବା ବେଳେ ବିଶାଖାପାଟଣାର ଡାକ୍ତର କେ ଫଣି ଶେଖର ରୋଗୀ ମାଙ୍କର କ୍ୟାନସର ପରୀକ୍ଷା କରିଥିବା ବେଳେ ଡାକ୍ତର ଶେଖ ମହମ୍ମଦ ହୁସେନ ରୋଗି ମାନଙ୍କର ଚିକିତ୍ସା ତଥା ପରୀକ୍ଷଣ କରିଥିଲେ । ଏହି ପରୀକ୍ଷଣ ଶିବିରରେ ପ୍ରାୟ ୯୨ ଜଣ ରୋଗୀଙ୍କର ମାଗଣା ପରୀକ୍ଷଣ କରାଯାଇଥିଲା । ଏହି ଶିବିରରେ ରୋଟାରି କ୍ଲବ ଅଫ ଜୟପୁର ପ୍ରାଇଡର ଅଶୋକ ମିଶ୍ର, ସମ୍ପାଦକ ସୁରେଶ ପାଣିଗ୍ରାହୀ, ଆରତି ମିଶ୍ର, ଜିଭି ରାଓ, ସି. ସାବିତ୍ରୀ, କିରଣ ବାଳା ଶତପଥି, ରାମ ନାଥ ସାହୁ, ରାଣ ହରି ପଣ୍ଡା, ରବି ନାରାୟଣ ନନ୍ଦ, ମୁରଲୀ ଧର ସାବତ, ପ୍ରଭାକର ଚୌଧୁରି, ରତ୍ନାକର ଚୌଧୁରି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଆଗାମି ଦିନରେ ଗ୍ରାମାଚଂଳରେ ମଧ୍ୟ ଏପିରି ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ସଭାପତି ମିଶ୍ର ଓ ସମ୍ପାଦକ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

# ଛାତ୍ରଛାତ୍ରୀମାନେ ଓଡ଼ିଶାର ଭବିଷ୍ୟତ: ଭି.କେ. ପାଣ୍ଡିଆନ୍

କନ୍ଧମାଳ, ୨୨/୧୨ (ନି.ପ୍ର): ଫୁଲବାଣୀ ସ୍ଥିତ କନ୍ଧମାଳ ଷ୍ଟାଡିୟମ ଠାରେ ଗତ କିଛି ଦିନ ଧରି ମହାବିଦ୍ୟାଳୟ ସ୍ତରରେ ଚାଲିଥିବା ନୂଆ-ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଆୟୋଜିତ ଉଦଯାପନୀ ଉତ୍ସବରେ ଯୋଗ ଦେଇ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶାର ଭବିଷ୍ୟତ ବୋଲି କହିବା ସହ ସେମାନଙ୍କୁ ସଫଳତାର ମନ୍ତ୍ର ଦେଇଥିଲେ। କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ଓ ଏହାର ବିକଳ୍ପ ନାହିଁ ବୋଲି କହିଥିଲେ ପାଣ୍ଡିଆନ। ରାଜ୍ୟରେ ଉନ୍ନତ ମାନର ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲାଗୁ କରାଯାଇଥିବା ସ୍କୁଲ ଓ କଲେଜ ରୂପାନ୍ତରଣ ଯୋଜନାକୁ ଯୁଗାନ୍ତକାରୀ ପଦକ୍ଷେପ ଛାତ୍ରଛାତ୍ରୀମାନେ ଏହାର ସୁଯୋଗ ନେବା ଆବଶ୍ୟକ ବୋଲି ପାଣ୍ଡିଆନ କହିଥିଲେ। ଏହି ଅବସରରେ କନ୍ଧମାଳ ଷ୍ଟାଡିୟମ ଠାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ୧୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।ଉପସ୍ଥିତ ଥିବା ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମର ମେଲୋଡି କାର୍ଯ୍ୟକ୍ରମ କୁ ଭରପୁର ଉପଭୋଗ କରିବା ସହ ନୃତ୍ୟ କରିଥିଲେ। ପରେ ସ୍ଥାନୀୟ କରୋନେସନ ପଡିଆ ଠାରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ଅଧ୍ୟକ୍ଷ ଉପସ୍ଥିତ ବିଜେଡି କର୍ମୀଙ୍କୁ ଉଦବୋଧନ ଦେଇଥିଲେ। ଗତ ଦିନରେ ପାଣ୍ଡିଆନଙ୍କ ପ୍ରୟାସରେ ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ଯୋଗାଇ ଦିଆଯାଇଥିବାରୁ ଦଳ ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ବଲାଙ୍ଗୀରରେ ଗଠନ ହେଲା ଏନ.ଜି.ଓ. ଫୋରମ୍

ବଲାଙ୍ଗୀର, ୨୨/୧୨ (ନି.ପ୍ର): ଜିଲ୍ଲା ମୁଖ୍ୟାଳୟର ପୁରୁଣା ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପ୍ରଶାସନ ଓ ପିରାମଲ ଫାଉଂଡେସନର ଆନୁକୂଲ୍ୟରେ ଏକ ୨ ଦିନିଆ ଏନ.ଜି.ଓ. କର୍ମଶାଳା ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ତଥା ନିତି ଆୟୋଗ ପ୍ରଭାରୀ ସୋନିଆଶ୍ରୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳାରେ ଜିଲ୍ଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ଏନ.ଜି.ଓ. ସଂସ୍ଥା ଗୁଡିକୁ ଏକତ୍ରିତ ହୋଇ ଜିଲ୍ଲାର ଉନ୍ନତିରେ ଏକ ମହତ୍ୱପୁର୍ଣ ଭୂମିକା ଗ୍ରହଣ କରିବା ସହ ସମାଜର ତୃଣମୂଳ ସ୍ତରକୁ ସୁଦୃଢ କରାଇବା ଉପରେ ବିଶଦ ଆଲୋଚନା ହୋଇଥିଲା। ପ୍ରଶାସନର ତତ୍ୱାବଧାନରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ସତ୍ୱେ ଏନ.ଜି.ଓ. ସଂସ୍ଥାଗୁଡିକ ଜିଲ୍ଲାର ଅପପୁଷ୍ଟି, ରକ୍ତହୀନତା ଓ ପ୍ରାକ ମେଟ୍ରିକ ଛାତ୍ରବୃତି ଆଦି କାର୍ଯ୍ୟକୁ ମିଳିତ ଭାବରେ କରିପାରିଲେ ସମ୍ପୂର୍ଣ୍ଣ ଲକ୍ଷ୍ୟ ସାଧନ ସହଜ ସାପେକ୍ଷ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବରେ ଆଲେଖ ବିଶ୍ୱାଳ, ସମାଜ ମଂଗଳ ଅଧିକାରୀ ଖାଗେଶ୍ୱର ମହାକୁଡ଼, ଜିଲ୍ଲା ଛାତ୍ରବୃତି କୋଡିନେଟର ଶାଶ୍ୱତ କୁମାର ପାଣିଗ୍ରାହୀ, ଜିଲ୍ଲା ପୋଷଣ କୋଡିନେଟର ସମସ୍ତ ଆଂଚଳିକ ଏନ. ଜି.ଓ. ଗୁଡିକ ଏକତ୍ରିତ ହୋଇଥିଲେ । ଅତିଥି ମାନେ ଏନ. ଜି.ଓ. ଗୁଡିକ ସମାଜର ମଙ୍ଗଳ କରିବା ଉଦ୍ଦେଶ୍ୟରେ ସମସ୍ତ କାର୍ଯ୍ୟ କରିବା ସହ ବଲାଙ୍ଗୀର ଜିଲ୍ଲାକୁ କିପରି ଆକାଂକ୍ଷୀ ଜିଲ୍ଲାରୁ ପ୍ରେରଣା ଦାୟକ ଜିଲ୍ଲା ଗଢିବା ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପିରାମଲ ଫାଉଁଣ୍ଡସନ ଜିଲ୍ଲା ପ୍ରଶାସନ ଓ ଆଞ୍ଚଳିକ ଏନ. ଜି.ଓ. ଗୁଡିକ ସହଭାଗିତା ହୋଇ ସେହି ଲକ୍ଷ୍ୟ ପୂରଣ ହୋଇପାରିବ ତାହା ଉପରେ କାର୍ଯ୍ୟ ଯୋଜନା ତିଆରି କରାଗଲା। ଆଜି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାରେ କାର୍ଯ୍ୟ କରୁଥିବା ଏନ.ଜି.ଓ. ମାନଙ୍କ ସହମତିରେ ଏନ.ଜି.ଓ. ଫୋରମ୍ ର ଗଠନ କରାଗଲା। ପ୍ରାକ ମେଟ୍ରିକ ଛାତ୍ରବୃତି ଆଦି କାର୍ଯ୍ୟକ୍ରମକୁ କିପରି ସବୁ ପିଲା ମାନଙ୍କୁ ମିଳିପାରିବ ସେଥିପାଇଁ ବିଶେଷ ଆଲୋଚନା କରିବା ସହିତ ମିଳିତ ଭାବରେ ଯୋଜନା ବି ତିଆରି କରାଗଲା। ଏହିପରି ଭାବରେ ଆଗାମୀ ଦିନରେ ଅପପୁଷ୍ଟି, ରକ୍ତହୀନତା ବିଷୟରେ ବିଶେଷ ଆଲୋଚନା କରାଯିବ ।

# ଚିତ୍ରକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବନ ବିହାର କାର୍ଯ୍ୟକ୍ରମ ଓ ଗଣିତ ଦିବସ ପାଳନ

ମାଲକାନଗିରି, ୨୨/୧୨ (ନି.ପ୍ର): ସାମ୍ପ୍ରତିକ ସମାଜରେ ବର୍ତମାନ ପରିପେକ୍ଷୀରେ ବନ ବିହାର ଓ ଗଣିତ ମେଳା ଓ ଜେଜେ ବାପା ଜେଜେ ମା ସମ୍ମିଳନୀର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ଅଟେ। ଶିଶୁଙ୍କର ମାନସିକ ବିକାଶ, ନୂତନ ଚିନ୍ତାଧାରାକୁ ନେଇ ଆନ୍ଧ୍ର ଓଡିଶା ସୀମାନ୍ତ ଆଦିବାସୀ ବହୁଳ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ସ୍ଥାନୀୟ ଚିତ୍ରକୋଣ୍ଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟର ପରିଚାଳନା କମିଟି ତଥା ପ୍ରଧାନ ଆଚାର୍ଯ୍ୟ ବାନାମ୍ବର ପ୍ରଧାନଙ୍କ ଆହ୍ୱାନ କ୍ରମେ ବିଦ୍ୟାଳୟର ସମସ୍ତ ଛାତ୍ର ଓ ଛାତ୍ରୀ ମାନଙ୍କୁ ନେଇ ସମସ୍ତ ଗୁରୁମା ଗୁରୁଜୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି ବନ ବିହାର କାର୍ଯ୍ୟକ୍ରମ, ଗଣିତ ଦିବସ ମେଳା ଓ ଜେଜେ ବାପା ଜେଜେ ମା ସମ୍ମିଳନୀ। ଜେଜେ ବାପା ଜେଜେ ମା ସମ୍ମିଳନୀ ଅଶୀ ଜଣରୁ ଊର୍ଦ୍ଧ୍ୱ ଜେଜେ ବାପା ଓ ମା ଯୋଗଦେଇ ଶିଶୁ ମାନଙ୍କ ସହ ଆଲୋଚନା କରିଥିଲେ। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାଲକାନଗିରି ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ, ଚିତ୍ରକୋଣ୍ଡା ବ୍ଲକ ସହାୟକ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ବେହେରା, ଜିପିଓ ହେମନ୍ତ କୁମାର ଭୂୟାଁ, ଚିତ୍ରକୋଣ୍ଡା ସରପଂଚ ହରିମୋହନ ଖିଲ ଓ ବରିଷ୍ଠ ସମାଜସେବି ଦେବେନ୍ଦ୍ର ଦାସ ଯୋଗ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗଣିତ ମେଳାରେ ଛାତ୍ର ଛାତ୍ରୀ ମାନେ ବୁଲି ଯାଇଥିବା ବିଭିନ୍ନ ପ୍ରକଳ୍ପ ପଦର୍ଶନ କରିଥିଲେ ସମସ୍ତ ଛାତ୍ର ଛାତ୍ରୀ ଅଭିଭାବକ ଓ ଅନ୍ୟ ସମସ୍ତେ ମଧ୍ୟ ଆସି ବୁଲି ଦେଖିଥିଲେ। ଏଥି ସହିତ ବିଦ୍ୟାଳୟରେ ବନ ବିହାର ଭୋଜି ପାଇଁ ବେଶ ଆକୃଷ୍ଟ ହୋଇ ଆନନ୍ଦର ସହ ବୁଲାବୁଲି କରିଥିଲେ। ଆନୁଷ୍ଠାନିକ ଭାବରେ ଜେଜେ ବାପା ଜେଜେ ମା ସମିଳନୀ ଅନୁଷ୍ଠିତ ହୋଇଅଛି। ଗଣିତ ମେଳାରେ ଭଲ ପ୍ରଦର୍ଶିତ କରିଥିବା ଛାତ୍ର ଛାତ୍ରୀଙ୍କୁ ଚୟନ କରିବାକୁ ଚିତ୍ରକୋଣ୍ଡା ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଆସି ପରିଦର୍ଶନ କରି ମାର୍କ ଦେଇଥିଲେ। ବିଦ୍ୟାଳୟ ତରଫରୁ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କୁ ଆଜି ବିଦ୍ୟାଳୟର ସଭାପତି ଖିରୋଦ ବେହେରା, ସମ୍ପାଦକ ଶଶାଙ୍କ ଶେଖର କର, କୋଷାଧକ୍ଷ ହେମନ୍ତ ନାୟକ, ସମାଜ ସେବୀ ଦେବେନ୍ଦ୍ର ସାହୁ,ପୂର୍ବତନ କୋଷାଧକ୍ଷ ଏବଂ ବର୍ତମାନ ଯୁଗ୍ମ ସମ୍ପାଦକ ମନୋଜ ପାତ୍ର ଓ ଚିତ୍ରକୋଣ୍ଡା ଏସଏସଡି ବିଦ୍ୟାଳୟ ର ପ୍ରଦାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଙ୍କ ଉପସ୍ଥିତିରେ ନାମ ଘୋଷଣା କରି ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ସୁବାସ ମାଝୀ, ଭାସ୍କର ଗୁଡ଼ିଆ ଏବଂ ଗୁରୁମା ସବିତାମୟୀ ମହାପାତ୍ର, ସୁମତି ପାଇକରାୟ, କେ. ଭାରତୀ, ମନୋରମା ଗୁଡ଼ିଆ, ବାସନ୍ତୀ ଜାନି, ପ୍ରତିମା ଗରଡ଼ା ପରିଚାଳନା କରିଥିଲେ କ୍ଷ ଆଜିର ବନ ବିହାର କାର୍ଯ୍ୟକ୍ରମ ରେ ଶିଶୁ ମାନଙ୍କ ସହ ଜେଜେ ବାପା ଜେଜେ ମା, ଗୁରୁଜୀ ଗୁରୁମା ଏବଂ ଅତିଥି ସମୂହ ଏକାଠି ବସି ଭୋଜନ କରି ଆନନ୍ଦର ସହ ଖୁସି ମନାଇ ଥିଲେ।

# ଦୁର୍ଗା ଚରଣ ସ୍ମୃତି ସଂସଦର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ

ପୁରୀ, ୨୨/୧୨ (ନି.ପ୍ର): ପୁରୀର ଅଗ୍ରଣୀ ଅନୁଷ୍ଠାନ ଦୁର୍ଗା ଚରଣ ସ୍ମୃତି ସଂସଦର ଚତୁର୍ଥ ବାର୍ଷିକ ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଂଚ ଠାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ବିଜୟ କୁମାର ଆପଟ୍ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସତ୍ୟ ନାରାୟଣ ଶତପଥୀ(ଟୁଟୁ )ଦୁର୍ଗାଚରଣଙ୍କ ସ୍ମୃତି ଚାରଣ ସହ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ମତ ଦେଇଥିଲେ । ମାର୍ଗଦର୍ଶକ ବିରେନ୍ଦ୍ର ନାରାୟଣ ଗୋଛିକାର ଦୁର୍ଗାଚରଣଙ୍କ ସ୍ମୃତି ଚାରଣ କରିଥିଲେ । ଶିକ୍ଷାବିତ ଶିବସୁନ୍ଦର ମିଶ୍ର ମଂଚ ପରିଚାଳନା କରିଥିଲେ । ମଂଚରେ ମୁଖ୍ୟ ଅତିଥି ଭାବେ ନିଖିଳ ଉତ୍କଳ ଶିକ୍ଷା କର୍ମଚାରୀ ସଂଘ ର ଉପସଭାପତି ଶାରଦା ଚରଣ ମହାନ୍ତି, ବରିଷ୍ଠ ସମ୍ପାଦକ ଚିତରଞ୍ଜନ ମିଶ୍ର, ଯୁବ ଆଇନୀଜୀବୀ, ସମାଜସେବୀ ତଥା ସମିତିସଭ୍ୟ ପ୍ରସନ୍ନ କୁମାର ମିଶ୍ର ଯୋଗଦେଇ ଦୁର୍ଗାଚରଣଙ୍କ ମହନୀୟତା ଓ ଜନପ୍ରିୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପୁରୀର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶୀ ନୃତ୍ୟ, ଯାଦୁ ଖେଳ ପ୍ରଦର୍ଶିତ ହୋଇଥିଲା। ନାଟ୍ୟକାର ଗଣେଶ୍ୱର ମହାପାତ୍ରଙ୍କ ଲିଖିତ ଓ ରାମକୃଷ୍ଣ ମହାପାତ୍ରଙ୍କ ନିର୍ଦ୍ଦେଶନା ଓ ତତ୍ୱାବଧାନରେ ମଂଚ ନାଟକ ନିସଙ୍ଗ କଳାକାର ମଂଚସ୍ଥ ହୋଇଥିଲା। ଟୁଟୁ ଉଖୁନା, ଜିତୁ ଦାସମହାପାତ୍ର, କାଳୁ ଦାଶ, ଦେବାଶିଷ, ଦେବୀ, ବିରଂଚି, ରାଜବାବର, ରଞ୍ଜିତା ଓ ପ୍ରଣାମ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଓ ଅଭିନୟ କରିଥିଲେ । ଉମାଶିବ ଚିତ୍ରାଳୟର ପ୍ରତିଷ୍ଠାତା ସ୍ୱର୍ଗତ ନରସିଂହ ରାୟ ଅନୁଷ୍ଠାନର ବରିଷ୍ଠ ସଭ୍ୟଙ୍କ ପୁତ୍ର ସ୍ୱର୍ଗତ ସୂର୍ଯ୍ୟ ନାରାୟଣଙ୍କ ଉଦ୍ଦେଶ୍ୟରେ ନାଟକ ପରିବେଷଣ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଉପସଭାପତି ଅରବିନ୍ଦ ଖୁଂଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ପେରୁମଞ୍ଜି ପଂଚାୟତଠାରେ ପଂଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାର ଶୁଭାରମ୍ଭ

ଭବାନୀପାଟଣା, ୨୨/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ପେରୁମଞ୍ଜି ଗ୍ରାମପଂଚାୟତ ଠାରେ ପଂଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା- ୨୦୨୪ ର ଶୁଭ ଉଦଘାଟନ ହୋଇଯାଇଛି । ଆଜି ଠାରୁ କଳାହାଣ୍ଡି ଉତ୍ସବ ୨୦୨୪ ର ଶୁଭାରମ୍ଭ ହୋଇ ଜାନୁଆରୀ ୧୭ ,୨୦୨୪ ପର୍ଯ୍ୟନ୍ତ ପଂଚାୟତ, ବ୍ଲକ, ଉପଖଣ୍ଡ ଓ ଜିଲ୍ଲା ସ୍ତରରେ ସମାପନ ହେବ । ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ କଳାହାଣ୍ଡି ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗ୍ରାମ୍ୟ ଦେବୀ ଧରଣୀ ମନ୍ଦିରରୁ ଶୋଭାଯାତ୍ରାରେ ଆସିଥିବା ମଶାଲକୁ ଗ୍ରହଣ କରି ମଂଚ ନିକଟରେ ସ୍ଥାପନା କରିଥିଲେ । ପୂର୍ବରୁ କର୍ଲାପାଟ ଡୋକରି ମାଁଙ୍କ ମନ୍ଦିରରୁ ଥୁଆମୂଳ ରାମପୁର ବିଡିଓ ମଶାଲ ଆଣି ଧରଣୀ ମନ୍ଦିରରେ ପୂଜା କରିଥିଲେ । ମଂଚରେ ଅନ୍ୟତମ ସମ୍ମାନିତ ଅତିଥିରୂପେ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ , ବି.ଡି.ଓ ଧ୍ରୁବ ଚରଣ ମୁଦୁଲି, ତହସିଲଦାର କବିରାଜ ପ୍ରଧାନ, ଡି.ଆଇ.ପି. ଆର.ଓ ମନୋଜ ବେହେରା, ପ୍ରଚାର ଓ ବିଜ୍ଞାପନ ସବକମିଟି ଅଧ୍ୟକ୍ଷ ତଥା ସାମ୍ବାଦିକ ଶାନ୍ତନୁ ବେହେରା, ଜିଲ୍ଲା ସଂସ୍କୃତି ପରିଷଦ ସଭ୍ୟ ସତ୍ୟ ପ୍ରସାଦ ସିଂ, ଜିଲ୍ଲା ପରିଷଦ ସଭ୍ୟ ଟୁନି ଖୋସାଲା, ମା ମାଣିକେଶ୍ୱରୀ ପଂଚାୟତ କଲେଜ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନ୍ନା, ଅଶୋକ ସିଂ, ସଂଜୀବ ସିଂ, ସରପଂଚ ସଂଘ ଅଧ୍ୟକ୍ଷ, ସମିତି ସଭ୍ୟ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅତିଥିଗଣ ଜିଲ୍ଲାର ସଂସ୍କୃତି, ପରମ୍ପରା, ଐତିହ୍ୟ, ଲୋକ ସଙ୍ଗୀତ, ଲୋକନୃତ୍ୟର ପ୍ରଚାର, କଳାକାରମାନଙ୍କ ପ୍ରତିଭା ନିଦର୍ଶନ, ଜିଲ୍ଲାର ବିକାଶ ଓ ସର୍ବୋପରି କଳାହାଣ୍ଡି ଉତ୍ସବ ପରିବେଶକୁ ଗ୍ରାମ, ପଂଚାୟତ, ବ୍ଲକ ଓ ଜିଲ୍ଲାସ୍ତରରେ ଅଧିକ ସୁନ୍ଦର, ମନୋରମ ଓ ମନୋରଞ୍ଜନର ମାଧ୍ୟମ କରିବାକୁ ସମସ୍ତଙ୍କ ସହଯୋଗ ଲୋଡିଥିଲେ । ଏହି ଅବସରରେ କଳାହାଣ୍ଡି ଉତ୍ସବ ପ୍ରଚାର ଓ ବିଜ୍ଞାପନ କମିଟି ଦ୍ୱାରା ପ୍ରସ୍ତୁତ ଓ ଅନୁମୋଦିତ ଲୋଗୋ ଓ ପୋଷ୍ଟର ର ରୂପରେଖର ଶୁଭ ଉନ୍ମୋଚନ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ କରିଥିଲେ । ଉତ୍ସବ ସ୍ଥଳରେ ଉଦ୍ୟାନ ବିଭାଗ, ଅଗ୍ନିଶମ, ପ୍ରାଣୀ ସମ୍ପଦ, ମିଶନ ଶକ୍ତି, ସମନ୍ୱିତ ଶିଶୁ ବିକାଶ, କୃଷି ବିଭାଗ ନିଜସ୍ୱ ବିଭିନ୍ନ ଯୋଜନାର ସଚେତନତା ସୃଷ୍ଟି କରିଥିଲେ । ବିଭିନ୍ନ ବିଦ୍ୟାଳୟ ଓ ଅନ୍ୟ ଘରୋଇ ସାଂସ୍କୃତିକ ଅନୁଷ୍ଠାନର ପ୍ରାୟ ୨୦ଟି ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ ସେମାନଙ୍କୁ ଅତିଥିଗଣ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ । ଉତ୍ସବ ପଡିଆରେ ଭଲିବଲ ପ୍ରତିଯୋଗିତାକୁ ଉଦଘାଟନ କରାଯାଇଥିଲା ଏବଂ ଏଥିରେ ମୋଟ ୯ଟି ଦଳ ଅଂଶଗ୍ରହଣ କରିଥିଲେ । ମା ମାଣିକେଶ୍ୱରୀ ପଂଚାୟତ ସମିତି କଲେଜ ଚମ୍ପିୟାନ ଏବଂ ଗୁଣପୁର ଏସ ଏସ ଡି ହାଇସ୍କୁଲ ରନର୍ସ ଅପ ହୋଇଥିଲା। ଅତି ମନୋରମ ପରିବେଶରେ ଏକ ହଜାରରୁ ଊର୍ଦ୍ଧ୍ୱ ଆଖପାଖ ଗ୍ରାମବାସୀ ଏହି ଉତ୍ସବ ସ୍ଥଳରେ ଯୋଗ ଦେଇଥିଲେ । ସଭାକୁ ପରିଚାଳନା କରିଥିଲେ ମା ମାଣିକେଶ୍ୱରୀ ପଂଚାୟତ ସମିତି କଲେଜ ଅଧକ୍ଷ ସତ୍ୟନାରାୟନ ମୁଣ୍ଡଛିନ୍ନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଆଇନଜୀବୀ ସଂଜୀବ ସିଂ ।

# ଆଦିବାସୀ ମେଳା ଉଦ୍‌ଘାଟିତ

ଜୟପୁର, ୨୨/୧୨ (ନି.ପ୍ର): ଜୟପୁରରେ ଆଦିବାସୀ ମେଳା ଉଦଘାଟିତ ହୋଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଜୟପୁର ଦ୍ୱାରା ବ୍ଲକ ସ୍ତରୀୟ ଏହି ଆଦିବାସୀ ମେଳା ଆୟୋଜିତ କରାଯାଇଛି । ଖ୍ରୀଷ୍ଟିଆନପେଟା ଜେ.ଇ.ଏଲ.ସି ପଡିଆ ଠାରେ ଆୟୋଜିତ ଏହି ଆଦିବାସୀ ମେଳାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଓ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ବିକାଶ ପରିଷଦର ଉପଦେଷ୍ଟା ପ୍ରଦିପ ମାଝୀ ଉଦଘାଟନ କରିଥିଲେ । ଏହି ମେଳା ଆଜି ଠାରୁ ଆସନ୍ତା ୨୬ ତାରିଖ ଯାଏ ଚାଲିବ । ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ଓ ସଂଗୃହୀତ କଳାସାମଗ୍ରୀ, ଲଘୁ ବନ୍ୟଜାତ ଦ୍ରବ୍ୟ, କୃଷିଜାତ ଦ୍ରବ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଭବ୍ୟ ପ୍ରଦର୍ଶନୀ ଏବଂ ବିକ୍ରୟ ପାଇଁ ଏହି ମେଳା ଆୟୋଜନ କରାଯାଇଛି ।

# ଗଞ୍ଜେଇ କ୍ରୟ କରିବାକୁ ଯିବା ସମୟରେ ଚଢ଼ଉ:୨ ଗିରଫ

ଜୟପୁର, ୨୨/୧୨ (ନି.ପ୍ର): ଗଞ୍ଜେଇ କ୍ରୟ କରିବାକୁ ଯିବା ସମୟରେ ଜୟପୁର ସଦର ପୋଲିସ ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ପଶ୍ଚିମବଙ୍ଗର ରାମ ନାୟ ରୟ (୩୨) ଓ ଲମତାପୁଟର ପ୍ରଦିପ କୁମାର ସେଠି (୩୫) । ପୋଲିସ ସୂଚନା ଅନୁଯାଇ, ସଦର ପୋଲିସ ଜୟପୁର ଘାଟିର ଶିବ ମନ୍ଦିର ନିକଟରେ ଗାଡି ଯାଂଚ୍ କରୁଥିବା ବେଳେ ଏକ ଟ୍ରକ ଡବ୍ଲୁବି- ୧୧ସି-୭୨୬୩ କୋରାପୁଟ ସାଇଡରୁ ଜୟପୁର ଅଭିମୁଖେ ଆସୁଥିଲା । ଉକ୍ତ ଟ୍ରକରେ ଦୁଇ ଜଣ ବସିଥିଲେ । ପୋଲିସ ସନ୍ଦେହରେ ଯାଂଚ୍ କରିଥିଲା । ଯାଂଚ୍ କରିବାରୁ ୫ ଶହ ଟଙ୍କିଆ ବଣ୍ଡଲ ନୋଟ ଠାବ କରିଥିଲା । ପୋଲିସ ଡ୍ରାଇଭରକୁ ପଚର ଉଚରା କରିବାରୁ ସେ କହିଥିଲା ଅଭିଯୁକ୍ତ ପ୍ରଦିପକୁ ସେ ଗଞ୍ଜେଇ ଚାଷ କରିବାକୁ ୧ ଲକ୍ଷ ଦେଇଥିଲା । ଏନେଇ ଆଜି ଜୟପୁରରେ ଗଞ୍ଜେଇ ଦେବା ପରେ ଅଧିକା ଦରରେ ବିକ୍ରୟ ପାଇଁ ଏହାକୁ ରାଂଚିକୁ ଚାଲାଣ କରିଥାନ୍ତା । ଏନେଇ ଜୟପୁର ସଦର ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ଠାରୁ ଟ୍ରକ, ୫ଟି ଲୁହା ପାଇପ, ୫୨ ହଜାର ଟଙ୍କା. ଗୋଟିଏ ମୋବାଇଲକୁ ଜବତ କରିଛି । ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବିଷୟ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ଆଇଏମଟି ଫାର୍ମାସି କଲେଜରେ ୧୩ ତମ ଜାତୀୟ ଫାର୍ମାସି ଆଲୋଚନାଚକ୍ର

ପୁରୀ, ୨୨/୧୨ (ନି.ପ୍ର): ଓଡିଶାର ଅନ୍ୟତମ ଅଗ୍ରଣୀ ଫାର୍ମାସି ଶିକ୍ଷାନୁଷ୍ଠାନ ଆଇ.ଏମ.ଟି. ଫାର୍ମାସି କଲେଜ, ପୁରୀରେ ୧୩ ତମ ଜାତୀୟ ଫାର୍ମାସି ଆଲୋଚନାଚକ୍ର ଉଦ୍ଘାଟିତ ହୋଇଯାଇଛି। ଦ୍ୱିଦିବସୀୟ ଏହି ଆଲୋଚନାଚକ୍ରକୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଅତିଥି ମନେ ଉଦ୍ଘାଟନ କରିଥିଲେ ।'ସ୍ୱଦେଶୀ ଜ୍ଞାନ କୌଶଳ ପ୍ରୟୋଗରେ ଶସ୍ତା ଓ ଉତମ ମାନର ଔଷଧ ଉତ୍ପାଦନ ପାଇଁ ଗବେଷଣା ବର୍ତମାନ ସମୟର ଆବଶ୍ୟକତା ' ଶୀର୍ଷକ ଏହି ଆଲୋଚନାଚକ୍ରରେ ଓଡିଶା ଓ ଓଡିଶା ବାହାରୁ ପ୍ରାୟ ଛଅ ସହ ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଯୋଗ ଦେଇଛନ୍ତି। ଉଦ୍ଘାଟନୀ ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ଡ଼ଃ. ବିଶ୍ୱନାଥ ରଥ ପୌରହିତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଉପମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ଃ. ପ୍ରଣବ ଶଙ୍କର ଦାଶ ମୁଖ୍ୟ ଅତିଥି, ଓଡିଶା ଘରୋଇ ଫର୍ମାସି ଶିକ୍ଷାନୁଷ୍ଠାନ ସଂଘର ସମ୍ପାଦକ ଡ଼ଃ. ମନୋଜ ଦାସ ମୁଖ୍ୟବକ୍ତା ରୂପେ ଯୋଗଦେଇ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜ ର ନିର୍ଦ୍ଦେଶକ ମନୋଜ ରଥ, ଡ଼ଃ. ଅନ୍ନଦା ପ୍ରସାଦ ମହାପାତ୍ର, ଶ୍ରୀମତୀ ଦେବସ୍ମିତା ରଥ ଓ ଅଧକ୍ଷ ଡ଼ଃ. ଅଗ୍ନିମିତ୍ର ଦିଣ୍ଡା ମଂଚାସିନ ହୋଇ ଏହି ଆଲୋଚନାଚକ୍ରର ଗୁରୁତ୍ୱ ବିଷୟରେ ବୁଝାଇ କହିଥିଲେ । ଇତ୍ୟବସରରେ ବିଭିନ୍ନ ଗବେଷଣା ସମ୍ୱଳିତ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଉଦ୍ଘାଟନ ଉତ୍ସବ ପରେ ବୈଜ୍ଞାନିକ ସତ୍ର ଗୁଡିକ ଅନୁଷ୍ଠିତ ହୋଇଥିଲା। ନାଇପାର କୋଲ୍କାତାର ପ୍ରଫେସର ଡ୍. ରୂପ ନାରାୟଣ ଗୁପ୍ତା, ଶ୍ରୀନଗର ଏଚ.ନ.ବି, ଗଡ଼ୱାଲ, ବିଶ୍ୱବିଦ୍ୟାଳୟର ପ୍ରଫେସର ଅଜୟ ଗଜାନନ ନାମଦେଓ, ମହାରାଷ୍ଟ୍ରର ପୁନେ କଲେଜ ଅଫ ଫାର୍ମାସିର ଅଧକ୍ଷ ଡଃ. ଆତ୍ମାରାମ ପାୱାର, ଦୁସାପ ଫାର୍ମାସିଉଟିକାଲ୍ସର କୋଲକାତା ମୁଖ୍ୟ ଡଃ. ସୁନୀଲ କୌଶଲ, ଡ଼ଃ. ରେଡି ଲାବୋରେଟୋରୀର ଉପ ସଭାପତି ଅନୁପ ଅଭିଜିତ ଚୌଧୁରୀ, ମ୍ୟାନକାଇଣ୍ଡ ରିସର୍ଚ ସେଣ୍ଟର, ହରିୟାନାର ସହ ଉପ ସଭାପତି ଡଃ. ସୌମ୍ୟନାଥ ମିଶ୍ର ଯୋଗଦେଇ ତଥ୍ୟ ଭିତିକ ପ୍ରବନ୍ଧମାନ ଉପସ୍ଥାପନ କରି ଛାତ୍ରଛାତ୍ରୀ ଅଧାପକ ମାନଙ୍କୁ ଉଦବୁଦ୍ଧ କରିଥିଲେ। ଛାତ୍ରଛାତ୍ରୀ ମାନେ ଗବେଷଣାତ୍ମକ ତଥ୍ୟକୁ ଚିତ୍ର ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ସର୍ବଶ୍ରେଷ୍ଠ ତିନି ଗୋଟି ପ୍ରଦର୍ଶନକୁ ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ରଂଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସକାଶେ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୨୨/୧୨ (ନି.ପ୍ର): ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଭୋଇ, ଅଶ୍ୱିନୀ ପଣ୍ଡା ଓ ଅଲେଖ ଘୁଟା, ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍,ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱକେସନ ପାଣ୍ଡେ, କ୍ରିକେଟ କୋଚ୍ ଶୁସିଲ ମିଶ୍ର, ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ତାପସ ରାୟ ଚୋଧୁରୀ, ପ୍ରଶାନ୍ତ ଜେନା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଆସନ୍ତା ବର୍ଷ ଜାନୁଆରୀ ୯ ଓ ୧୦ ତାରିଖରେ ହକି, କ୍ରିକେଟ, ଭଳିବଲ, ଫୁଟବଲ, ଖୋ-ଖୋ ଓ କବାଡ଼ି ଆଦି ୬ଟି ପ୍ରତିସ୍ୱର୍ଦ୍ଧାରେ ଜିଲ୍ଲା ସଦର ମହକୁମାର ଏଚ୍ କଟାପାଲି ସ୍ଥିତ ଷ୍ଟାଡିଅମ, ଓ ଏସ୍ ଏ ପି ୨ୟ ବାଟାଲିଆନସ୍ଥିତ ଫୁଟବଲ ପଡ଼ିଆ ଓ ଏଚ୍ କଟାପାଲି ହାଇସ୍କୁଲ ପଡ଼ିଆରେ ପ୍ରତିଯୋଗିତା ଅନୁଷ୍ଠିତ ହେବା ସକାଶେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ବ୍ଲକମାନଙ୍କରୁ ବିଭିନ୍ନ ଦଳ ଯିବା ଆସିବା, ପ୍ରତିଯୋଗିତା ସକାଶେ ରେଫେରୀ, ପ୍ରଚାର ପ୍ରସାର ତଥା ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ ସକାଶେ ଆଲୋଚନା କରାଯିବା ସଂଗେ ସଂଗେ ପ୍ରତିଯୋଗିତା ଗୁଡ଼ିକର ସଫଳ ଆୟୋଜନ ପାଇଁ ସମସ୍ତଙ୍କର ସହଯୋଗ କାମନା କରାଯାଇଛି।

# ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ-୨୦୨୪ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

ମାଲକାନଗିରି, ୨୨/୧୨ (ନି.ପ୍ର): ଆଜି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ-୨୦୨୪ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ବି. ପରମେଶ୍ୱରନ, କମିଶନର, ଚକବନ୍ଦୀ, ଓଡ଼ିଶା ତଥା ଭୋଟର ତାଲିକା ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ବିଶାଲ ସିଂ, ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ, ବେଦବର ପ୍ରଧାନ ଓ ଉପ-ଜିଲ୍ଲାପାଳ ତଥା ଭୋଟର ପଞ୍ଜୀକରଣ ଅଧିକାରୀ, ଡଃ. ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ସମେତ ସମସ୍ତ ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ସହାୟକ ଭୋଟର ପଞ୍ଜୀକରଣ ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ପ୍ରକ୍ରିୟାରେ ମାଲକାନଗିରି ଜିଲ୍ଲା ସକରାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପ୍ରକ୍ରିୟାଟିକୁ ତ୍ୱରାନିତ କରିଥିବାରୁ ପର୍ଯ୍ୟବେକ୍ଷକ ସନ୍ତୁଷ୍ଟି ପ୍ରକାଶ କରିଥିଲେ ଏବଂ ପରବର୍ତୀ ପର୍ଯ୍ୟାୟରେ ଏହିଭଳି ପଦକ୍ଷେପ ଗ୍ରହଣ କରି ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ପ୍ରକ୍ରିୟାକୁ ନିର୍ଦ୍ଧାରିତ ସମୟ ଅନୁସାରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।
ସମୀକ୍ଷା ବୈଠକ ପରେ ପର୍ଯ୍ୟବେକ୍ଷକ ଭୋଟର ପଞ୍ଜୀକରଣ ଅଧିକାରୀ – ତଥା – ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ସେଠାରେ ପ୍ରସ୍ତୁତ କରାଯାଇଥିବା ସ୍ୱିପ୍ କାର୍ଯ୍ୟକ୍ରମ ସମ୍ବନ୍ଧିତ ବିଭିନ୍ନ ଫଟୋ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଫଟୋ ଗ୍ୟାଲେରୀର ଉନ୍ମୋଚନ କରିଥିଲେ । ଫଟୋ ଗୁଡ଼ିକୁ ଦେଖିବା ପରେ ପର୍ଯ୍ୟବେକ୍ଷକ ଖୁସି ପ୍ରକଟ କରିବା ସହିତ ପ୍ରଶଂସନୀୟ କାର୍ଯ୍ୟପାଇଁ ଜିଲ୍ଲା ପ୍ରଶାସନର ନିର୍ବାଚନ ବିଭାଗର ସମସ୍ତ ଉଚ୍ଚ ପଦାଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।
ପରେ ପରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନିର୍ବାଚନ ବିଭାଗକୁ ଆସି ସଂଶୋଧନ ପ୍ରକ୍ରିୟା ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଅବଗତ ହୋଇଥିଲେ । ସଂଶୋଧନ ସଂକ୍ରାନ୍ତିୟ ସମସ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ୨୬ ଡ଼ିସେମ୍ବର ୨୦୨୩ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୪ ଡିସେମ୍ବର ୨୦୨୩
email : rabibarachayan2015@gmail.com



ଧାରାବାହିକ ଉପନ୍ୟାସ

ଡ.ଭାଗବତ ବେହେରା



# ବୈଦେହୀ



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୩୦
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ତାଙ୍କ କଥା ଶୁଣି ହସିହସି ମୁଁ କହିଥିଲି, ଆପଣ ଏ କ'ଣ କହୁଛନ୍ତି ସ୍ୱାମୀ । ନିୟତିକୁ ଲଙ୍ଘନ କରିବାର, ନିୟତିକୁ ଦଣ୍ଡିବାର ଶକ୍ତି କାହାର ଅଛି ? ସ୍ୱୟଂ ପରଂବ୍ରହ୍ମ ତ ନିୟତିର ଦାସ।

ମୋ କଥା ଶୁଣି ସେ କହିଥିଲେ, ତୁମେ ଠିକ୍ କହିଛ ଦେବୀ । ହେଲେ ନିୟତି ଆମକୁ ଦଣ୍ଡଦେବ କ'ଣ ପାଇଁ ? ଆମେ ତ ତା' ନିକଟରେ କିଛି ଅପରାଧ କରିନାହୁଁ ? ତୁମେ ମୋ ଉପରେ ଭରସା ରଖ ଦେବୀ । ଆମେ ଦୁହେଁ ମିଶି ଅଯୋଧ୍ୟାକୁ ସୁନାର ଅଯୋଧ୍ୟା କରି ଗଢ଼ିତୋଳିବା ।

ତାଙ୍କ ତୁଣ୍ଡର ବାକ୍ୟ ସମାପ୍ତ କରିବାକୁ ନଦେଇ ମୁଁ କହିଥିଲି, ଖାଲି ସୁନାର ଅଯୋଧ୍ୟା ନୁହେଁ ସ୍ୱାମୀ ଏ ରାଜ୍ୟ ଦିନେ ରାମ ରାଜ୍ୟ ରୂପେ ଜନମୁଖରେ ବିଦିତ ହେବ । ମୋ ସ୍ୱାମୀଙ୍କର ଦେଶପ୍ରେମ, ଜନ୍ମଭୂମି ପ୍ରତି କର୍ତ୍ତବ୍ୟ, ତାଙ୍କର ତ୍ୟାଗ, ପ୍ରଜାମାନଙ୍କ ପ୍ରତି ସ୍ନେହ ମମତା, ପ୍ରଜାମାନଙ୍କର ଦୁଃଖ ସୁଖ ପ୍ରତି ପୂର୍ଣ୍ଣ ଧ୍ୟାନ, ଏ ରାଜ୍ୟକୁ ଦିନେ ସମଗ୍ର ବିଶ୍ୱରେ ପ୍ରତିଷ୍ଠା ଆଣିଦେବ। ମୋ କଥା ଶୁଣି ମୋତେ ସ୍ନେହ ପାଶରେ ବାନ୍ଧି ଦେଇ ସେ କହିଥିଲେ, ତୁମର ତ୍ୟାଗ, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ତୁମ ସ୍ୱାମୀ ଭକ୍ତି, ପରିବାରର ଅନ୍ୟାନ୍ୟ ସଦସ୍ୟ ପାଇଁ ଯଥାମାନ୍ୟ ତଥା ପ୍ରଜାକୁଳଙ୍କ ପ୍ରତି ତୁମ ଅନ୍ତରରେ ଥିବା ଦରଦ ନିଶ୍ଚୟ ଦିନେ ତୁମ ତୁଣ୍ଡର ବାକ୍ୟକୁ ସଫଳ ରୂପ ଦେବ ।

ଏମିତି ଏମିତି ସୁଖ ପାରାବାରରେ ଭାସିଭାସି, ମହାଆନନ୍ଦର ସ୍ୱପ୍ନ ଦେଖି ଦେଖି ଅଯୋଧ୍ୟାରେ ବିତି ଯାଇଥିଲା କିଛିଦିନ । ଦିନେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇ ମୋ ଶ୍ୱଶୁର, ବିଶ୍ୱାମିତ୍ର, ବଶିଷ୍ଠ ଆଦି ମୁନିଋଷି ସାଧୁସନ୍ଥଙ୍କୁ ଆମନ୍ତ୍ରଣ କରି, ରାଜନ୍ୟ ବର୍ଗକୁ ବସାଇ କହିଥିଲେ, "ମୋର ବାନପ୍ରସ୍ଥ ସମୟ ଏବେ ଆସି ଉପନୀତ ହୋଇଛି । ମୁଁ ବିଚାର କରୁଛି ଏବେ ମୋର ଜ୍ୟେଷ୍ଠପୁତ୍ର ରାମକୁ ରାଜ ସିଂହାସନରେ ଅଭିଷିକ୍ତ କରାଇ, ରାଜ୍ୟଭାର ତାକୁ ସମର୍ପି ଦେଇ ମୁଁ ରାଜକାର୍ଯ୍ୟରୁ ସନ୍ନ୍ୟାସ ନେବି ।"

ସାଧୁସାଧୁ ମହାରାଜ ଦଶରଥ ଧ୍ୱନିରେ କମ୍ପିଉଠିଥିଲା ଅଯୋଧ୍ୟାର ରାଜସଭା । ସମସ୍ତଙ୍କ ତୁଣ୍ଡରେ ସେହି ଗୋଟାଏ କଥା, ଆପଣ ଠିକ୍ ସମୟରେ ଉଚିତ ପଦକ୍ଷେପ ନେଉଛନ୍ତି ମହାରାଜ ଦଶରଥ । ରାମଚନ୍ଦ୍ର ରାଜ ସିଂହାସନ ଆରୋହଣ କରିବା ପ୍ରଜାକୁଳ ମଧ୍ୟ ଚାହୁଁଛନ୍ତି ।

ସେଦିନ ସର୍ବ ସମ୍ମୁଖରେ ମୋ ଶ୍ୱଶୁର ଘୋଷଣା କରିଥିଲେ ଅଳ୍ପଦିନ ମଧ୍ୟରେ ଶୁଭଦିନ ଦେଖି ରାଜସୂୟ ଯଜ୍ଞର ଆୟୋଜନ କରି ମୁଁ ରାମ ମସ୍ତକରେ ଅଯୋଧ୍ୟାର ଏ ମଣିମୟ ମୁକୁଟ ପିନ୍ଧାଇ ଦେବି ।

ମୋ ଶ୍ୱଶୁରଙ୍କର ଏକଥା ଶୁଣି ମୁଁ ଆନନ୍ଦରେ ଅଧୀର ହୋଇ ପଡ଼ିଥିଲି । ମୋ ସ୍ୱାମୀ ହେବେ ଅଯୋଧ୍ୟାର ରାଜା । ଏହାଠାରୁ ଗୌରବ ମୋ ପକ୍ଷରେ ଆଉ କ'ଣ ଥାଇପାରେ । ଏକଥା ଶୁଣି ମୋ ସ୍ୱାମୀ କିନ୍ତୁ ଦୁଃଖିତ ହୋଇ ପଡ଼ିଥିଲେ । ତାଙ୍କୁ ଭାଙ୍ଗି ପଡ଼ିବାର ଦେଖି ମୁଁ କହିଥିଲି, "ଆପଣ ରାଜା ହେବା ଶୁଣି ସାଧାରଣ ପ୍ରଜାଙ୍କ ଠାରୁ ଆରମ୍ଭ କରି ରାଜନ୍ୟବର୍ଗ ସମସ୍ତେ ଆନନ୍ଦରେ ଅଧୀର ହୋଇ ପଡୁଥିବାବେଳେ, ଆପଣ ଏତେ ଦୁଃଖିତ କାହିଁକି ସ୍ୱାମୀ ।" ମୋ କଥା ଶୁଣି ସେ କହିଥିଲେ, ପ୍ରକୃତରେ ମୋର ସୁଖ, ଆନନ୍ଦର ଦିନ ସରିଆସିଲା ବୈଦେହୀ । ମୁଁ ଭାବିଥିଲି ଆଉ କିଛିଦିନ ତୁମ ସ୍ନେହ ପ୍ରେମର ରଂଗ ମାଖି, ତୁମ କୋଳରେ ମସ୍ତକ ରଖି ଆକାଶର ଜହ୍ନ ତାରାଙ୍କୁ ଦେଖି, ତୁମ ପ୍ରୀତି ପାରାବାରରେ ସନ୍ତରଣ କରି ସମୟ ବିତାଇ ଦେଇଥାନ୍ତି ।

ତାଙ୍କ କଥା ଶୁଣି ହତବାକ୍ ହୋଇ ମୁଁ କହିଥିଲି, "ମୁଁ କ'ଣ ଆପଣଙ୍କ ଠାରୁ ଦୂରେଇ ଯାଉଛି କି ସ୍ୱାମୀ ? ମୁଁ ତ ସବୁବେଳେ ଆପଣଙ୍କ ଅଂଗ ଦାସୀ ହୋଇ ରହିଥିବି । ତୁମ ସ୍ତ୍ରୀ ଧର୍ମ ତୁମେ ପାଳନ କରିବ ସୀତେ ! ହେଲେ ମୋ ସ୍ୱାମୀ ଧର୍ମ ମୁଁ ପାଳନ କରି ପାରିବି ନାହିଁ । ପ୍ରଜାର ସମସ୍ତ ସୁଖ, ଦୁଃଖ, ହାନି, ଲାଭ, ଭଲମନ୍ଦ ବୁଝିବା ରାଜାର କର୍ତ୍ତବ୍ୟ । ପ୍ରଜାମାନଙ୍କ ବିନ୍ଦୁବିନ୍ଦୁ ରକ୍ତରେ ରାଜାର ସିଂହାସନ । ସେମାନଙ୍କ ସୁଖରେ ରାଜା ସୁଖୀ, ଦୁଃଖରେ ଦୁଃଖୀ । ସେମାନଙ୍କ କଥା ବୁଝୁବୁଝୁ ଦିବସ ରାତ୍ରି ଏକ ହୋଇଯିବ । ଆଉ ସମୟ କେତେବେଳେ ପାଇବି ଯେ ଏହିକଥା କହୁକହୁ ମୋ ସ୍ୱାମୀଙ୍କ ଆଖି ଛଳଛଳ ହୋଇ ଯାଇଥିଲା । ତାଙ୍କ ଚକ୍ଷୁର ଅଶ୍ରୁକୁ ମୁଁ ମୋ ପିନ୍ଧାପଣତରେ ପୋଛି ଦେଇ କହିଥିଲି, "ଆପଣ ଠିକ୍ କହିଛନ୍ତି ସ୍ୱାମୀ । ମୋ ପିତା ଜନକ ରାଜର୍ଷିଙ୍କ ଠାରୁ ମୁଁ ଶୁଣିଛି ରାଜାର ପ୍ରଥମ ଧର୍ମ ପ୍ରଜାପାଳନ, ଦ୍ୱିତୀୟଧର୍ମ ରାଜ୍ୟକୁ ଶତ୍ରୁକବଳରୁ ରକ୍ଷା କରିବା, ତୃତୀୟ ଧର୍ମ ହେଉଛି ରାଜନ୍ୟବର୍ଗ, ରାଜ କର୍ମଚାରୀଙ୍କୁ ସଠିକ୍ ଦିଗ୍‌ଦର୍ଶନ ଦେଇ ଉଚିତ ମାର୍ଗରେ ପରିଚାଳିତ କରିବା । ଏହାପରେ ରାଜାଙ୍କ ଚତୁର୍ଥ ଧର୍ମ ହେଉଛି ତାଙ୍କ ପରିବାର, ପିତା, ମାତା, ପୁତ୍ର, କନ୍ୟା, ପତ୍ନୀଙ୍କର ଯତ୍ନ ନେବା।

ମୋ କଥା ଶୁଣି ସେ କହିଥିଲେ ପ୍ରକୃତରେ ତୁମେ ବିଦୂଷୀ ମୈଥିଳୀ । ତୁମର ବିଚାରଧାରାକୁ ମୁଁ ସମ୍ମାନ କରୁଛି । ପିତା ଯେତେବେଳେ ଆଦେଶ ଦେବେ ତାହା ପାଳନ କରିବା ମୋର କର୍ତ୍ତବ୍ୟ । ମୁଁ କ'ଣ ତାଙ୍କୁ ମନା କରିବି ମୋତେ ରାଜପଦରେ ଅଭିଷିକ୍ତ କରିବା ପାଇଁ ?

ନାଁ ସ୍ୱାମୀ ଆପଣ ତାହା କରି ପାରିବେ ନାହିଁ ବରଂ ପିତା ସ୍ୱର୍ଗ, ପିତା ଧର୍ମ, ପିତା ହିଁ ପରମ ତପ ବୋଲି ମାନି ତାଙ୍କ ଆଦେଶ ପାଳନ କରନ୍ତୁ।

ମୋ ଶ୍ୱଶୁରଙ୍କ ଘୋଷଣା ପରେ ଅଯୋଧ୍ୟାରେ ବହି ଯାଇଥିଲା ମହାଆନନ୍ଦର ଧାରା। ପ୍ରଜାକୁଳଙ୍କର ଆନନ୍ଦ କହିଲେ ନସରେ। ରାମଚନ୍ଦ୍ର ରାଜା ହେବା କଥା ଶୁଣି ସ୍ଥାନେସ୍ଥାନେ ସେମାନେ ଉତ୍ସବର ଆୟୋଜନ କରୁଥିଲେ । ଅଯୋଧ୍ୟା ରାଜବାଟୀରେ ମଧ୍ୟ ଉତ୍ସବର ଲହରୀ। କେଉଁଦିନକୁ ସମୟ ନିର୍ଦ୍ଧାରିତ ହେବ । ଯଜ୍ଞ ମହୋତ୍ସବ ହେବ, ସେହି ଦିନକୁ ସମସ୍ତେ ପ୍ରତୀକ୍ଷା କରି ରହିଥା'ନ୍ତି ।

ଦିନକର ଘଟଣା । ସନ୍ଧ୍ୟା ସମୟରେ ମୋ ଶ୍ୱଶୁର ମୋର ତିନିଜଣ ଶାଶୁଙ୍କୁ ଡକାଇ ମୋ ସ୍ୱାମୀ ରାଜା ହେବା କଥା ଶୁଣାଇ ସେମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ସୂଚନା ଦେଉଥିଲେ । ମୋ ଜ୍ୟେଷ୍ଠ ଶାଶୁ ତଥା କନିଷ୍ଠ ଶାଶୁ ଏହା ଶୁଣି ଆନନ୍ଦରେ ଅସ୍ଥିର ହୋଇପଡୁଥିଲା ବେଳେ, ମୋ ମଝିଆ ଶାଶୁ କୈକେୟୀଙ୍କ ଅନ୍ତରରେ ଦୁଃଖ ପୂରି ରହିଥିବାର ଜାଣି ମୋ ଶ୍ୱଶୁର କହିଥିଲେ କୈକେୟୀ, କ'ଣ ହୋଇଛି ତୁମର ? ତୁମ ପୁତ୍ର ରାମ ରାଜା ହେବା କଥା ଶୁଣି ତୁମେ କ'ଣ ସନ୍ତୁଷ୍ଟ ନୁହଁ ?

ମୋ ଶ୍ୱଶୁରଙ୍କ କଥା ଶୁଣି ଅଧରରେ ଶୁଖିଲା ହସର ରେଖାଟିଏ ଫୁଟାଇ ସେ କହିଥିଲେ, "ରାମ ରାଜା ହେଲେ ସବୁଠୁଁ ଖୁସି ମୁଁ ହେବି । ମୋ ପୁଅ ଭରତକୁ ମୁଁ ଯେତେ ସ୍ନେହ ନକରେ ତା ଠୁଁ ଅଧିକ ସ୍ନେହ...

ତୁମେ ରାମକୁ କର କୈକେୟୀ । ହେଲେ ତୁମ ମନରେ ଏ ବିଷାଦ...

ଶ୍ୱଶୁରଙ୍କୁ କଥା ସଂପୂର୍ଣ୍ଣ କରିବାକୁ ନଦେଇ ଚକ୍ଷୁରୁ ଦୁଇଟୋପା ଅଶ୍ରୁ ଝରାଇ ସେ କହିଥିଲେ, ମୋ ମନରେ କଣ ପାଇଁ ଦୁଃଖ ତାହାକୁ ତୁମେ ଜାଣିପାରିବ ନାହିଁ ସ୍ୱାମୀ ।

ତାଙ୍କ କଥାରେ ବ୍ୟାଘାତ ସୃଷ୍ଟିକରି ମୋ ଶ୍ୱଶୁର କହିଥିଲେ, "ତୁମ ମନର ଦୁଃଖ ମୁଁ ଜାଣିପାରିବି ନାହିଁ କୈକେୟୀ । ତୁମେ ମୋର ଏକାନ୍ତ ପ୍ରିୟ । ମୋର ଅନ୍ୟ ଦୁଇ ରାଣୀ ଥିଲେ ମଧ୍ୟ ମୁଁ ତାଙ୍କ ଠୁଁ ଅଧିକ ଭଲ ତୁମକୁ ପାଏ । ତୁମର କ'ଣ ହୋଇଛି କୁହ ପ୍ରିୟେ, ତୁମ ଅନ୍ତରର କି ଦୁଃଖ ତାହା ପ୍ରକାଶ କର ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

---

ପ୍ରସଙ୍ଗ (୧)

# ଧୃତରାଷ୍ଟ୍ରର ଆଖି

ସୃଷ୍ଟିଧର ପରିଡା



କହିଲ ଅବିନାଶ, ଏବେ ମୁଁ ଭଲଭାବରେ ଉପଲବ୍ଧି କରିପାରୁଛି କଣ ପାଇଁ ଭରପୂର ରାଜସଭାରେ ଯେତେବେଳେ କୌରବମାନେ ଦ୍ରୌପଦୀଙ୍କୁ ଅପମାନ କରୁଥିଲେ ଓ ତାକୁ ବିବସ୍ତ୍ର କରୁଥିଲେ, ସେତେବେଳେ ଭୀଷ୍ମଙ୍କ ପରି ବହୁ ବିଜ୍ଞ ବୀର ପୁରୁଷମାନେ କାହିଁକି ବିବଶ ହୋଇ ପଡ଼ିଥିଲେ ଓ ଏହି କୁତ୍ସିତ ଓ ଘୃଣିତ କାର୍ଯ୍ୟକୁ ନିରବରେ ମୁଣ୍ଡ ପାତି ସହିଯାଉଥିଲେ ।

ଧୃତରାଷ୍ଟ୍ର ଆଉ ଦୁର୍ଯ୍ୟୋଧନ ଓ ଦୁଃଶାସନଙ୍କ ପରି ଅବିବେକିଙ୍କ ହୀନକାର୍ଯ୍ୟକୁ ଭୀଷ୍ମ ଓ ବିଦୂରଙ୍କ ପରି ଜ୍ଞାନୀ ଶାସ୍ତ୍ରଜ୍ଞମାନେ କାହିଁକି ସମର୍ଥନ କରୁଥିଲେ, ତୁମେ ଜାଣିଛ ?

ସେତେବେଳେ ସେମାନେ ସବୁ ଜାଣି ନଜାଣିଲା ପରି ନୀରବ ରହୁଥିଲେ କାହିଁକି ? କେଉଁ ପରିସ୍ଥିତି ଓ ସମସ୍ୟା ସେମାନଙ୍କୁ ବାଧ କରୁଥିଲା ଏ ପ୍ରକାର ହୀନ ଓ କୁତ୍ସିତ କାର୍ଯ୍ୟକୁ ନୀରବରେ ଦେଖିବାପାଇଁ ? କାହିଁକି ସେମାନେ ଏମାନଙ୍କୁ ବାଧାଦେଇ ପାରୁନଥିଲେ ଏହି ହୀନକାର୍ଯ୍ୟକୁ ?

ବାଧା ଦେବାର ସାହସ ବି ଜୁଟେଇ ପାରୁନଥିଲେ । ବୁଝିଲ ଅବିନାଶ ଆଜି ସେମାନଙ୍କ ପ୍ରସଙ୍ଗ ଅବତାରଣ କରିବାର ଉଦ୍ଦେଶ୍ୟ କ'ଣ ଜାଣିଛ ?

ସେଦିନ ସିନା ଜଣେ ଧୃତରାଷ୍ଟ୍ର ଥିଲେ, ଆଜି କିନ୍ତୁ ହଜାର ହଜାର ଧୃତରାଷ୍ଟ୍ର । ସମସ୍ତଙ୍କର ଆଖି ଥାଇ ସମସ୍ତେ ଅନ୍ଧ । ମୂକ, ବଧିର ବି । ସେଦିନ ସିନା ଗାନ୍ଧୀଙ୍କର ତିନି ମାଙ୍କଡ ମନ୍ଦକଥା ଦେଖିବାନାହିଁ, ଶୁଣିବା ନାହିଁ, କହିବା ନାହିଁ ବୋଲି ଆଖି, କାନ ଓ ପାଟି ବନ୍ଦ କରିଥିଲେ, ହେଲେ ଆଜି ସମସ୍ତଙ୍କର ସବୁ ଥାଇ କିଛଇନାହିଁ । କେହି କିଛି ଦେଖୁନାହାନ୍ତି, ଶୁଣୁନାହାନ୍ତି କି କହୁନାହାନ୍ତି ।

ବୁଝିଲ ଅବିନାଶ, ସତକଥା କହିଲେ ଆଜି ସମାଜରେ ଭଲ ଲୋକଙ୍କର ସଂଖ୍ୟା ଏତେ ନ୍ୟୁନ ଯେ ତାଙ୍କୁ ଖୋଜିପାଇବା କଷ୍ଟ । ପ୍ରାୟ ସମସ୍ତେ ନିଜର ସ୍ୱାର୍ଥ ଉଦ୍ଦେଶ୍ୟ ଓ ବ୍ୟକ୍ତିଗତ ଫାଇଦାରେ ନିମଗ୍ନ । ବହୁ ପ୍ରତିଷ୍ଠିତ ରାଜନୈତିକ ବ୍ୟକ୍ତିବିଶେଷ ଅଛନ୍ତି କେହି ଜଣେ ଛାତିରେ ହାତ ଦେଇ କହିପାରିବେ ନାହିଁ ଯେ ସେ ଶହେଭାଗ ସମାଜର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ଚେଷ୍ଟା କରୁଛନ୍ତି ? ବରଂ ସମସ୍ତେ ସ୍ୱାର୍ଥ, କ୍ଷମତା ଖେଳରେ ମାତିଛନ୍ତି । କିଏ ଜଣେ ଉପରକୁ ଉଠିଲେ ଆଉଜଣେ ଚାହୁଁଛି ତା'ର ଗୋଡ ଟାଣି, ପଛରୁ ଛୁରି ମାରି, ତା' ବିଷୟରେ ସତମିଛକହି ସାଧାରଣରେ ତାକୁ ନିନ୍ଦିତ କରିବ ଓ ସେ ଚଢୁଥିବା ସିଡିଟିକୁ କଳେବଳେ କୌଶଳେ ଟାଣି ଆଣି ନିଜେ ସେଇ ସିଡିରେ ଉପରକୁ ଉଠିବ । ଅଦ୍‌ଭୁତ ମାନସିକତା ଆମ ସମାଜର ବଡପଣ୍ଡାମାନଙ୍କର । ସମାଜର ପ୍ରଗତି ଓ ବିକାଶ ପାଇଁ ଏମାନେ ସମସ୍ତେ କେବଳ କୁମ୍ଭୀର କାନ୍ଦଣା କାନ୍ଦନ୍ତି ଓ କହନ୍ତି ସାଧାରଣ ଲୋକଙ୍କ ସେବା କରିକରି ଆମେ ଆଜି କ୍ଳାନ୍ତ ଓ ଅବଶ । ଆମ ପାଖରେ ନିଜପାଇଁ ଚିନ୍ତା କରିବାକୁ ସମୟ ନାହିଁ । ଏମିତି ଲୋକଙ୍କୁ ମିଠାକଥାର ସ୍ଲୋ ପଏଜନ ଦେଇ ଛଳନା ପ୍ରତାରଣା ଭିତରେ ସାଧାରଣ ଜନତାକୁ ବାନ୍ଧି ରଖିଥିବା ଏହି ବଡପଣ୍ଡାମାନେ ସମାଜର ଉନ୍ନତି ଓ ପ୍ରଗତି କଥା ବୁଝିବେ କେତେବେଳେ ? ଜିତି ସାରିବା ପରେ ତାଙ୍କର କଣ ଆଉ ପୂର୍ବର ଆନ୍ତରିକତା ଥାଏ ?

ଏବେ ପ୍ରଶାସନିକ ସ୍ତରରେ ଯେଉଁ ଅବ୍ୟବସ୍ଥା ଉପୁଜିଛି, ଏହି ଅସଜଡା ସମାଜକୁ ସଜାଡ଼ିବା ପାଇଁ ସେଭଳି ରାଜନେତା ଦେଖାଯାଉନାହାନ୍ତି । କେହି ଜଣେ ନାହାନ୍ତି ଯିଏ ଜଣେ ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀଂକୁ ପ୍ରଶ୍ନ କରି ପାରିବ ଯେ, 'ଆପଣ ସାଧାରଣ ଲୋକଙ୍କ ଅର୍ଥକୁ ବାଟମାରଣା କରି ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି କାହିଁକି ? ଆପଣ ଯଦି ସର୍ବସାଧାରଣଙ୍କ ଅର୍ଥକୁ ଠିକ୍ ଭାବରେ ବିନିଯୋଗ ନ କରନ୍ତି, ତେବେ ଆପଣଙ୍କୁ ତା'ର ପରିଣାମ ଭୋଗିବାକୁ ପଡ଼ିବ ।'

ଦିନଥିଲା, ଥିଲେ ଜଣେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ । ଯେମିତିକା ନେତାଥିଲେ, ସେମିତିକା କାମ କରିବାର ନିଆରା ଶୈଳୀ ଥିଲା । ଦୁର୍ନୀତିରେ ଲିପ୍ତ ଥିବା ବ୍ୟକ୍ତିଙ୍କୁ ଚାପୁଡ଼ା ମାରି କହିପାରୁଥିଲେ ତୁମେ ଜଣେ ଦୁର୍ନୀତିଗ୍ରସ୍ତ ଅଫିସର । ଦୁଃଖ ଲାଗୁଛି ଅବିନାଶ, ଆଜି ସେଭଳି ରାଜନେତା ନାହାନ୍ତି ? ସାଧାରଣ ଲୋକଙ୍କ ଅର୍ଥକୁ ପ୍ରଶାସନିକ ସ୍ତରରେ ହରିଲୁଟ କରାଯାଉଛି, ରାଜନେତାମାନେ ସବୁ ଦେଖୁଛନ୍ତି, ବୁଝୁଛନ୍ତି । ହେଲେ କାହା ପାଟିରୁ ପଦଟିଏ ପ୍ରଶ୍ନ ବାହାରୁ ନାହିଁ । କୁମ୍ଭୀରକୁ ଗୋଳିଆ ପାଣି ସୁହାଇଲା ଭଳି ସମସ୍ତେ ଏକାକାର ।

ଏବେ ନେଡିଗୁଡ କହୁଣିକୁ ବୋହିଗଲା ପରି ସବୁକିଛି ଅଣାୟତ୍ତ ହେବାରେ ଲାଗିଛି । ସମସ୍ତଙ୍କର ସେହି ଗୋଟିଏ ଉଦ୍ଦେଶ୍ୟ, କେମିତି କଳେବଳେ କୌଶଳେ ସରକାରୀ ଧନରୁ ପୁଳେ ପୁଳେ ମାରିନେଇ ବଡ଼ଲୋକ ହେବା ଏବଂ ଆଗାମୀ ବଂଶଧରଙ୍କ ପାଇଁ ସଜାଡି ରଖିବା ।

ତେଣୁ ଅବିନାଶ, ସେଦିନର କୁରୁସଭା ତଳେ ବିଦୁର ଓ ଭୀଷ୍ମଙ୍କ ପରି ବ୍ୟକ୍ତିବିଶେଷମାନେ ଯେପରି ଧୃତରାଷ୍ଟ୍ରର ଅନ୍ୟାୟ କାର୍ଯ୍ୟକୁ ଦେଖି ନୀରବ ଦର୍ଶକ ସାଜୁଥିଲେ, ଏବେ ସେହିଭଳି ଗୋଟେ ସମୟ ଆସିଛି । ଆମେ ସମସ୍ତେ ସେହିଭଳି ବିବଶତା ଭିତରେ ବଂଚିବାକୁ ବାଧ୍ୟ ହେଉଛୁ । ସେମାନଙ୍କ ବିରୁଦ୍ଧରେ ଆମପରି ଲୋକମାନେ ଯଦି ପାଟି ଫିଟାନ୍ତି ତେବେ ଆମମାନଙ୍କର ଅବସ୍ଥା ଯାହା ହେବ, ନକହିଲେ ବି ବୁଝି ପାରୁଥିବ ।

ଯାହା କୁହ ଅବିନାଶ, ଭୀଷ୍ମ ଦ୍ରୋଣଙ୍କ ପରି ନିରବ ରହିବା ଶହେଗୁଣ ଶ୍ରେୟସ୍କର ।

ମୋ କଥାକୁ ଶୁଣି ଅବିନାଶ ସ୍ମିତ ହସି କହିଥିଲା : ବୁଝିଲେ ଭାଇ, ସେଦିନ ଧୃତରାଷ୍ଟ୍ରଙ୍କ ସମେତ ତାଙ୍କ ସଭାରେ ଦୁର୍ଯ୍ୟୋଧନ, ଦୁଃଶାସନ ପରି ଯେଉଁମାନେ ଥିଲେ, ସମୟ ସେମାନଙ୍କ ଭିତରୁ କାହାକୁ ବି କ୍ଷମା ଦେଇନି । ସମୟ ଯେମିତି ସେମାନଙ୍କର ବିନାଶ କରିଥିଲା,ସେମିତି ହିଁ ଯୁଧିଷ୍ଠିର, ଅର୍ଜୁନ ଓ ଭୀମମାନଙ୍କ ପରି ସତ୍‌ପୁରୁଷମାନଙ୍କର ସ୍ୱପ୍ନ ସାକାର ହୋଇଥିଲା । ତେଣୁ ସତ୍ୟ ସବୁଦିନ ସତ୍ୟ, ମିଥ୍ୟା ସବୁଦିନ ମିଥ୍ୟା । ଆଜି ଆପଣଙ୍କ କଥା ଯାହାକୁ ବି ଖରାପ ଲାଗୁ କିନ୍ତୁ ଯାହା ସତ୍ୟ, ତାହା ସତ୍ୟ । ଖରାପ ସବୁବେଳେ ଖରାପ, ଅନ୍ୟାୟ ସବୁବେଳେ ଅନ୍ୟାୟ । ତାହାର ଆରମ୍ଭ ନାହିଁ କି ଶେଷ ନାହିଁ । କିନ୍ତୁ ସତ୍ୟର ଦିନେ ନା ଦିନେ ଜୟ ହେଇଥାଏ, ଇତିହାସ ଯାହାର ସାକ୍ଷୀ ହୋଇ ରହିଛି । ପୃଥିବୀପୃଷ୍ଠରେ ବହୁ ସ୍ୱେଚ୍ଛାଚାରୀ ରାଜାଙ୍କର ପତନ ହୋଇଛି । ଆପଣ ନିଶ୍ଚିତ ରୁହନ୍ତୁ, ଆଜି ଯେଉଁମାନେ ସେହିଭଳି ଗୁଣକୁ ଆପଣାଉଛନ୍ତି, ସେମାନଙ୍କର ପତନ ଅବଶମ୍ଭାବୀ ।

♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର-୧
(ମୋ) ୯୪୩୭୦୬୩୭୦୫

---

କବିତା...

## ॥ ପ୍ରଥମ ଦୃଶ୍ୟ ॥

ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ



ଭୋର ହେଇଆସିଲାଣି ନିଶ୍ଚୟ।
ଦେଖୁନ !
ସୂର୍ଯ୍ୟୋଦୟ କିରଣର କାରୁକାର୍ଯ୍ୟ
କେମିତି ରଂଗେଇ ଦେଇଛି
ଆକାଶର ପଣତକାନି ।

ସେ ମସ୍‌ଜିଦ ପାଖର ପାହାଡ଼
କେତେ ସୌମ୍ୟ ଦିଶୁଛି।

ଉଚ୍ଚା ଉଚ୍ଚା ଇମାରତକୁ ଚାହୁଁନ
ସୁପ୍ତ ସହର ଏବେ ଆଖି ମଳୁଛି
ନିଘୋଡ଼ ନିଦରୁ ଉଠି ।

ପାହାନ୍ତି ତାରା ବି ହସୁଛି
ବିଦାୟ ଘଡିରେ
ସନ୍ଧ୍ୟାରେ ଆସିବାକୁ ପ୍ରତିଶ୍ରୁତି ଦେଇ
ଏବେ ଆଶ୍ୱସ୍ତ ତୁମେ
ଯେ ନିରର୍ଥକ ନୁହେଁ
ଆମ ବଞ୍ଚିବା।

ଏବେ ଆଲୁଅ ଆସିବ
ହସିଉଠିବ ରଶ୍ମିଳପିଣ୍ଡ
ଧାସ ଥିବ
ଦୀପ ବି ଜଳିବ
ତୁମେ ହସୁଥିବ ଏ ରଂଗୀନ
ଜୀବନକୁ ଦେଖି ।

ଆଉ ପ୍ରଶ୍ନ ନଥିବ ତୁମର
ଏ ଉତ୍ସବମୟ ବେଳାରେ
ତୁମର ବ୍ୟତିବ୍ୟସ୍ତତା କହିବ
ଏ ଉଦୟମାନ୍ ଜୀବନକଥା ।

ସାଇତି ରଖ
ପ୍ରାତଃ କାଳର ଏ ମନୋହର
ଚିତ୍ରପଟ ।
ବିଛାଡି ପଡ଼ିଛି ଦେଖ ଆକାଶ
ଆସନ୍ତା ଭବ୍ୟ ଜୀବନର
ସୁଖଦ ମୁହୂର୍ତ୍ତରେ ରଂଜିତ ହୋଇ
ଏବେ ଭାବୁନ !
ଆମର ବଞ୍ଚିବା
ଜମାରୁ ନିରର୍ଥକ ନୁହେଁ ।

♥ ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ଡକ୍ଟର ପର୍ଶୁରାମ ମିଶ୍ର ଅଗ୍ରଗାମୀ
ଶିକ୍ଷା ପ୍ରତିଷ୍ଠାନ, ସମ୍ବଲପୁର

## ॥ ଆହତ ନିହତମାନେ ॥

ମୂଳ ବାଂଲା : ଝିଲମ୍ ତ୍ରିବେଦୀ
ଅନୁବାଦ : ପ୍ରଦୀପ କୁମାର ରାୟ





ମୋର ସ୍ତନ ବୃନ୍ତରୁ ଟୋପା ଟୋପା
ଧରିପଡେ ଅନ୍ଧକାର.....

ସେହି ଅନ୍ଧାରରେ ମୁହଁ ରଖ ତୁ
ତୋର ଉନ୍ମୁକ୍ତ ନରମ ଓଠ
ଜନ୍ମର ସୁଗନ୍ଧରେ ଭରିଯିବ

ଶତଛିନ୍ନ ବିଷନ୍ନ ଜୀବନ
ଆହା ! ଏହି କରୁଣ ଜୀବନ
ଭରି ଉଠିବ ଆଜି
ଗୀତ ପରି

ଆ, ମୋ ଶରୀରକୁ ଆ,

ଆ...
ଛାତିର ନରମ କୋଳରେ ମୁଣ୍ଡ ରଖ
ଦୁଇ ଆଖିରେ ମୋର ଯେତେ ଲୁହ
ତହିଁରେ ଧୋଇ ଦେବି
ଶରୀରର ସବୁ ରକ୍ତ

ଜ୍ୟୋସ୍ନାର ବାସିନ୍ଦା ତୁ
ଜହ୍ନରେ ଘୋଡ଼େଇ ରଖିବି ତୋତେ
ସେତିକି ସ୍ପର୍ଦ୍ଧା କାହିଁ ବା ମୋର !

ରୋପଣ କରେଁ ତୋତେ

ମୁଁ ଜାଣେ.....

ଈଶ୍ୱର ଜନ୍ମ ହେବେ ଦିନେ
ନାସ୍ତିକ ଗର୍ଭରୁ !

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
କୁଚିଣ୍ଡା ମହାବିଦ୍ୟାଳୟ,କୁଚିଣ୍ଡା, ସମ୍ବଲପୁର
ମୋ: ୯୪୩୭୫୩୪୭୭୩

## ॥ ଏବେ ବ୍ୟାପେ ଅନ୍ଧକାର ॥

ନୀଳମାଧବ କର



ବୁନ୍ଦା ବୁନ୍ଦା ହେଇ ଝରେ
ନୀରବରେ ବସନ୍ତର ବର୍ଷା
ହେମାଳିଆ ଅଗଣାରେ,
ଚଉଦ ବରଷର ଝିଅ
ଭିଜା ଭିଜା ଆଖିପତା,
ଅଚଳ ଗମ୍ଭୀର ପବନ
ବତୁରି ଉଠିଥିବା ଗାଲରେ,
ଅବିନ୍ୟସ୍ତ କେଶ
ଚୁପଚାପ ବାପା,
ଭୁଲିଯାଇଥିବା ନିଶ୍ୱାସ କେଇଟା ଏଠି ସେଠି
ମା' କାନିରେ ପୋଛା ଲୁହ,
ଆଉ ଛାତିରେ ଅଟକିଥିବା ସମୟ

ଏବେ ବ୍ୟାପେ ଅନ୍ଧକାର...

ଦିଗ ହଜିଯାଏ,
ଆଗକୁ ଦିଶେନା କିଛି,
ନା' ରାସ୍ତା, ନା' ସାହାରା,
ନା' କିଛି ଭରସାର ଶବ୍ଦ
ବନ୍ଧା ପଡିଯାଏ ଜୀବନ,
ଆଉ ମୁକୁଳେଇ ହୁଏନା,
ଅପେକ୍ଷା କରି ହୁଏନା
ମୃତ୍ୟୁ ଯାଏ

♥ ଓଲଭରହାମ୍ପଟନ, ୟୁକେ

## ଗୋଟିଏ ଏକପଦୀ

ଡ. ରଜନୀ ରଂଜନ



ଆମ ଭିତରେ ଏମିତି କିଛି ଅଛି
ନା ତମେ ଭୁଲିଛ ନା ମୁଁ ଭୁଲିଛି
ଏବେ ତ ବାହୁଡ଼ିବାର ବେଳ
ସ୍ୱପ୍ନ ସରିବା ଆଗରୁ ସରିଯିବ ଖେଳ
ତମ ପାଇଁ କିଛି ସତ ସାଇତି ରଖିଛି
ତମର ଶୁଣିବାର ଅଛି
ଆସ ! ମୁଁ ତମ ଅପେକ୍ଷାରେ ଅଛି ।

♥ ବାଳକାଟୀ, ଖୋର୍ଦ୍ଧା
(ମୋ) ୯୩୩୭୨୬୧୦୭୫

## ॥ ଧୂଳି : ଶେଷ କଥା ॥

ମୂଳ ଇଂରାଜୀ : ରୋଜ ମିଲିଗାନ
ଭାବାନ୍ତର : ଇଂ. ସରୋଜ କୁମାର ଦାଶ





ଧୂଳି ହେବା ଯଦି ଶେଷ ପରିଣତି
ରୁଚି ଅନୁସାରେ ଜୀଅ
ଚିତ୍ରାଙ୍କନ ଅବା ପତ୍ର ଲିଖନରେ
ମନକୁ ଲଗେଇ ଦିଅ
ଭଲ ଲାଗୁଥିବା ରୋଷେଇ ଅଥବା
ଚାରା ଗଛଟିଏ ରୁଅ
ଆବଶ୍ୟକ ଆଉ ଦରକାର ମଧ୍ୟେ
କେଉଁଟି ଜରୁରୀ କୁହ ।

ଧୂଳି ହେବା ଯଦି ଶେଷ ପରିଣତି
ହାତରେ ସମୟ ନାହିଁ
ନିଜ ଖୁସି ପାଇଁ ନଦୀରେ ପହଁର
ପାହାଡରେ ଚଢ଼ ଯାଇ

ସଙ୍ଗୀତ ଶ୍ରବଣ, ପୁସ୍ତକ ପଠନେ
ବିତାଅ ଖୁସିରେ ଦିନ
ସାଙ୍ଗ ସଙ୍ଗତରେ ଥଟ୍ଟା ମଜା ସାଥେ
ଆନନ୍ଦେ ଭର ଜୀବନ ।

ଧୂଳି ହେବା ଯଦି ଶେଷ ପରିଣତି
ଦେଖ ବାରେ ଧରା ଦୃଶ୍ୟ
ଆଖି ଆଗେ ଉଭା ସୂର୍ଯ୍ୟର ପ୍ରକାଶ
ପବନରେ ଉଡେ କେଶ
ବରଫପାତର ଶୁଭ୍ର ରୂପ ଦେଖି
ବରଷା ଗାଉଛି ଗୀତ
ଆସିବକି ଏଇ ଜୀବନରେ ପୁଣି
ମନଲୋଭା ଏ ମୁହୂର୍ତ୍ତ !

ଧୂଳି ହେବା ଯଦି ଶେଷ ପରିଣତି
ସରିଯିବ ମୋହ ମାୟା
ବାର୍ଦ୍ଧକ୍ୟ ସମୟ ହେବ ଉପନୀତ
କା' ସାଥେ ନ କରି ଦୟା
ଫେରିବାକୁ ହେବ ଏଇ ଦୁନିଆଁରୁ
ସମ୍ପର୍କ ସବୁ ତୁଟାଇ
ଲୀନ ହୋଇଯିବ ପାର୍ଥିବ ଶରୀର
ଧୂଳି ସାଥେ ଧୂଳି ହୋଇ ।

କଳିଙ୍ଗ ନଗର, ଘାଟିକିଆ, ଭୁବନେଶ୍ୱର
(ମୋ) ୯୪୩୯୮ ୩୩୪୬୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୪ ଡିସେମ୍ବର ୨୦୨୩



ଆଲୋଚନା

# ଓଡ଼ିଆ ସାହିତ୍ୟର ଛାତ୍ରଛାତ୍ରୀମାନଙ୍କୁ ଚିଠିଟିଏ

## ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ଆଦରର ଛାତ୍ରଛାତ୍ରୀବୃନ୍ଦ,

ଓଡ଼ିଶାରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟୟନ କରିବା ପାଇଁ ତୁମେମାନେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିଥିବାରୁ ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଯେଉଁମାନେ ଓଡ଼ିଆ ପଢ଼ନ୍ତି ସେମାନଙ୍କୁ ଏଇ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼େ ଯେ- 'ତୁମେ ଅନ୍ୟ କୌଣସି ବିଷୟ ନ ନେଇ ଓଡ଼ିଆ ନେଲ କାହିଁକି ? ଓଡ଼ିଆ ପଢ଼ି କି ଲାଭ ଅଛି', ଏଭଳି ନୈରାଶ୍ୟଜନକ ପ୍ରଶ୍ନର ସମ୍ମୁଖୀନ ହୋଇ ମଧ୍ୟ ତୁମେମାନେ ସାହସିକତାର ସହିତ ଓଡ଼ିଆ ପଢ଼ିବା ସକାଶେ ଯେଉଁ ସିଦ୍ଧାନ୍ତ ନେଇଛ ତାହା ନିଶ୍ଚିତ ଭାବରେ ଯେ ଗଭୀର ପ୍ରତ୍ୟୟର ପ୍ରତୀକ ଏଥିରେ ସନ୍ଦେହ ନାହିଁ । ଭଲ ମଣିଷ ହେବାରେ କଣ ଲାଭ ଅଛି ବୋଲି ପଚାରିବା ଯାହା, ଓଡ଼ିଆ ନେଇ କଣ କରିବ ବୋଲି ପଚାରିବା ଠିକ୍ ତାହା । ସାହିତ୍ୟ, ଛାତ୍ରଛାତ୍ରୀମାନଙ୍କୁ ଯେଉଁ ଗଭୀର ଅନୁଭବ ଶକ୍ତି, ନିଜ ଜାତି ଓ ଦେଶପ୍ରତି ଭଲପାଇବାର ଶକ୍ତି ଓ ପ୍ରୀତି ପ୍ରଦାନ କରେ ତଥା ମଣିଷ ଓ ଜୀବଜଗତ ପ୍ରତି, ପ୍ରକୃତି ପ୍ରତି ସମ୍ବେଦନଶୀଳ ହେବାପାଇଁ ଯେଉଁ ଚେତନା ଜାଗ୍ରତ କରେ ତାହା ବାସ୍ତବିକ ଅତୁଳନୀୟ ।

ଏ ଚିଠିଟି ଆଉ ଏକ ଭିନ୍ନ ଉଦ୍ଦେଶ୍ୟ ନେଇ ଏ ଲେଖକ ଉପସ୍ଥାପନ କରୁଛି । ତାହା ହେଲା ଆମେ ସାଂପ୍ରତିକ ସମାଜରେ ଯେଉଁ, ମଣିଷ ପ୍ରତି ମଣିଷର ଘୃଣା, ସନ୍ଦେହ, ଅବିଶ୍ୱାସ, ଶତ୍ରୁତା ଦେଖିବାକୁ ପାଉଛୁ ଓ ତଦ୍ୱାରା ପାରିବାରିକ ଓ ସାମାଜିକ ପରିବେଶ କଳୁଷିତ ହୋଇପଡୁଥିବା ଅନୁଭବ କରୁଛୁ, ସେହି କ୍ଷେତ୍ରରେ ସାହିତ୍ୟ ଛାତ୍ରଛାତ୍ରୀମାନଙ୍କର କଣ କର୍ତ୍ତବ୍ୟ ରହିଛି ସେ ସଂପର୍କରେ ଚିନ୍ତା କରିବା । ଯେଉଁମାନଙ୍କ ହୃଦୟ କୋମଳ, ସହାନୁଭୂତିଶୀଳ ଓ ସମଗ୍ର ପୃଥିବୀ ପ୍ରତି ଯେଉଁମାନଙ୍କର ମମତା ବିସ୍ତାରିତ ସେଇ ଛାତ୍ରଛାତ୍ରୀମାନେ ଯଦି ଆନ୍ତରିକ ଭାବରେ ଚାହିଁବେ, ତା'ହେଲେ ସେମାନେ ନିଜେ ବଂଚୁଥିବା ପରିବେଶ ମଧ୍ୟରେ ସୃଷ୍ଟି କରିଦେଇ ପାରିବେ ଏକ ଶ୍ରଦ୍ଧାଯୁକ୍ତ ପରିମାର୍ଜିତ ଓ ଭାବାପ୍ଲୁତ ବାତାବରଣ। ଆମେ ଜାଣୁ, ଯେଉଁମାନେ ସାହିତ୍ୟ ପଢ଼ନ୍ତି ସେମାନେ ପୁସ୍ତକରେ ବର୍ଣ୍ଣିତ ଚରିତ୍ର ସହିତ କେତେ ଆତ୍ମୀୟତାର ବନ୍ଧନରେ ବାନ୍ଧି ହୋଇ ଯା'ନ୍ତି। ସେଥିପାଇଁ ସେମାନଙ୍କ ସୁକୁମାର ଆଖିରୁ ଝରେ ପବିତ୍ର ଅଶ୍ରୁଧାର । ଯେଉଁଠି ନିର୍ଦ୍ଦୟତା, ନିଷ୍ଠୁରତା, ପରଶ୍ରୀକାତରତା ଓ ସହାନୁଭୂତିଶୂନ୍ୟତା ସେମାନେ ଲକ୍ଷ୍ୟ କରନ୍ତି ସେତିକିବେଳେ ସେମାନଙ୍କର ଆତ୍ମା କ୍ରନ୍ଦନ କରିଉଠେ । ତେଣୁ ଯେଉଁମାନେ ସଚ୍ଚୋଟ ସାହିତ୍ୟ ଛାତ୍ର ସେମାନେ ସ୍ୱପ୍ନ ଦେଖନ୍ତି ଏପରି ଏକ ନୂତନ ସମାଜର ଓ ନୂତନ ପୃଥିବୀର ଯାହା ହୋଇଥିବ ସଂପୂର୍ଣ୍ଣ ହିଂସାମୁକ୍ତ । କେତେ ତରୁଣଙ୍କର ଏପରି ସ୍ୱପ୍ନ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଛି, ତା'ର ସୀମା ନାହିଁ । କେତେ ଛାତ୍ରଛାତ୍ରୀ ଏପରି ସୁନ୍ଦର ସ୍ୱପ୍ନ ରଚନା କରି ଜୀବନରେ ବିଫଳ ମନୋରଥ ହୋଇଛନ୍ତି ଓ ଅବର୍ଣ୍ଣନୀୟ କଷ୍ଟ ବରଣ କରିଛନ୍ତି ତାହା ସେମାନଙ୍କ ହୃଦୟ ହିଁ ଜାଣେ ଯଥାର୍ଥ ଭାବରେ ।

ଏସବୁ ସତ୍ତ୍ୱେ ଛାତ୍ରଛାତ୍ରୀମାନଙ୍କୁ ସାହିତ୍ୟ ପଢ଼ିବାକୁ ଭଲ ଲାଗେ । ସ୍ୱପ୍ନ ଦେଖିବାକୁ ମଧ୍ୟ ଉତ୍ସାହ ସୃଷ୍ଟି ହୁଏ ଅନ୍ତରରେ ଆଉ ଆପଣାର ପରିବେଶକୁ ପରିଶୀଳିତ କରିବାର ପ୍ରଚେଷ୍ଟାରେ ସେମାନଙ୍କ ନିଷ୍ଠା ଫୁଟି ଉଠେ । ସମାଜ, ଦେଶ ବା ପୃଥିବୀର ଅବସ୍ଥା ଯେତିକି ପ୍ରତିକୂଳ ହେଉନା କାହିଁକି ଜଣେ ଉଚ୍ଚକୋଟୀର ସାହିତ୍ୟ ଛାତ୍ରର କର୍ତ୍ତବ୍ୟ ହେଉଛି ତା' ଭିତରେ ଜଳୁଥିବା ଆଶା ଓ ବିଶ୍ୱାସର ଦୀପଶିଖାଟିକୁ ତେଜୀୟାନ୍ କରି ରଖିବା । ଅନ୍ୟମାନଙ୍କଠାରୁ ବିଦ୍ରୂପ, ଉପହାସ ଓ ବିରୂପ ଆଚରଣ ପାଉଥିଲେ ମଧ୍ୟ ନିଜର କୋମଳତା, ନିଜ ଅନ୍ତରର ମଧୁରତା ଓ ସୌକୁମାର୍ଯ୍ୟକୁ ଉଜ୍ଜୀବିତ କରି ରଖିବା । ଜୀବନଟିଏ ଏ ପୃଥିବୀରେ ବଂଚିବା କି କଷ୍ଟକର ତାହା ସମସ୍ତେ ଜାଣନ୍ତି । କେତେ ଯେ ସଂଘର୍ଷ ଆଉ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ନିଜ ପ୍ରତିଭାକୁ ବିକଶିତ କରିବାକୁ ପଡ଼େ ତାହା କିଏ ବା ନଜାଣେ ! ସେହିପରି ଅନ୍ୟର ହୃଦୟରେ ବିନ୍ଦୁଏ ଆନ୍ତରିକତା ସୃଷ୍ଟି କରିବା କେତେ ସାଧନାର ଓ ପ୍ରାର୍ଥନାର ଅପେକ୍ଷା ରଖେ ତାହା ମଧ୍ୟ ଆମେ ଜାଣୁ । ତଥାପି ଯେହେତୁ ସାହିତ୍ୟ ଅଧ୍ୟୟନ ପାଇଁ ତୁମମାନଙ୍କର ଆଗ୍ରହ ଅପରିସୀମ ତୁମେ କୌଣସି ଅବସ୍ଥାରେ ମଧ୍ୟ ଯେପରି ହତାଶ, ବ୍ୟର୍ଥ ମନୋରଥ ବା ପରାଜିତ ହୋଇ ନଯାଅ । ପ୍ରତ୍ୟେକଟି ଛାତ୍ରଛାତ୍ରୀ ହେଉଛନ୍ତି ଅନନ୍ୟ ଓ ଅନୁପମ । ପ୍ରତ୍ୟେକଙ୍କ ଭିତରେ ଭରି ରହିଛି ଅମାପ ଶକ୍ତିର ପ୍ରାଚୁର୍ଯ୍ୟ । ଶ୍ରଦ୍ଧା, ଶକ୍ତି ଓ କୃତଜ୍ଞତାର ମାଧୁର୍ଯ୍ୟ । ଏ ସବୁକୁ ଅବଲମ୍ବନ କରି କଣ୍ଟକିତ ପଥରେ ଫୁଲ ଫୁଟାଇବା ପାଇଁ ତୁମର ଜନ୍ମ ହୋଇଛି ବୋଲି ଭାବିଲେ, ତୁମ ଜୀବନର ଲକ୍ଷ୍ୟ ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ଉଠିବ । ଆମକୁ ଯେଉଁ ମଣିଷ ଜନ୍ମଟିଏ ମିଳିଛି ଆଉ ମିଳିଛି ସାହିତ୍ୟ ମଧ୍ୟରେ ଅବଗାହନ କରିବାର ବିରଳ ସୁଯୋଗ, ତା'ରି ଦ୍ୱାରା ଆମେ ଯଦି ଆନ୍ତରିକ ଭାବରେ ଚାହିଁବା ତା'ହେଲେ ହିଂସାର, ଘୃଣାର ଓ ଅମାନବିକତାର ବୃତ୍ତକୁ ସଂକୁଚିତ କରିବା ପାଇଁ ନେଇ ପାରିବା ବିଶିଷ୍ଟ ଭୂମିକା ।

ସାହିତ୍ୟ ଛାତ୍ରଛାତ୍ରୀମାନେ ଆଉ ଏକ ବିଷୟ ସର୍ବଦା ନିଜ ହୃଦୟରେ ଲେଖି ରଖିବା ଆବଶ୍ୟକ ଯେ, ମହାନ୍ କବି, ସାହିତ୍ୟିକ ଓ ମହାପୁରୁଷମାନଙ୍କ ଜୀବନୀ ପାଠ ନ କଲେ କେହି ଯଥାର୍ଥ ପ୍ରେରଣା, ଉତ୍ସାହ ଓ ଶକ୍ତି ଅର୍ଜନ କରିପାରିବେ ନାହିଁ । ମହାତ୍ମା ଗାନ୍ଧିଙ୍କ ଜୀବନୀ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ବା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭଳି ଉଚ୍ଚକୋଟୀର ମଣିଷଙ୍କ ଜୀବନୀ ପାଠ ନକରି କେହି ସାହିତ୍ୟର ଉପଯୁକ୍ତ ଛାତ୍ରଛାତ୍ରୀ ହୋଇ ପାରିବେ ନାହିଁ । ସେଥିପାଇଁ ଗଳ୍ପ, କବିତା, ପ୍ରବନ୍ଧ, ଭ୍ରମଣ କାହାଣୀ ସହିତ ଜୀବନୀ ଓ ଆତ୍ମଜୀବନୀ ପାଠର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ । କୌଣସି ଛାତ୍ରଛାତ୍ରୀ କୌଣସି ଦୃଷ୍ଟିରୁ ଅକ୍ଷମ, ଅପାରଗ ବା ଅସମର୍ଥ ନୁହଁନ୍ତି । ପ୍ରତ୍ୟେକଙ୍କ ଭିତରେ ରହିଛି ପାଖୁଡ଼ା ପାଖୁଡ଼ା ହୋଇ ଫୁଟି ଉଠିବାର ଅମାପ ଶକ୍ତି ଓ ସମ୍ଭାବନା । ତେଣୁ ନିଜକୁ କେବେହେଲେ ହେୟଜ୍ଞାନ ନ କରି ଯଦି ସାହିତ୍ୟ ସହିତ ତୁମେ ଏକାତ୍ମ ହୋଇଯିବ ତା'ହେଲେ ସାହିତ୍ୟ ଭିତରେ ରହିଥିବା ଅସୀମ ସୌନ୍ଦର୍ଯ୍ୟ ତୁମ ଭିତରକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରବେଶ କରିବ । ସାହିତ୍ୟ ପଢ଼ିବା ମାନେ ହେଉଛି ନବଜନ୍ମର ଅନୁଭୂତି ପ୍ରାପ୍ତ ହେବା । ପ୍ରତି ମୁହୂର୍ତ୍ତରେ, ପ୍ରତିଟି ସୂର୍ଯ୍ୟୋଦୟରେ ନୂଆହୋଇ ଜନ୍ମନେବା ଏକ ଅବର୍ଣ୍ଣନୀୟ ଆନନ୍ଦମୟ ଅନୁଭୂତି । ସ୍ୱଭାବକବି ଗଙ୍ଗାଧର ମେହେର ଉଷାକାଳର ବର୍ଣ୍ଣନା କରିବା ପାଇଁ ଯାଇ ଲେଖିଛନ୍ତି- 'ମଙ୍ଗଳେ ଅଇଲା ଉଷା' । ଏ ପଦଟି ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ । ଉଷାର ଆଗମନ ହୁଏ ମଣିଷକୁ ନବ ଜୀବନର ସ୍ପନ୍ଦନରେ ସ୍ପନ୍ଦିତ କରିବା ପାଇଁ । ତେଣୁ ପ୍ରତିଟି ସକାଳ ହେଉ ତୁମମାନଙ୍କ ପାଇଁ ନୂତନ ଜୀବନ । ବଂଚିବାର ଦୁର୍ଲଭ ପ୍ରେରଣା । ନିଜ ପରିପାର୍ଶ୍ୱକୁ ସୁନ୍ଦରରୁ ସୁନ୍ଦରତର କରିବାର ପ୍ରତିଭା ଓ ଶ୍ରଦ୍ଧା ନେଇ ତୁମେ ଏ ପୃଥିବୀରେ ଜନ୍ମ ନେଇଛ ଏହି ପ୍ରତ୍ୟୟ ତୁମ ଭିତରେ ହେଉ ସୁଦୃଢ଼ । ଯାହା ବୟସ୍କ ମଣିଷମାନେ କରିପାରିବେ ନାହିଁ, ତୁମପରି କୋମଳ ହୃଦୟ ଧାରଣ କରିଥିବା ଛାତ୍ରଛାତ୍ରୀମାନେ ତାହା ସମ୍ଭବ କରି ଦେଖାଇ ଦେଇପାରିବେ । ତୁମରି ହାତରେ ହେବ ଏ ପୃଥିବୀର ପରିବର୍ତ୍ତନ । ତୁମରି ଅଭିଳାଷରେ, ତୁମର ଶୁଭାକାଂକ୍ଷାରେ, ତୁମର ସତ୍‌ଶକ୍ତିରେ ଆସୁରିକତା ବିଲୟ ଘଟି ମାନବିକତାର ଜ୍ୟୋତ୍ସ୍ନାଧାରା ପରିପ୍ଲାବିତ ହେବ ଏ ପୃଥିବୀ ବକ୍ଷରେ। କେବଳ ସାହିତ୍ୟକୁ ପାଠ୍ୟକ୍ରମ ମଧ୍ୟରେ ଯେଉଁମାନେ ପଢ଼ିଛ ସେମାନଙ୍କ ବ୍ୟତୀତ ଯେଉଁମାନେ ଅନ୍ୟ ବିଷୟ ନେଇ ପାଠ ପଢୁଛନ୍ତି ଓ ତଥାପି ସାହିତ୍ୟ ସହିତ ନିଜର ଆତ୍ମାକୁ ସଂଯୁକ୍ତ କରିଦେଇଛନ୍ତି, ସେମାନେ ମଧ୍ୟ ଏହି ବାତାବରଣରେ ମଧୁରତା ଆନୟନ ପାଇଁ ହୋଇପାରିବେ ପ୍ରାର୍ଥନାରତ । ସାହିତ୍ୟେ ଛାତ୍ରଛାତ୍ରୀମାନଙ୍କ ହୃଦୟ ପୃଥିବୀ ଓ ମଣିଷର ଶୁଭକାମନାରେ ପରିପୂର୍ଣ୍ଣ ଓ ପ୍ରାର୍ଥନାମୟ ହେଉ ଏହା ହିଁ ଆମର ଏକାନ୍ତ କାମ୍ୟ ।

+ ପୂର୍ବତନ ବିଭାଗ ମୁଖ୍ୟ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ (ଓଡ଼ିଆ, ଇଂରାଜୀ, ଉର୍ଦ୍ଦୁ) ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର
ମୋ: ୯୯୩୭୩୬୫୯୬

# ଆମକୁ ଆମ କବିତାର କାୟାକଳ୍ପରେ ନୂତନତ୍ୱ ଆଣିବାକୁ ପଡ଼ିବ : ସସ୍ମିତା ରାଉତ

ସସ୍ମିତା ରାଉତ ଓଡ଼ିଆ ସାହିତ୍ୟ ଜଗତରେ ଗୋଟେ ନବ ଉନ୍ମେଷ । ଅନୁଭବର ପ୍ରତିଶ୍ରୁତିରେ ତାଙ୍କ ସୃଜନ ବେଶ୍ ଆବେଗ ଛଳଛଳ। ସେ କବିତା ଓ ଗଳ୍ପ ଉଭୟ ଲେଖନ୍ତି । କେତେବେଳେ ଅନ୍ତରଂଗ ସମୁଦ୍ର ପରି ତ କେତେବେଳେ ନୂଆ ଭାବୋଚ୍ଛ୍ୱାସକୁ ନେଇ ସେ ଆତ୍ମପ୍ରକାଶ କରନ୍ତି ତାଙ୍କ ସୃଷ୍ଟିମାନଙ୍କରେ । ଅକ୍ଷରକୁ ନେଇ ତାଙ୍କ ବିଭୋରପଣ, ବାଙ୍ମୟ କଳାକର୍ମ ଓ ମୁଗ୍ଧ ଉଚ୍ଚାରଣରୁ ସେ ହାସଲ କରିସାରିଛନ୍ତି ବହୁ ସମ୍ମାନ । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କବିତା କାହିଁକି, କେବେଠୁ କେମିତି ସାମିଲ ହେଲେ ଏ କବିତା ଯାତ୍ରାରେ ?

■■ କବିତା କବିର ଆତ୍ମକଥା। ଯାହା କହି ହୁଏନାହିଁ, ସେସବୁ ଲେଖି ହୋଇଯାଏ କବିତାରେ। ଖୁବ୍ ସ୍ୱାର୍ଥପର ମୋ ଲେଖକୀୟ ଆତ୍ମାଟି। ନିଜର ଅସହାୟତା, ଦୁଃଖ, ଯନ୍ତ୍ରଣାକୁ ମୁଁ ସହଜରେ ଅନ୍ୟ ଆଗରେ ପ୍ରକାଶ କରିପାରିନାହିଁ। ନିଜର ଏହି ଖାମିକୁ ଖୁବ୍ ଆଡ଼ମ୍ବର ଓ ଅହଂକାର ସହକାରେ ମୁଁ ଉତ୍ତାରି ଦେଇଥାଏ କାଗଜରେ। ନିଜ ଅନ୍ତରାତ୍ମାରେ କୁହୁଳୁଥିବା ଅସନ୍ତୁଷ୍ଟି ସବୁକୁ ଶବ୍ଦର ମୁଖା ପିନ୍ଧାଇ ମୁଁ ସ୍ନାୟୁ ତଳେ ଫୁଟୁଥିବା ଆବେଗକୁ ଶାନ୍ତ କରିଥାଏ। କେବେଠୁ କେମିତି ସାହିତ୍ୟ ଯାତ୍ରାରେ ସାମିଲ ହେଲି ତାହା ତ ମନେନାହିଁ। କିନ୍ତୁ କାହିଁକି କେଜାଣି ସ୍କୁଲ ରେ ପଢିବା ସମୟରୁ ହିଁ ମୁଁ କବିତା ଲେଖିବା ପାଇଁ ଚେଷ୍ଟା କରିଛି। ଉପର କ୍ଲାସକୁ ଉଠିଲା ପରେ ମୁଁ ଯେତେବେଳେ ନୂଆ ବହି ସବୁ ପାଇଯାଏ ଆଗେ ସାହିତ୍ୟ ବହି ଖୋଲି ବସିଯାଏ। କବିତା ପଢିବା ପରେ କବିଙ୍କ ଜୀବନି ପଢେ। କବିତା ଲେଖିବାର ଅନୁପ୍ରେରଣା ବୋଧେ ସେ ସବୁରୁ ପାଇଛି।

■ କିଏ ଆପଣଙ୍କ ସାହିତ୍ୟ ଆଦର୍ଶ ? ଆପଣଙ୍କ କବିତାର ପାଠକୀୟତାକୁ ନେଇ ଆପଣ କେତେ ମାତ୍ରାରେ ସନ୍ତୁଷ୍ଟ ?

■■ ସାହିତ୍ୟ ମୋ ପାଇଁ ବରଦାନ, ମୁଁ କାହାରିକୁ ମୋର ଆଦର୍ଶ ଭାବେ ରଖି ମୋର ସାହିତ୍ୟ ଜୀବନ ଆରମ୍ଭ କରିନାହିଁ। ସ୍କୁଲରେ ପଢୁଥିବା ବେଳରୁ ମୁଁ କବିତା ଲେଖିବା ପାଇଁ ଚେଷ୍ଟା କରିଛି। କବିତାର ପାଠକୀୟତା ନେଇ ଆଜିର ସମୟରେ ସନ୍ତୁଷ୍ଟି ହୋଇ ହେବନାହିଁ କାରଣ ଓଡ଼ିଆ କବିତାର ପାଠକୀୟତା କମି ଯାଇଛି ଏହା ସତ୍ୟ । ଏଥିପାଇଁ ଅନେକ କାରଣ ଦାୟୀ । ଆଜିର ଟେକ୍ନୋଲୋଜି ମଧ୍ୟ ପ୍ରଭାବ ପକାଇଛି। ମୁଁ ମଧ୍ୟ ମୋ କବିତାର ପାଠକୀୟତା ନେଇ ସେମିତି ଅଳ୍ପ ବ୍ୟସ୍ତ ଅଛି। ହଁ ଆଜିର ନୂଆ ପିଢି ସୋସିଆଲ ମିଡିଆରେ ପାଠକ ଖୋଜୁଛନ୍ତି, ମୁଁ ମଧ୍ୟ ସେଥିରୁ ବର୍ତ୍ତି ନାହିଁ।

■ ଆଜିର କବିତା ଦୁର୍ବୋଧ ବୋଲି ଅଭିଯୋଗ ହୁଏ, ଏହାର ସତ୍ୟତା କେତେ ? ଏହାର କାରଣ କଣ ଓ ନିରାକରଣ କେମିତି ହୋଇପାରିବ ?

■■ ଆଜିର କବିତା ଦୁର୍ବୋଧ୍ୟ ନିଶ୍ଚୟ। କାରଣ ଆଜିକାଲି ସାଧାରଣ ଲୋକଙ୍କ ପାଇଁ କବିତା ଲେଖା ଯାଉନାହିଁ। ଶିକ୍ଷିତ ପାଠକଙ୍କ ପାଇଁ କବିତା ଲେଖା ହେଉଛି। ଆଗରୁ କବିତା ପଂକ୍ତି ସାଧାରଣ ଜନଜୀବନ ସହ ଜଡ଼ିତ ଥିଲା। ଯେମିତି ଚଷାପୁଅ ବିଲ କାମ ବେଳେ, ନାଉରୀ ନାଆ ଚଳାଉଥିବା ବେଳେ, ଗାଇଆଳ ଗାଈ ଜଗିବା ବେଳେ କୌଣସି ଶୁଣିଥିବା କବିତାକୁ ଗୀତ ରୂପେ ଗାଉଥିଲେ। ଏବେ ଆଉ ସେ ସମୟ ନାହିଁ । କବିତାର ଦୁର୍ବୋଧ୍ୟତାର ନିରାକରଣ କବିଙ୍କ ହାତରେ। ସେମାନେ ଯେତେବେଳେ ତାଙ୍କ କବିତାକୁ ସାଧାରଣ ଲୋକଙ୍କ ପାଖକୁ ଆଣିବେ, ସେମାନଙ୍କ ପାଇଁ ଲେଖିବେ ସେମାନେ ନିଶ୍ଚୟ ଗ୍ରହଣ କରିବେ। କବିତା ଝରଣାର କୁଳୁକୁଳୁ ଝଙ୍କାରରେ, ନିଃଶବ୍ଦ ଜଙ୍ଗଲରେ, ପାହାଡ଼ର ସବୁଜିମାରେ, ପକ୍ଷୀର ରାଗିଣୀରେ , ବିଶାଳ ଆକାଶର ଛାତିରେ ଖୁବ ସୁନ୍ଦର ସରଳ ଭାବରେ ଲେଖା ହୋଇଛି, ଖାଲି ଅନୁଭବ କଲେ ହେଲା।

■ ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ମୋ ମତରେ ଆମ ମାତୃଭାଷା ଓଡ଼ିଆ କେବେବି ସଂକଟାପନ୍ନ ସ୍ଥିତିରେ ନାହିଁ। ଆମ ମାତୃଭାଷାର ଲିପି ପ୍ରାଚୀନ, କେଉଁ କାଳରୁ ଏହା ମୌଖିକ ପୁଣି ଲିଖିତ ଭାବେ ନିଜର ଅସ୍ତିତ୍ୱ ବଜାୟ ରଖିଛି। ହଁ ଆମ ମାତୃଭାଷାର ଆଦୃତି କମିଯାଇଛି ନୂତନ ପିଢିଙ୍କ ପାଖରେ। ଏହା ନିଶ୍ଚୟ ଚିନ୍ତାର ବିଷୟ ! କବିତାକୁ ଆଧାର କରି ମାତୃଭାଷାର ଆଦୃତି ନୂତନ ପିଢିଙ୍କ ପାଖରେ ଆଣିହେବ, କିନ୍ତୁ ଆମକୁ ଆମ କବିତାର କାୟାକଳ୍ପରେ ନୂତନତ୍ୱ ଆଣିବାକୁ ପଡ଼ିବ।

■ ଜଣେ କବି ଭାବେ ମଣିଷର ସାମାଜିକ ଦାୟିତ୍ୱ କଣ ହେବା ଉଚିତ ?

■■ ଜଣେ କବି ଭାବରେ କିଛିଟା ସାମାଜିକ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ ନିଶ୍ଚୟ। କାରଣ ଲେଖକଙ୍କର ଅନେକ ଲେଖା ଅନେକ ପାଠକଙ୍କୁ ତା ପରିଧି ଭିତରକୁ ଆକର୍ଷିତ କରିଥାଏ। ତେଣୁ ଯେତେବେଳେ କୌଣସି ସାମାଜିକ ବିପତ୍ତି ଉତ୍ପନ୍ନ ହୋଇଥାଏ , କବିଟିଏ ପଛଘୁଞ୍ଚା ଦେବା ଉଚିତ ନୁହେଁ। ସେ ତାର ସାଧ୍ୟମତେ କଲମକୁ ଅସ୍ତ୍ର ଭାବରେ ପ୍ରୟୋଗ କରିବା ଉଚିତ୍।

■ କବିଟିଏ ଚାହିଁଲେ ତା'ର ଲେଖାରେ କାହାର ହୃଦୟ ପରିବର୍ତ୍ତନ କରିପାରିବ ବୋଲି ଆପଣ ଆଶାବାଦୀ କି ? କବିତା ପାଇଁ ଭାବ, ଭାଷା ବା ଶୈଳୀ କିଏ ବେଶୀ ଗୁରୁତ୍ୱପୂର୍ଣ୍ଣ ?

■■ କବିଟିଏ ତା'ର ଲେଖା ମଧ୍ୟମରେ ଅନ୍ୟର ହୃଦୟ ପରିବର୍ତ୍ତନ କରିପାରିବାର କ୍ଷମତା ରଖେ ନିଶ୍ଚୟ। ଆପଣ ଇତିହାସ ପୃଷ୍ଠ ଅବଲୋକନ କଲେ ଦେଖିବେ କବି କିପରି ନିଜ କବିତା ବଳରେ ସାଧାରଣ ଲୋକଙ୍କ ହୃଦୟରେ ନିଜର ଆସ୍ଥାନ ଜମେଇ ପାରିଛି। ସ୍ୱାଧୀନତା ପୂର୍ବରୁ ଅନେକ ସମୟରେ କବି, ଲେଖକଙ୍କ କଲମରୁ ଝରୁଥିବା ଲେଖା ହିଁ ଇଂରେଜ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହୋଇ ଯାଇଥିଲା। ସେତେବେଳେ କବିଟିଏ ନିଜ ଲେଖା ମାଧ୍ୟମରେ ଲୋକଙ୍କ ହୃଦୟ ପରିବର୍ତ୍ତନ କରି ପାରୁଥିଲେ । ଆଜି ମଧ୍ୟ ପାରିବେ। ମୁଁ ବିଶ୍ୱାସ କରେ କବିତା ଲେଖିବା ଭାବ ବିନା ସମ୍ଭବ ନୁହେଁ। ଆମର ଭାବନା ଯେତେବେଳେ ଅନେକଙ୍କ ଭାବନାର ପରିପ୍ରକାଶ କରେ, ତାହା ପାଠକର ହୃଦୟକୁ ଛୁଇଁ କାଳଜୟୀ ହୋଇଯାଏ। ହଁ ଭାଷା ଓ ଶୈଳୀ ମଧ୍ୟ ଗୁରୁତ୍ୱ ବହନ କରନ୍ତି। କିନ୍ତୁ ଭାବ ବିନା କବିତା ବା ଗୀତ ଆମର ଭାବ ବିନୋଦନ ସ୍ୱୟଂ ଜଗନ୍ନାଥଙ୍କୁ ମଧ୍ୟ ଭଲ ଲାଗିନଥାଏ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ସାହିତ୍ୟ କେଉଁ ପ୍ରାଚୀନ କାଳରୁ ଲୋକ ମୁଖରେ ହିଁ ବଞ୍ଚି ଆସିଛି। ପୁଣି ଓଡ଼ିଆ ଭାଷା ଆମର ଐତିହ୍ୟ ଭାଷା। ଓଡ଼ିଆ ସାହିତ୍ୟର ସ୍ଥିତି ଖୁବ ସୁଦୃଢ। ଅନେକ ବାଧାବିଘ୍ନ ସତ୍ତ୍ୱେ ଏହା ନିଜର ଅସ୍ତିତ୍ୱ ବଜାୟ ରଖିବାକୁ ସକ୍ଷମ ହୋଇ ପାରିଛି । ଯେତେବେଳେ ଆଜି ଏହାର ପୃଷ୍ଠବଳୟ ଖୁବ ଦୃଢ଼, ସେ ଆଗକୁ ମଧ୍ୟ ନିଜର ସ୍ଥିତିଶୀଳତାକୁ ନେଇ ଆଗେଇ ଚାଲିବ।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ?

■■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ ଯଦିଓ ନଥାଏ, ତଥାପି ପୁରସ୍କାର କବିଙ୍କୁ ଲେଖିବା ପାଇଁ ଇନ୍ଧନ ଯୋଗାଇଥାଏ। ପୁରସ୍କାର କେବଳ ସାମାଜିକ ସ୍ୱୀକୃତି ଯାହାକି କବିଙ୍କୁ ସମାଜ ପ୍ରତି ଲେଖିବା ପାଇଁ ପ୍ରତିଶ୍ରୁତିସମ୍ପନ୍ନ କରିଥାଏ।



**ସ୍ୱୀକାରୋକ୍ତି :** ମୁଁ ସସ୍ମିତା ରାଉତ, ସୋରୋ, ବାଲେଶ୍ୱର । ମୋର ଜନ୍ମ ବାଲେଶ୍ୱର ଜିଲ୍ଲାର ଛୋଟ ଏକ ଗାଁ 'ସାହାଦା' ରେ ହୋଇଥିଲେ ମଧ୍ୟ ମୋର ଥାନା 'ଚାନ୍ଦିପୁର' ସାରା ପୃଥିବୀରେ ପ୍ରସିଦ୍ଧ। ପୂର୍ବରୁ ବଙ୍ଗପୋସାଗରର ଗୁରୁଗମ୍ଭିର ସ୍ୱର, ପଶ୍ଚିମ ରେ ନୀଳଗିରି ସ୍ୱର୍ଣ୍ଣପାହାଡ଼ ଦୃଶ୍ୟମାନ। ଗାଁ ଚାରିପାଖେ ସବୁଜ ସୁନ୍ଦର ଦିଗନ୍ତ ବିସ୍ତାରୀ ଗାଁ ଲୋକଙ୍କ କ୍ଷେତ। କବିତା ଏବଂ ଗଳ୍ପ ଉଭୟ ମୋର ଲେଖା ଆରମ୍ଭରୁ ମୁଁ ଲେଖି ଚାଲିଛି। ବିନ୍ଦୁରୁ ନାଦ, ନାଦରୁ ବ୍ରହ୍ମ, ବ୍ରହ୍ମରୁ ଶବ୍ଦ। ମୋର ଅନ୍ତର୍ନିହିତ ଭାବନା, ଅନୁଭୂତି ତଥା ପାରିପାର୍ଶ୍ୱିକ ଅବଲୋକନକୁ ନେଇ ଯାହା ପ୍ରସ୍ଫୁଟିତ ହୋଇଥାଏ ତାକୁ ଶବ୍ଦ ସଂଯୋଜନା କରି କାଗଜରେ ଉତ୍ତରଣ କରିଦିଏ। ତାହା ଯେତେବେଳେ ଅଳ୍ପ ଶବ୍ଦରେ ପରିପ୍ରକାଶ ହୋଇ ଯାଇଥାଏ ତାହା ପଦ୍ୟ, ଯେତେବେଳେ ଏହି ଭାବନା ବ୍ୟାପ୍ତ ହୁଏ ତାହା ସେତେବେଳେ ଗଦ୍ୟରେ ପରିପ୍ରକାଶ ହୋଇଥାଏ।

■ ସସ୍ମିତା ରାଉତ

ଜନ୍ମ ତାରିଖ : ୨୨ ଡିସେମ୍ବର ୧୯୮୦
ଶିକ୍ଷା : ଏମ୍.ଏ, ଏଲ୍.ଏଲ୍.ବି
ପିତା : ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ରାଉତ
ମାଆ- କାନନବାଳା ରାଉତ
ସ୍ୱାମୀ : ପ୍ରିୟବ୍ରତ ରାଉତ
ଜନ୍ମସ୍ଥାନ : ସାହାଦା, ସୁନହଟ, ବାଲେଶ୍ୱର
ବର୍ତ୍ତମାନର ଠିକଣା : ସୋରୋ, ବାଲେଶ୍ୱର, ପିନ୍ -୭୫୬୦୪୫
(ମୋ) ୭୮୯୪୭୨୨୬୪୩

**ପ୍ରକାଶିତ ପୁସ୍ତକ**

(କବିତା)
ମନ ଆଇନା
ସ୍ୱପ୍ନରେ ସୌଭିକ

(ଗଳ୍ପ)
ନିଶୀଥ ସୂର୍ଯ୍ୟ



ସ୍ୱାମୀ ପ୍ରିୟବ୍ରତ ରାଉତ, ପୁତ୍ର ଓମ୍ ନୀତେଶଙ୍କ ସହ କବି ସସ୍ମିତା ରାଉତ ।

ପଢ଼ିବା ପରେ

# ସାଧାରଣ ଭିତରେ ଅସାଧାରଣ ସ୍ୱର : ଜୟନ୍ତୀଙ୍କର 'ଏ ଯୁଦ୍ଧ ବି ସରିଯିବ ଦିନେ'

'ଜୀବନ କୋଉ ଯୁଦ୍ଧଠାରୁ କମ୍ ନୁହେଁ । ଜୀବନର ପ୍ରତ୍ୟେକ ପଦପାତରେ ଅନେକ ଝଡ଼ର କ୍ରସରୋଡ଼ ଥାଏ । ଜୀବନ ଜୀଇଁବା ଭିତରେ ଗଦା ଗଦା କରୁଣା ଓ ଭୟାବହ ପରିସ୍ଥିତିର ସାମ୍ନା ଓ ଅଗଣନ ଆବେଗିକ ଘଟଣାର ମୁହାଁ ମୁହିଁ ହେବା ବୋଧହୁଏ ଜୀବନର ଏକ ଅନିର୍ବାର୍ଯ୍ୟ କାରସାଦି ।'

କବି ଜୟନ୍ତୀ ବିଶ୍ୱାଳ ବେହୁରିଆଙ୍କ ଏହି ବକ୍ତବ୍ୟ ସହ ସେ ଆସିଛନ୍ତି ତାଙ୍କ ଦ୍ୱିତୀୟ କବିତା ପୁସ୍ତକ 'ଏ ଯୁଦ୍ଧ ବି ସରିଯିବ ଦିନେ କିନ୍ତୁ ମୁଁ ନଥିବି ଦେଶରେ' ଶୀର୍ଷକ ଓ ଉପଶୀର୍ଷକ ସହ, ଯାହାକୁ ପ୍ରକାଶ କରିଛନ୍ତି ପଶ୍ଚିମା ପବ୍ଲିକେଶନ ଭୁବନେଶ୍ୱର ।

ସଂପ୍ରତି ଋଷିଆ ୟୁକ୍ରେନ ଯୁଦ୍ଧର ଘନଘଟାକୁ ନିଜ କବିତାରେ ଅତି ସୁନ୍ଦର ଭାବେ ଚିତ୍ରଣ କରି 'ଏ ଯୁଦ୍ଧ ବି ସରିଯିବ ଦିନେ'କୁ ଉଦ୍‌ଘୋଷଣା ରୂପେ ବ୍ୟବହାର କରିଛନ୍ତି ଜୟନ୍ତୀ । ଜୀବନରେ ଯୁଦ୍ଧ ଓ ଯୁଦ୍ଧରେ ଜୀବନ ଦେଖୁଥିବା କବି ଜୟନ୍ତୀ ଆଶାବାଦୀ, ଯୁଦ୍ଧ ସରିବ ଦିନେନା ଦିନେ । କିନ୍ତୁ ଯୁଦ୍ଧର ବିଭୀଷିକାରେ ଉଜୁଡ଼ି ଯାଇଥିବା ଦେଶରେ ନଥିବ କେତେ କଣ । ହୀରୋସୀମା ନାଗାସାକି ପରି ସଜାଡ଼ି ହେଇଯିବ ସବୁ ଦିନେନା ଦିନେ, କିନ୍ତୁ ସ୍ୱପ୍ନ ଦେଖିବା ପାଇଁ ଆଉ ସ୍ୱପ୍ନ ବୁଣିବା ପାଇଁ ସେଇ ଉଜୁଡ଼ି ଯାଇଥିବା ମଣିଷ ନଥିବ । ସିଏ ଦେଖିବ ନାହିଁ ପୁଣି ଥରେ ଗଢ଼ା ହେଉଥିବା ଘର କି ସ୍କୁଲ । ବନ୍ଧୁକ ମୁନରୁ ନିର୍ଗତ ହେଉଥିବା ଆଜିର ଧୂଆଁ କାଲିକୁ ନଥିବ ଆକାଶରେ, ବିଧ୍ୱସ୍ତ ମାଟିତଳେ ପୋତି ହୋଇ ଯାଇଥିବା ମଣିଷ ଫେଣିବନାହିଁ ସୂର୍ଯ୍ୟର ନୂଆ ଖରା ପୋଇଁବାକୁ । ଅବଶ୍ୟ ସମୟ ସଜାଡ଼ି ଦେବ ସବୁ । ଭାଂଗିଯାଇଥିବା ମେରୁଦଣ୍ଡ ହେଉ ବା ଭୁଷୁଡ଼ି ଯାଇଥିବା ଦୁର୍ଗ । ଧୂସର ହୋଇଯାଇଥିବା ବଗିଚାକୁ କରିଦେବ ରଙ୍ଗମୟ । କିନ୍ତୁ ଆଜି ନଥିବ କାଲିକୁ, ସବୁକୁ ପଛ କରି ଉଡିଯାଇଥିବ ଗୋଟେ ଅସହାୟ ପ୍ରଜାପତି ପରି ।

*'ରାସ୍ତା ସବୁ ପୁନଃ ନିର୍ମାଣ ହେବ*
*ହେଲେ କେହି ଆଉ/ ସେ ଜାଗାକୁ ଯିବେନି*
*ଯୋଉଠି ଛିଟିକି ପଡ଼ିଥିଲା*
*ମୋର ହଳେ ଆଖି, ବିଦୀର୍ଣ୍ଣ ମାଂସପେଶୀ*
*ମଣିଷର ନଫରତରେ*
*ଚିରି ହୋଇ ଯାଇଥିବା ହୃଦୟ*
*ଯିଏ ଶେଷ ପର୍ଯ୍ୟନ୍ତ ଦେଖିଥିଲା ଯୁଦ୍ଧ*
*ଓ କେବେ କୋଉଁଠି ନଥିବା*
*ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲା*
*ଯୁଦ୍ଧର ଶେଷ ପାଇଁ*
*କେହି ଖୋଜିବେନି ଆଉ ତାକୁ*
*କିନ୍ତୁ ତା' ଉପରେ ହସୁଥିବେ*
*ମେଂଚାଏ ଦୁବଘାସ ।*

(ଏ ଯୁଦ୍ଧବି ସରିଯିବ ଦିନେ)

ଯୋଗୀ ଶ୍ରୀଅରବିନ୍ଦ କହିଥିଲେ, କବି ଜଣେ ଯାଦୁକର । ସେ ଶବ୍ଦକୁ ଏତେ ଭାବମୟ, ଏତେ ଗାମ୍ଭୀର୍ଯ୍ୟମୟ ଓ ଅର୍ଥମୟ କରିଦେଇପାରେ ଯେ ତାହା କାଳକୁ ମଧ ପରାଜିତ କରିଦେଇପାରେ ।

ଅନେକ ଆବେଗ, ଭାବବୈଚିତ୍ର୍ୟରେ ପରିପୂର୍ଣ୍ଣ ଏଇ ଜୀବନ । ନିଜ ଭିତରେ ନିଜକୁ ଅନ୍ୱେଷଣ କରି କିଛି ପାଇବା ହରେଇବାର ସଂଘାତ ଭିତରେ ଉଠାଣି ଗଡ଼ାଣିରେ ଗଡ଼ି ଗଡ଼ି ସେ ଗୋଟେଇ ଚାଲିଥାଏ ଅସ୍ତିତ୍ୱ । ସ୍ରଷ୍ଟାର ସୂକ୍ଷ୍ମ ଅନୁଭବର ପ୍ରବଣତାରେ ସେମିତି କିଛି ଘଟଣା, ଦୁର୍ଘଟଣା ଓ ଅନୁଭୂତିକୁ କବିତାରେ ଅପୂର୍ବ ରୂପ ଦେଇଛନ୍ତି କବି ଜୟନ୍ତୀ ବିଶ୍ୱାଳ ବେହୁରିଆ ।

'ଏ ଯୁଦ୍ଧ ବି ସରିଯିବ ଦିନେ' ଠାରୁ ଆରମ୍ଭ ହୋଇ 'ତୁମ ପାଇଁ ଅଛି ଏକ ମାର୍ମିକ ଖବର' ପାଖରେ ଶେଷ ହୋଇଯିବା ଯାତ୍ରା ଭିତରେ ସ୍ଥାନ ପାଇଛି ମୋଟ ୪୬ଟି କବିତା । ସବୁ କବିତାର ସ୍ୱର ଅଲଗା ଅଲଗା ହେଲେ ବି ସବୁ ଭିତରେ ରହିଛି ଗୋଟେ ଅସନ୍ତୋଷ, ଗୋଟେ ବିଦ୍ରୋହ ଏବଂ ଗୋଟେ ତୀକ୍ଷ୍ଣ ଆରୋପ । ତାଙ୍କ କବିତାରେ ସେ ପାଣି ବୁହାଇପାରନ୍ତି ସମସ୍ତ ଦରଜର, ସେ ବଜେଇ ପାରନ୍ତି ସବୁ ଫନ୍ଦି ଫିକରକୁ ବୁଝି ପାରିବାର ବିଗୁଲ । ଯେତେବେଳେ ଅବସ୍ଥାର ପାଦତଳେ ଖୋଳାଯାଏ ଗାଡ଼, ତା ଚାରି ପାଖରେ ଘେରେଇ ଦିଆଯାଏ କଣ୍ଟାର ବାଡ଼, ସେତେବେଳେ କବିଙ୍କ କଲମରୁ ନିସୃତ ହୁଏ

ଏଇପରି ଧାଡ଼ି-

*ମୁଁ ଏଇ ଦେଶର ଝିଅ, କୃଷକର ଝିଅ*
*ମୁଁ ତୁମ ପାଇଁ ଗର୍ବରେ ଫାଟିପଡ଼େ*
*ଯେତେବେଳେ ତୁମକୁ ପାଣିମାଡ଼ ହୁଏ*
*ତୁମ ରାସ୍ତାରୁ ହଟେଇ*
*ଦିଆଯାଏ ଆଲୁଅ*
*ପାଦତଳେ ଖୋଳାଯାଏ ଗାଡ଼*
*ଚାରିପାଖରେ ଘେରେଇ ଦିଆଯାଏ*
*କଣ୍ଟାର ବାଡ ।*

*++++++*

*ମୁଁ ସେ ମା' ନୁହେଁ!*
*ଯିଏ ଭୋକଲା ପେଟରେ*
*ମୃତ୍ୟୁକୁ ଗଣ୍ଠିଲିରେ ବୋହି*
*ଏତେବାଟ ଆସିବାର*
*ସାହସ ରଖିପାରେ ଓ ପହଂଚି ନପାରି*
*ବେନାମୀ ଖବର ଦେଇପାରେ ।'*

*(ଏକ ବେନାମୀ ଖବର)*

*++++++*

*ତାର ସେ ନିଷ୍ଠୁର ଅଂଗୁଳି*
*ଛୁଇଁବାକୁ ଗଲେ ମୋର ଓଠ*
*ଦୁଇପାଦ ଘୁଂଚି ଯାଇପାରେନି ପଛକୁ*
*ତରଳିଯାଏ ମହମହ ମୂର୍ତ୍ତିଟିଏ ପରି*
*ଗୋଟେ କ୍ଷତର ମୋହରେ ! (ମୂର୍ତ୍ତି)*

କବି ଜୟନ୍ତୀ ଜଣେ ବିଦ୍ରୋହୀ କବି । କବିତା ଲେଖିବା ବେଳେ ସେ ଭୁଲିଯାନ୍ତି ଯେ ସେ ଗୋଟେ ନାରୀ, ଯାହାକୁ ଲୁଚେଇ ରଖିବାକୁ ପଡ଼େ ଘର ଭିତରର ଦୃଶ୍ୟ ତାହା ଦୁଃଖର ହେଉ ଅବା ସୁଖର । ତାକୁ ଘୋଡ଼େଇ ଦେବାକୁ ପଡ଼େ ତାହା ଦୈନ୍ୟତା ହେଉ ବା ମୌନତା । କିନ୍ତୁ ଜୟନ୍ତୀ ଏହାର ବ୍ୟତିକ୍ରମ । ସେ ହିଁ ସ୍ପଷ୍ଟ ଭାବରେ ଲେଖିପାରନ୍ତି 'ଯେଉଁ ଘରଟିରେ ବାସକରେ ତାହା ଏକ ଭୂତାଣୁ' ପରି କବିତା ।

*ଯେଉଁ ଘରଟିରେ ବାସ କରେ*
*ତାର ଦୁଇଟି ଦୁଆର ଅଛି/ ଆଠଟି ଝରକା*

*++++++*

*ଯେଉଁ ଘରକୁ ସଜାଡ଼ିବାରେ*
*ମୁଁ ଜୀବନ ଲଗେଇ ଦେଲି, ଦୁର୍ଭାଗ୍ୟ ।*

*++++++*

*ଏମିତି ଏକ ଘରେ ବାସକରେ*
*ଯେଉଁ ଘରର ଯାବତୀୟ ଦୁର୍ଘଟଣା ପାଇଁ*
*ଦୋଷ ଦିଆଯାଏ ମୋତେ*
*ଅଥଚ ମୋର ପୀଡ଼ା ଓ ଯାତନା ପାଇଁ*
*କାହାକୁ ଦାୟୀ କରାଯାଇ ପାରେନା ।*
*ଏ ମହାମାରୀର ମୃତ୍ୟୁ ତାଣ୍ଡବ*
*ନେଇ ଆସେ ସଂକ୍ରାମକ ଭୂତାଣୁ*
*ଯାହାର ଶୀକାର ହୋଇ ଆସିଛି*
*କାଇଁ କେତେକାଳୁ ଏଇ ଘରେ ।*

*++++++*

କବିତା ଗୋଟେ ମନ୍ତ୍ର ପରି, ଯାହା ଉଚ୍ଚାରଣ କଲାବେଳେ ଜଣାପଡ଼େନି ଯେ କବି ଅମିତ ଶକ୍ତିର ଅଧିକାରୀ । କବିତା କବି ହୃଦୟର ଏକ ଉଦାର ପ୍ରତିଫଳନ, ବାଙ୍ମୟ କଳାକର୍ମ । ଏହା ଚେତନାର ଏକ ଉତ୍ତରଣ । ତାହା ପାଠକକୁ ଅନନ୍ତ ଅସୀମ ଓ ଅପରିମିତ ସହିତ ସଂଯୋଗ ସ୍ଥାପନ କରାଇପାରେ ।

*ଯଦି ବଂଚି ପାରିଥାନ୍ତି*
*ମୁଁ ଦେଇଥାନ୍ତି ତୁମର ମେରୁଦଣ୍ଡକୁ*
*ସଳଖ କରିବାରେ ପିଠିଟିଏ*
*ମୁଁ ହୋଇପାରିଥାନ୍ତି ନିଶ୍ଚୟ*
*ହୁଏତ ନିରୋଗ ଦେଶଟିଏ*
*ଟେକି ଦେଇଥାନ୍ତି ତୁମ ହାତକୁ*
*ବିନା ଦ୍ୱିଧାରେ ।*

*(ଗୋଟେ ଦେଖାନ୍ତରୀ ସ୍ୱପ୍ନର ମୃତ୍ୟୁ)*

ବେଶ୍ ଦୃପ୍ତ ଶୁଭେ କବିଙ୍କ କଣ୍ଠସ୍ୱର ସେଇଠି, ଯେଉଁଠି ବିନା କୌଣସି ଦ୍ୱିଧାରେ କହିପାରନ୍ତି 'ମୁଁ ନଷ୍ଟ କରିନି ତୁମର ଶାନ୍ତି, ଯଦି ତୁମେ ଲୁଟିନିଅ ମୋ ଭାଗର ସୁଖ, ମୋ ରାସ୍ତାର ବଡିଖୁଣ୍ଟ, ମୋ ଶିଁଶାରୁ କ୍ଷୀର, ପିନ୍ଧାଇ ଦିଅ ବାନ୍ଝ ଭାଗ୍ୟର ଦାଗ, ମୋ ବିଛଣାକୁ କର ଆର୍ଦ୍ର, ମୋ ମାଟିକୁ କର ଅନୁର୍ବର ଏବଂ ମୋ ଆକାଶରେ ଗାତ ଖୋଳିଦିଅ ଓ ସମୁଦ୍ରକୁ କର ନିର୍ଜଳ ଇତ୍ୟାଦି ଇତ୍ୟାଦି ।

*ତମେ ଯଦି ବାକ୍‌ଶୂନ୍ୟ କର*
*ମୋର ଓଠକୁ*
*ଜିଭକୁ କର ସ୍ୱାଦହୀନ*
*ମୁଁ ତୁମର ଶାନ୍ତି ନଷ୍ଟ କରିବି ।*

*+++++*

*ତମେ ଯଦି ଶାନ୍ତି ଚାହଁ*
*ପବନକୁ ପଂଜୁରୀ ଭିତରେ ରଖନି ।*

*(ଶାନ୍ତି ନଷ୍ଟ କରିବି)*

ଜୀବନ ଯୁଦ୍ଧର ସଚ୍ଚା ସୈନିକ ପରି ମନୋବୃତ୍ତି ଜୟନ୍ତୀଙ୍କର । କୋଉ ଧାଡିରେ ବି କ୍ଷତ ବିକ୍ଷତ ହେବାର ଭୟ ନାହିଁ, କି ଭ୍ରାନ୍ତି ନାହିଁ । ବେଶ୍ ନିଷ୍କପଟ ଭାବେ ସେ କହିପାରନ୍ତି-

*ମୁଁ ଗୋଟେ କବିତା ଲେଖିବାକୁ ଚାହିଁଥିଲି*
*ସତ କବିତା ।*
*ଯେଉଁ କବିତାରେ ମୁଖା ଖୋଲି ଦେଇଥାନ୍ତି*
*ଛଦ୍ମବେଶୀ ମାନଙ୍କର ଅବୈଧ ପରମ୍ପରା ।*

*(ସତକବିତା)*

କବି ଜୟନ୍ତୀ ବିଶ୍ୱାଳ ବେହୁରିଆଙ୍କ 'ସ୍ତ୍ରୀ ଲୋକ, ଉଦାସ ସକାଳ, ଅସ୍ତିତ୍ୱ, ତଥାପି ସରୁନି, ମର୍ଜି, ପ୍ରେମ ଅନାହାର ମୃତ୍ୟୁ, ଘୃଣାର ସାମ୍ରାଜ୍ୟ, ସ୍ୱୀକାରୋକ୍ତି, ଦୁଃସ୍ୱପ୍ନ, ଫୋନିକ୍ସ, ଭାଙ୍ଗିସାରିଛି, ପ୍ରତିପକ୍ଷ, ଦ୍ରୋହ, ଭୋକ, ବଂଚିବା ଜରୁରୀ, ବାଘ, ନାରୀ ଶିକାର ଆଦି ଶୀର୍ଷକ କବିତା ଗୋଟେ ଚିରାଚରିତ ଜୀବନ ଭିତରୁ ତାର ବାସ୍ତବତା ଓ ବାହ୍ୟରୂପ ଭିତରୁ ନିଆରା ପଣଟିକୁ ଦେଖେଇ ଦେଇପାରେ ପାଠକଙ୍କୁ, ଯାହା ଏଇ ସଂକଳନରେ ସ୍ଥାନିତ । କବିତା ଗୁଡ଼ିକ ଭିତରେ କବିଙ୍କ ସ୍ୱର ବିଦ୍ରୋହୀ ସ୍ୱର ପରି ହିଁ ଶୁଭେ । ଚିରାଚରିତ ଅର୍ଥରେ ଯାହାକୁ ବିଦ୍ରୋହ ବା ବିପ୍ଳବ ବୋଲି ଭାବୁ ତାହା ନୁହନ୍ତି ବରଂ ନିଜ ବାଗରେ ନିଜ ଭାଷାରେ ସେ ଯେମିତି ଉଚ୍ଚାରଣ କରିଛନ୍ତି ତାଙ୍କ ଶବ୍ଦ ସମୂହକୁ, ତାହା ସାଧାରଣ ଭିତରେ ଅସାଧାରଣ ପରି ହିଁ ତାଙ୍କୁ ଚିହ୍ନାଏ । ବାମାବାଦୀ ଚେତନା ଓ ଚଳନ୍ତି ସମୟର ଆହ୍ୱାନକୁ କବିତାମାନଙ୍କରେ ବେଶ୍ ସ୍ପଷ୍ଟ ଓ ସ୍ପର୍ଦ୍ଧାର ସହ ଉଚ୍ଚାରଣ କରି ସେ ତିଆରି କରିପାରିଛନ୍ତି ତାଙ୍କର ନିଆରା ପରିଚୟ ।

ମୋଟାମୋଟି ଭାବରେ କହିବାକୁ ଗଲେ ସଂକଳନର ସମସ୍ତ କବିତା ବେଶ୍ ହୃଦୟସ୍ପର୍ଶୀ ।

କବିତାକୁ ବୁଝୁଥିବା, କବିତାକୁ ଭଲ ପାଉଥିବା ମଣିଷ ମାନଙ୍କ ମନରେ ଗାରଟିଏ ଟାଣି ପାରିବାର କ୍ଷମତା ରଖନ୍ତି 'ଏ ଯୁଦ୍ଧ ବି ସରିଯିବ ଦିନେ'ର କବିତାମାନେ । ନିରବଧି କାଳ ହିଁ ଶ୍ରେଷ୍ଠ ବିଚାରକ । ତଥାପି ଜୟନ୍ତୀ ବିଶ୍ୱାଳ ତାଙ୍କ କବିତାରେ ଆଙ୍କିଥିବା ସମୟର କରୁଣ ଚିତ୍ର ଓ ଶୋଷିତ ମଣିଷର କରୁଣ ସଂଘର୍ଷ ଭିତରେ ଜୀବନକୁ ଖୋଜିବେ ଏବଂ ତାହାହିଁ ହେବ ଜୟନ୍ତୀଙ୍କର କାବ୍ୟ ସଫଳତା ।







♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩




ଗୋଟେ ଭିନ୍ନ ସ୍ୱାଦର ଗଳ୍ପ

# ଅଭିଭାଷଣ



ନିରଞ୍ଜନ ସାହୁ

ଗତବର୍ଷ ନୂଆବର୍ଷ ଦିନ ବରିଷ୍ଠ ନାଗରିକମାନଙ୍କର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିବା ପାଇଁ ସମୀର ବାବୁଙ୍କ ପାଖରେ ପହଞ୍ଚିଥିଲେ ଅନାଦି ବାବୁ । ଅନୁରୋଧ କରିଥିଲେ ବରିଷ୍ଠ ନାଗରିକ ମାନଙ୍କର ବାର୍ଷିକ ଉତ୍ସବରେ ସମୀର ବାବୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରନ୍ତୁ । ଅତି ବିନମ୍ର ସହକାରେ ସମୀର ବାବୁ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ । ସମୀର ବାବୁଙ୍କର ଯୁକ୍ତି ଥିଲା ଯେ ବରିଷ୍ଠମାନଙ୍କର ସଭାରେ ତାଙ୍କ ପରି ଜଣେ କନିଷ୍ଠ ବ୍ୟକ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ କ'ଣ ଅଭିଭାଷଣ ରଖିବ । ବରିଷ୍ଠମାନେ ଅନୁଭୂତି ତଥା ଅଭିଜ୍ଞତାରେ ତାଙ୍କଠାରୁ ଢେର ଆଗରେ । ତାହାଛଡା ସେମାନେ ଜ୍ଞାନୀ, ଗୁଣୀ, ବିଜ୍ଞ, ପଣ୍ଡିତ ଅଟନ୍ତି । ଭାଷଣ ଦେବାରେ ସେମାନଙ୍କର ଯଥେଷ୍ଟ ଦକ୍ଷତା ରହିଛି । ବିଭିନ୍ନ ସରକାରୀ ଓ ବେସରକାରୀ ପଦପଦବୀରେ ମଣ୍ଡିତ ହୋଇ ସେମାନେ ଏବେ ଅବସର ନେଇଛନ୍ତି । ଅନେକ ସଭାସମିତି ତଥା ସଙ୍ଗଠନ ମାଧ୍ୟମରେ ସେମାନଙ୍କର ଅନେକ ସୁନ୍ଦର ସୁନ୍ଦର ବକ୍ତୃତା ଦେବାର ଅଭିଜ୍ଞତା ରହିଛି । ସେମାନଙ୍କ ସଭାରେ ଜଣେ କନିଷ୍ଠ ବ୍ୟକ୍ତି ମୁଖ୍ୟ ଆସନ ଅଳଙ୍କୃତ କରିବା ସଭାକୁ ଶୋଭା ପାଇବ ନାହିଁ ।

ମାତ୍ର ଅନାଦି ବାବୁ ଏ ପ୍ରସ୍ତାବକୁ ଗ୍ରହଣ ନ କରି ବରିଷ୍ଠ କନିଷ୍ଠ ମତଭେଦ ନ ରଖି ଜଣେ ସୁବକ୍ତା ହିସାବରେ ତାଙ୍କୁ ମୁଖ୍ୟ ଅତିଥି ଭାବରେ ସଭାରେ ଆସନ ଅଳଙ୍କୃତ କରିବା ବିଷୟ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଛି ବୋଲି ସମୀର ବାବୁଙ୍କ ଜଣାଇଲେ । ସମସ୍ତଙ୍କ ଅନୁରୋଧକୁ ଅଗ୍ରାହ୍ୟ କରିଦେବାଟା ଉଚିତ ହେବନାହିଁ ବୋଲି ଅନାଦି ବାବୁ କହିବା ସହିତ ବିଶେଷ କରି ସିଏ ସ୍ୱୟଂ ଏହି ପ୍ରସ୍ତାବ ଆଗତ କରିଥିବାରୁ ତାଙ୍କର ସମ୍ମାନ ରକ୍ଷା କରିବାକୁ ସମୀର ବାବୁଙ୍କୁ ନିଶ୍ଚୟ ଯିବାକୁ ପଡ଼ିବ ବୋଲି ବାରମ୍ଭାର ଅନୁରୋଧ କରିବାରୁ ସମୀର ବାବୁ କିଂ କର୍ତ୍ତବ୍ୟମୂଢ଼ ହୋଇ ବାଧବାଧକତାରେ ହଁ ଭରିଲେ ସତ , ମାତ୍ର ମନ ମଧ୍ୟରେ ସେତେଟା ଆଗ୍ରହ ପ୍ରକାଶ କରିଲେ ନାହିଁ ।

ସମୀର ବାବୁ ବୃତ୍ତିରେ ଜଣେ ଇଞ୍ଜିନିୟର । ବିଦ୍ୟୁତ ବିଭାଗରେ ଜୁନିୟର ଇଞ୍ଜିନିୟର ଭାବରେ ସେ ସେହି ଅଞ୍ଚଳର ବିଦ୍ୟୁତ ସେକ୍ସନରେ କାର୍ଯ୍ୟରତ । ମାତ୍ର ସ୍ଥାନୀୟ ଅଞ୍ଚଳରେ ହେଉଥିବା ବିଭିନ୍ନ ସଭାସମିତିରେ ଉପସ୍ଥିତ ରହି ସେ ମଞ୍ଚରେ ଯେଉଁ ଅଭିଭାଷଣ ପ୍ରଦାନ କରନ୍ତି ସେଥିରେ ସେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦିଅନ୍ତି । ସେହି ଅଞ୍ଚଳର ଧାର୍ମିକ ଅନୁଷ୍ଠାନ, ସାରସ୍ୱତ ମଞ୍ଚ, ଶ୍ରଦ୍ଧାଞ୍ଜଳି ସଭା, ବିଦ୍ୟାଳୟମାନଙ୍କର ବାର୍ଷିକ ଉତ୍ସବ, ବିଭିନ୍ନ କ୍ଳବମାନଙ୍କର ନାଟକ ଉତ୍ସବ ଇତ୍ୟାଦି କାର୍ଯ୍ୟକ୍ରମରେ ସେ ଅତିଥି ଭାବରେ ସେ ଯୋଗଦାନ କରି ଖୁବ ଉଚ୍ଚକୋଟୀର ଅଭିଭାଷଣ ଦେଇ ଜଣେ ବକ୍ତା ହେବାର ଦକ୍ଷତା ପ୍ରତିପାଦନ କରିଛନ୍ତି । ତେବେ ବରିଷ୍ଠମାନଙ୍କର ସଭାରେ ସେ ଜଣେ କନିଷ୍ଠ ବ୍ୟକ୍ତି ହୋଇଥିବାରୁ ବରଂ ସେ ଯୋଗଦାନ କରି କିଛି ଭାଷଣ ଶ୍ରବଣ କରି ଜ୍ଞାନ ଆହରଣ ପୂର୍ବକ ନିଜକୁ ଧନ୍ୟ ମନେକରିଥାନ୍ତେ ବୋଲି ଆଶା ପ୍ରକାଶ କରିଥିଲେ ମଧ ଅନାଦିବାବୁଙ୍କ ବାରମ୍ବାର ଅନୁରୋଧକୁ ଏଡାଇ ଦେବାକୁ ଉଚିତ ମନେକଲେ ନାହିଁ ।

ଉତ୍ସବର ଚାରିଦିନ ଆଗରୁ ତାଙ୍କ ପାଖରେ ନିମନ୍ତ୍ରଣ କାର୍ଡ ଧରି ପହଁଚିଲେ ଅନାଦି ବାବୁ । ନିମନ୍ତ୍ରଣ ଦେବା ସହିତ ସେଦିନ କୌଣସି ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ନକରି ସେମାନଙ୍କ ସଭାକୁ ସାଫଲ୍ୟମଣ୍ଡିତ କରିବାକୁ ନିବେଦନ କରିଲେ । ଅନାଦି ବାବୁଙ୍କ ପରି ଜଣେ ବୟସ୍କ ବ୍ୟକ୍ତି ତଥା ଜଣେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କର ଅନୁରୋଧକୁ ଆଉ ପ୍ରତ୍ୟାଖ୍ୟାନ କରିବାର ଅବକାଶ ନଥିଲା ତାଙ୍କ ପାଖରେ । ତେଣୁ ସେ ବାଧ ହୋଇ ହଁ ଭରିବା ସହିତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ସାମାନ୍ୟ ଆଗ୍ରହ ପ୍ରକାଶ କରିଲେ । ଅନାଦି ବାବୁ ମଧ ନୂଆବର୍ଷ ଦିନ ଠିକ ଦଶଟା ବେଳେ ତାଙ୍କ ପାଖରେ ପହଞ୍ଚି ନିଜ ଗାଡ଼ିରେ ସାଥିରେ ନେଇଯିବେ ବୋଲି ସମୀର ବାବୁଙ୍କୁ କହିବା ସହିତ ସଭାରେ ଉପସ୍ଥିତ ହେବାକୁ ଥିବା ଅନ୍ୟାନ୍ୟ ଭଦ୍ରବ୍ୟକ୍ତି, ନିମନ୍ତ୍ରିତ ଅତିଥି ଓ କାର୍ଯ୍ୟସୂଚୀ ବାବଦରେ ବିଶଦ ଆଲୋଚନା କରି ବିଦାୟ ନେଲେ ।

ନୂଆବର୍ଷ ଦିନ ସେଠାରୁ ଦଶ କିଲୋମିଟର ଦୂରରେ ଏକ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ହୋଇଥିବା ଉତ୍ସବ ସ୍ଥଳରେ ନିର୍ଦ୍ଧାରିତ ସମୟରେ ଅନାଦି ବାବୁଙ୍କ ଗାଡ଼ିରେ ପହଞ୍ଚିଲେ ସମୀର ବାବୁ । ସମୀର ବାବୁଙ୍କ ପରି ଜଣେ ଯୁବକଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରିତ କରାଯାଇଥିବା ଦେଖି ଅନେକ ବ୍ୟକ୍ତି ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହିତ ଅନେକ ମଧ ସମୀର ବାବୁଙ୍କ ସହିତ କଥା ପ୍ରସଙ୍ଗରେ ପରିଚୟ ବୁଝିନେଲେ । ଅବଶ୍ୟ ସମୀର ବାବୁଙ୍କୁ ଆତିଥେୟତା ପ୍ରଦାନ କରିବାରେ କେବେ ତ୍ରୁଟି ହୋଇନଥିଲା । ଯଥେଷ୍ଟ ସମ୍ମାନର ସହିତ ଅତିଥିଙ୍କୁ ଅଭ୍ୟର୍ଥନା କକ୍ଷକୁ ନିଆଯାଇ ଚା ଓ ଜଳଖିଆରେ ପ୍ରାଥମିକ ଭାବରେ ଆପ୍ୟାୟିତ କରି ଅତିଥି ଚର୍ଚ୍ଚା କରାଯାଇଥିଲା । ମାତ୍ର ଜଣେ ଯୁବକଙ୍କୁ ମୁଖ୍ୟ ଅତିଥି ଭାବରେ ଅନାଦି ବାବୁ ପ୍ରସ୍ତାବ ଦେଇଥିବାରୁ ଅଧିକାଂଶ ବରିଷ୍ଠ ନାଗରିକ ସେତେଟା ଖୁସି ନଥିବା ପରି ଅନୁଭବ କରିଥିଲେ ସମୀର ବାବୁ । ପରେପରେ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିମାନେ ସଭାସ୍ଥଳରେ ପହଞ୍ଚିବା ପରେ ସେମାନଙ୍କୁ ମଧ ସେହି ଅଭ୍ୟର୍ଥନା କକ୍ଷରେ ଆତିଥେୟତା ପ୍ରଦାନ କରାଯାଇଥିଲା । ନିମନ୍ତ୍ରିତ ଅନ୍ୟାନ୍ୟ ଅତିଥିମାନେ ମଧ ଏହି ଯୁବ ଅତିଥିଙ୍କ ସହିତ ପରିଚିତ ହେବାବେଳେ ଉପର ମନରେ ଯେତେଟା ଖୁସି ଅନୁଭବ କରୁଥିଲେ ଭିତରେ ମନରେ ସେତେଟା ଆଗ୍ରହ ପ୍ରକାଶ କରିନଥିବା ଅନୁଭବ କରିଥିଲେ ସମୀର ବାବୁ । ବୋଧହୁଏ ବୟସର ତାରତମ୍ୟ ହିଁ ଏଠାରେ ମୁଖ୍ୟ ପ୍ରତିବନ୍ଧକ ସାଜିଥିଲା ବୋଲି ସମୀର ବାବୁ ଠଉରେଇ ନେଇଥିଲେ ।

ଯଥା ସମୟରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଅତିଥିମାନଙ୍କ ମଞ୍ଚ ଆରୋହଣ, ସ୍ୱାଗତ ସମ୍ଭାଷଣ, ପ୍ରଦୀପ ପ୍ରଜ୍ୱଳନ, ଅତିଥି ପରିଚୟ, ସମ୍ବର୍ଦ୍ଧନା ପର୍ବ ଇତ୍ୟାଦି କାର୍ଯ୍ୟକ୍ରମର ସମାପନ ପରେ ଏଥର ଅତିଥିମାନେ ଭାଷଣ ଦେବାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ସଭାପତିଙ୍କ ଅନୁରୋଧରେ ସର୍ବପ୍ରଥମେ ସମୀର ବାବୁ ନିଜର ବକ୍ତବ୍ୟ ରଖିବାର ସୁଯୋଗ ପାଇଥିଲେ । ସମୀର ବାବୁ ସଭାକୁ ସମ୍ବୋଧନ କରିବା ପରେ ବରିଷ୍ଠମାନଙ୍କ ସଭାରେ ତାଙ୍କ ପରି ଜଣେ କନିଷ୍ଠଙ୍କୁ ମୁଖ୍ୟ ଅତିଥି ଆସନ ଦେଇ ତାଙ୍କଠାରୁ କିଛି ବକ୍ତବ୍ୟ ଶୁଣିବାକୁ ସମସ୍ତେ ଚାହିଁଥିବାରୁ ସେ ପ୍ରଥମେ ବିନମ୍ର ସହକାରେ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ପୂର୍ବକ ବକ୍ତବ୍ୟରେ କୌଣସି ଭୁଲତ୍ରୁଟି ରହିଲେ ତାଙ୍କୁ କ୍ଷମା କରିଦେବାକୁ ନିବେଦନ କରି ନିଜର ସ୍ୱଭାବସୁଲଭ ଢଙ୍ଗରେ ବକ୍ତବ୍ୟ ଦେବା ଆରମ୍ଭ କରିଲେ ।

ସେଦିନ ଆମେରିକାର ଚିକାଗୋ ଧର୍ମସଭାରେ ବିଶ୍ୱର ପ୍ରମୁଖ ଜ୍ଞାନୀଗୁଣୀଙ୍କ ସାମ୍ନାରେ ଯୁବ ସନ୍ୟାସୀ ସ୍ୱାମୀ ବିବେକାନନ୍ଦ ଯେପରି ଅନର୍ଗଳ ବକ୍ତୃତା ଦେଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଯେପରି ସମସ୍ତଙ୍କ ହୃଦୟକୁ ଜିଣି ନେଇଥିଲେ, ଠିକ ସେହିପରି ସମୀର ବାବୁ ମଧ ନିଜର ଅଭିଭାଷଣ ଜରିଆରେ ଉପସ୍ଥିତ ସଭାସଦଙ୍କ ମନକୁ ମୋହି ପାରିଥିବାର ଅନୁଭବ କରି ନିଜର ବକ୍ତବ୍ୟ ଆଗକୁ ବଢ଼ାଇ ଚାଲିଥିବା ବେଳେ ହଠାତ ସଭାର ସଭାପତି ତାଙ୍କୁ ସେତିକି କହି ନିଜର ବକ୍ତବ୍ୟ ରଖିବାକୁ ସୂଚନା ପ୍ରଦାନ କରିଲେ । ଏପରିକି ସଭାପତି ନିଜ ଆସନରେ ଛିଡା ହୋଇ ସମୀର ବାବୁ ସେତିକି କୁହନ୍ତୁ ବୋଲି ଘୋଷଣା କରିବା ସହିତ ଅନ୍ୟ ଜଣେ ଅତିଥିଙ୍କୁ କହିବାକୁ ଅନୁରୋଧ ଜଣାଇଲେ ।

ବାଧହୋଇ ସମୀର ବାବୁ ନିଜର ବକ୍ତବ୍ୟକୁ ଅଧାରେ ରଖି ଆସନ ଅଳଙ୍କୃତ କରି ନିଜ ଘଣ୍ଟାକୁ ଚାହିଁ ଦେଖିଲେ ଯେ ସେ ମାତ୍ର ଦଶ ମିନିଟ ବକ୍ତବ୍ୟ ରଖିଛନ୍ତି । ସଭାରେ ବସିଥିବା ସମସ୍ତ ଶ୍ରୋତାଗଣ ମଧ ଏପରି ଉଚ୍ଚକୋଟୀର ଭାଷଣକୁ ହଠାତ ବନ୍ଦ କରିଦେବାଟାକୁ ସହଜରେ ଗ୍ରହଣ କରିପାରିଲେ ନାହିଁ । ସେମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ପରସ୍ପର ମଧ୍ୟରେ ମୃଦୁ ଆଲୋଚନା କରି ଏହା ଠିକ ହେଲାନାହିଁ ବୋଲି ମତ ଦେଲେ ମଧ ସଭାରେ ଅନ୍ୟଜଣେ ଅତିଥି ଠିଆ ହୋଇ ନିଜର ଅଭିଭାଷଣ ଜାରି ରଖିଥିବାରୁ ବାଧହୋଇ ସେମାନେ ଶୃଙ୍ଖଳା ରକ୍ଷା କରିବାକୁ ଲାଗିଲେ ।

ସମୀର ବାବୁ ନିଜ ଆସନରେ ମୁହଁ ତଳକୁ କରି ବସିରହି ଅନ୍ୟ ଅତିଥିମାନଙ୍କର ଭାଷଣ ଶୁଣିବାକୁ ଲାଗିଲେ । ତାଙ୍କୁ ଅନ୍ୟ ଅତିଥିମାନଙ୍କର ଭାଷଣ ସେତେଟା ଭଲ ନ ଲାଗିଲେ ମଧ ସୌଜନ୍ୟ ଦୃଷ୍ଟିରୁ ମିଛଟାରେ ହସିହସି ଶୁଣିବାକୁ ଆଗ୍ରହ ପ୍ରକାଶ କରିଲେ । ମାତ୍ର ତାଙ୍କ କାହିଁକି ହଠାତ ବନ୍ଦ କରିଦିଆଗଲା ଏହାର ରହସ୍ୟ ସେ ସହଜରେ ଭେଦ କରିପାରିଲେ ନାହିଁ ।

ସଭା ସରିଗଲା ପରେ ଅତିଥିମାନେ ମଞ୍ଚ ଉପରୁ ଓହ୍ଲାଇବା ମାତ୍ରେ ଉପସ୍ଥିତ ଶୋତୃମଣ୍ଡଳୀ ତାଙ୍କୁ ଘେରିଯାଇ ଏହା ତାଙ୍କ ପ୍ରତି ଅନ୍ୟାୟ ହୋଇଛି ବୋଲି କହି କ୍ଷମା ପ୍ରାର୍ଥନା କରିଲେ । ତାଙ୍କ ପରି ଜଣେ ଉଚ୍ଚକୋଟୀର ସୁବକ୍ତା ଭାଷଣ ଦେଉଥିବା ବେଳେ ସଭାପତି ତାଙ୍କୁ ଅଟକାଇ ଦେଇଥିବାରୁ ସମସ୍ତେ ସଭାପତିଙ୍କୁ ଭେଟି କ୍ଷୋଭ ପ୍ରକାଶ କରିଲେ । ସଭାପତି ଜଣଙ୍କ ମଧ ଏହି କଥାରେ ଘାବରେଇ ଯାଇ ନିଜକୁ ଅପଦସ୍ତ ମନେ କରିଲେ । ପରେପରେ କିନ୍ତୁ ପ୍ରକୃତ କଥାଟା ଜଣା ପଡିଥିଲା । ସଭାପତି ମହୋଦୟ ସମୀର ବାବୁଙ୍କ ଏକାନ୍ତରେ ଡାକି ଅନ୍ୟାନ୍ୟ ଅତିଥିମାନେ ତାଙ୍କୁ ସେତିକିରେ ଅଟକାଇବାକୁ ବାରମ୍ବାର ନିବେଦନ କରିଥିଲେ ବୋଲି ପ୍ରକାଶ କରିଲେ । କାରଣ ଅନ୍ୟାନ୍ୟ ବରିଷ୍ଠ ଅତିଥିମାନେ ଏହି ପ୍ରକାର ଭାଷଣ ପ୍ରଦାନ ନିକଟରେ ନିଜର ବକ୍ତବ୍ୟ ସେତେଟା ଉଚ୍ଚକୋଟୀର ଦେଇପାରିବେ ନାହିଁ ବୋଲି ଅନୁଭବ କରି ସଭାରେ ଅପଦସ୍ତ ହେବା ଆଗରୁ ସମୀର ବାବୁଙ୍କ ଅଟକାଇ ଦେବାକୁ ସଭାପତିଙ୍କୁ ଅନୁରୋଧ କରିଥିଲେ । ସମୀର ବାବୁଙ୍କୁ ଦଶ ମିନିଟ ଭାଷଣ ପ୍ରଦାନ କରିବାକୁ ଦେଇଥିବା ସଭାପତି ମହୋଦୟ ଅନ୍ୟ ଅତିଥିମାନଙ୍କୁ ଅଧଘଣ୍ଟାଏ ଲେଖାଏଁ ଭାଷଣ ଦେବାକୁ ସମୟ ଦେଇଥିଲେ ମଧ କେବେବି ସେତିକିରେ ଅଟକି ଯିବାକୁ କହି ନଥିବା ଜଣାଇ ସଭାପତିଙ୍କ ଆଗରେ ନିଜର କ୍ଷୋଭ ପ୍ରକାଶ କରିଲେ ।

ମାତ୍ର ଶ୍ରୋତାମଣ୍ଡଳୀମାନେ ସମୀର ବାବୁଙ୍କ ଏହି ଦଶ ମିନିଟ ଭାଷଣର ଭୁରିଭୂରି ପ୍ରଶଂସା କରିବା ସହିତ ବରିଷ୍ଠ ନାଗରିକମାନଙ୍କର ମାସିକ ବୈଠକରେ ଉପସ୍ଥିତ ରହି ବିଭିନ୍ନ ବିଷୟରେ ବକ୍ତବ୍ୟ ପ୍ରଦାନ କରିବାକୁ ଅନୁରୋଧ କରିବା ସହିତ ସେମାନଙ୍କ ଅଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମରେ ଅତିଥି ଭାବେ ନିମନ୍ତ୍ରିତ କରିବାକୁ ପ୍ରସ୍ତାବ ଦେଲେ । ସମୀର ବାବୁ ମଧ ହସିହସି ସବୁ ପ୍ରସ୍ତାବକୁ ଗ୍ରହଣ କରିବା ସହିତ ଆଜି ସେ ଆଉ ଟିକିଏ କହିଥିଲେ ନିଜର ଅଭିଭାଷଣକୁ ପୂର୍ଣ୍ଣାଙ୍ଗ କରିପାରିଥାନ୍ତେ ବୋଲି କହିଥିଲେ । ଉପକ୍ରମରୁ ବର୍ଣ୍ଣନା ଯାଏ ସେ ଯାଇଛନ୍ତି କି ନାହିଁ ତାଙ୍କୁ ଅଟକାଇ ଦିଆଯାଇଥିବାରୁ ସେ ଦୁଃଖ ପ୍ରକାଶ କରିବା ସହିତ ଉପସଂହାର ଯାଏ ନ ଯାଇପାରିଥିବାରୁ ନିଜ ଆତ୍ମାକୁ ଶାନ୍ତି ଦେଇପାରୁନଥିଲେ । ଶେଷରେ ସାମୂହିକ ଭୋଜନ ପରେପରେ ଅତିଥିମାନଙ୍କ ବିଦାୟ ପର୍ବ ଆରମ୍ଭ ହୋଇଥିଲା । ସମସ୍ତ ଅତିଥିମାନଙ୍କ ବିଦାୟ ପରେ ସମୀର ବାବୁ ଅ ଅନାଦି ବାବୁଙ୍କ ସହିତ ଗାଡ଼ିରେ ଫେରିବା ସମୟରେ ଉପସ୍ଥିତ ବରିଷ୍ଠ ନାଗରିକମାନେ ତାଙ୍କୁ ଯେଉଁପ୍ରକାର ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ ତାହା ତାଙ୍କ ମନର ସମସ୍ତ ଦୁଃଖକୁ ଧୋଇଦେଇଥିଲା । ବରିଷ୍ଠମାନେ ଯେ ତାଙ୍କ ପରି ଜଣେ କନିଷ୍ଠଙ୍କୁ ଏତେଟା ଆଦର କରିବେ ତାହା ତାଙ୍କର ପରିକଳ୍ପନାର ବାହାରେ ଥିଲା । ଅନାଦି ବାବୁ ମଧ ଫେରିବା ବାଟରେ ସମୀର ବାବୁଙ୍କ ଅପଦସ୍ତ ବାବଦରେ ଦୁଃଖ ପ୍ରକାଶ କରି କ୍ଷମା ପ୍ରାର୍ଥନା କରିଥିଲେ ।

ବର୍ଷକ ପରେ ଏବେ ଆସୁଛି ନୂଆବର୍ଷ । ପୁଣି ତାଙ୍କୁ ଏବର୍ଷର ସଭାକୁ ସମ୍ବର୍ଦ୍ଧନା ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କରାଯାଇଛି । ସେ ସେହି ସଭାକୁ ପୁଣି ଯିବେ କି ନାହିଁ ବାରମ୍ବାର ଭାବୁଛନ୍ତି । ତାଙ୍କର ମନେପଡିଯାଉଛି ଧର୍ମପଦ, ବେଲାଲସେନ, ଜାରା ଶବର, ଅଭିମନ୍ୟୁ ମାନଙ୍କର କଥା । ବଡ଼ମାନେ ନିଜର ଅହମିକାକୁ ସାବ୍ୟସ୍ତ କରିବାକୁ ଯାଇ କିଭଳି ଭାବରେ ଏହି ପ୍ରଚଣ୍ଡ ପ୍ରତିଭାଧାରୀମାନଙ୍କୁ ବ୍ୟବହାର କରିଥିଲେ ସେହି କଥା ଭାବି ତାଙ୍କ ଦେହ ଶୀତେଇ ଉଠୁଥିଲା । ସେ ଭାବୁଥିଲେ ଆଉ ଭାବୁଥିଲେ । ଆଖି ଆଗରେ ନାଚି ଯାଉଥିଲା ବିଗତ ବର୍ଷରେ ସେ ସଭାରେ ପାଇଥିବା ଘୋର ଅପମାନ । ପୁଣି ସେହି ସଭାକୁ ଯିବାକୁ ତାଙ୍କର ଆତ୍ମା ସ୍ୱୀକାର କରୁନଥିଲା ।

ହଠାତ ତାଙ୍କ ନିକଟରେ ଏକ କାରରେ ପହଞ୍ଚିଥିଲେ ଚାରିପାଞ୍ଚଜଣ ବରିଷ୍ଠ ନାଗରିକ । ସେମାନେ ସମୀର ବାବୁଙ୍କୁ ସମ୍ବର୍ଦ୍ଧନା ଗ୍ରହଣ କରିବା ପାଇଁ ନିଶ୍ଚୟ ଯିବାକୁ ଅନୁରୋଧ କରୁଥିଲେ । ସମୀର ବାବୁଙ୍କ ପ୍ରଶ୍ନବାଚୀ ଦୃଷ୍ଟି ସେମାନଙ୍କୁ ସନ୍ତୁଷ୍ଟ କରିପାରିନଥିଲା । ସେମାନେ ଗତବର୍ଷର ଅପମାନକୁ ଭୁଲିଯାଇ ସେମାନଙ୍କ ଅନୁରୋଧ ରକ୍ଷାକରି ସଭାରେ ଉପସ୍ଥିତ ରହିବାକୁ ନିବେଦନ କରୁଥିଲେ । ଗତବର୍ଷର ଅକ୍ଷମଣୀୟ ଅପରାଧର ତ୍ରୁଟିମାର୍ଜ୍ଜନା ନିମନ୍ତେ ସେମାନେ ପ୍ରାୟଶ୍ଚିତ କରିବା ସ୍ୱରୂପ ତାଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ କରି ସମ୍ବର୍ଦ୍ଧନା ଦେବାକୁ ବ୍ୟବସ୍ଥା କରି ତାଙ୍କ ପାଖକୁ ଆସିଛନ୍ତି ବୋଲି ଜଣାଇଥିଲେ । ସମୀର ବାବୁ କ'ଣ କହିବେ କିଛି ଚିନ୍ତା କରିପାରୁନଥିଲେ । ତେବେ ବରିଷ୍ଠମାନଙ୍କର ଏହି ପ୍ରକାର ଆଗ୍ରହ ଓ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବାର ସାହସ ମନ ମଧ୍ୟରେ ଜୁଟାଇ ନପାରି ସେ ନିଶ୍ଚୟ ଉତ୍ସବକୁ ଯିବାକୁ ସମ୍ମତି ବାଢିଥିଲେ ।

ବରିଷ୍ଠ ନାଗରିକମାନେ କାରରେ ବସି ଫେରୁଥିଲେ ସ୍ୱସ୍ଥାନ ଅଭିମୁଖେ । ସମୀର ବାବୁ ଚାହିଁଥିଲେ ସେହି ଦିଗକୁ । ସେମାନଙ୍କ କାର ଆଖି ଆଗରୁ ଯେତିକି ଯେତିକି ଦୂରେଇ ଯାଉଥିଲା ସମୀର ବାବୁଙ୍କ ମନରେ ଗତବର୍ଷର ଘଟଣା ସେତିକି ସେତିକି ପାଖେଇ ପାଖେଇ ଆସୁଥିଲା । ସେ ପୁଣି ସେଦିନର ଘଟଣା ଭିତରକୁ ଧୀରେ ଧୀରେ ପଶିପଶି ଯାଉଥିଲେ । ଘଣ୍ଟାର କଣ୍ଟାଗୁଡିକ କିନ୍ତୁ ପଛକୁ ପଛକୁ ନ ଘୁରି ଆଗକୁ ଆଗକୁ ଧୀରେ ଧୀରେ ଅଗ୍ରସର ହେଉଥିଲେ ।




+ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

ଚେତନାର ଦର୍ପଣ - ୧୧

# ବିଚଳିତ ମନ



♥ ଲଳିତ ମୋହନ ମିଶ୍ର

ସୁଖ ତ ଦୁଃଖ ମନୁଷ୍ୟ ଜୀବନର ଚଲାପଥ । ସୁଖରେ ବିଭୋର ହେବା ଏବଂ ଦୁଃଖରେ ଭାଙ୍ଗି ପଡିବା ମନୁଷ୍ୟର କର୍ତ୍ତବ୍ୟ ନୁହେଁ । ମନୁଷ୍ୟ ଜୀବନ ସୁଖ-ଦୁଃଖର ଏକ ଅଭୁତ ସଙ୍ଗମ । ଏମିତି କୌଣସି ବ୍ୟକ୍ତି ନାହିଁ ଯାହାର ଜୀବନରେ ସର୍ବଦା ଖୁସି ଅଛି । ନିଜର ଇଚ୍ଛା ନଥିଲେ ମଧ ମନୁଷ୍ୟ ଦୁଃଖର ସାମ୍ନା କରିବାକୁ ପଡିଥାଏ । ସୁଖ ଦୁଃଖ ଗୋଟିଏ ଟଙ୍କାର ଦୁଇଟି ପାର୍ଶ୍ୱ । ପ୍ରତ୍ୟେକ ବ୍ୟକ୍ତିର ଜୀବନ ଏହି ସୁଖ ଦୁଃଖ ଦେଇ ଅତିକ୍ରମ କରିବାକୁ ପଡିଥାଏ । ଦୁଃଖ ଓ ସୁଖ ମୁଦ୍ରାର ଦୁଇ ପାର୍ଶ୍ୱ ପରି ଦୁଇଟି ପ୍ରଯାୟ । ଦୁଃଖ କେହି ଚାହାନ୍ତି ନାହିଁ, ମାତ୍ର ସମସ୍ତେ ଦୁଃଖୀ । ସୁଖ ସମସ୍ତଙ୍କୁ ଦରକାର, ହେଲେ ସମସ୍ତଙ୍କୁ ମିଳେନି । ସେ ଏମିତି କୌଣସି ଦ୍ରବ୍ୟ ନୁହେଁ ଯେ ତାକୁ ବଜାରରୁ କିଣି ହେବ ନା ତାକୁ ଉତ୍ପାଦନ କରି ହେବ ? ନା ନିଜର ଇଚ୍ଛା ମୁତାବକ ହାସଲ କରିହେବ । ଜଣେ ସଚେତନ ବ୍ୟବସାୟୀ ନିଜର ସବୁ ଧନ ଗୋଟିଏ ସ୍ଥାନରେ ନିବେଶ କରେ ନାହିଁ । ସେହିପରି ସୁଖ ଗୋଟିଏ ସ୍ଥାନରୁ ଆଶା କରିବା ମୂର୍ଖାମୀ । ଖୁସି ତ ସେତେବେଳେ ମିଳିବ ଯେତେବେଳେ ତୁମର ଚିନ୍ତା ଆଚରଣ ଓ ସ୍ୱଭାବ ସହିତ କାର୍ଯ୍ୟର ସାମଞ୍ଜସ୍ୟ ଥିବ । କଥାରେ ଅଛି, "ଦୁନିଆ ଦୁଇ ନିଆଁ" । ଅର୍ଥାତ ମଣିଷର ଜନ୍ମ ଏକୁଟି ନିଆଁରୁ ଆରମ୍ଭ, ମଶାଣି ନିଆଁରେ ଶେଷ । ମଣିଷ ଜୀବନଟା ଦୁଃଖପୂର୍ଣ ବିନ୍ଦୁ ପ୍ରକୃତରେ ତା ନୁହେଁ । ରାତି ସହିତ ଦିନ, ଅମାବାସ୍ୟା ସହ ପୂର୍ଣ୍ଣିମା । ସେହିପରି ଦୁଃଖ ସହ ସୁଖ । ବାସ୍ତବରେ ସୁଖ ବା ଦୁଃଖର କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ନାହିଁ । ଆମମାନଙ୍କ ପାଇଁ ଯାହା ଦୁଃଖ , ଅନ୍ୟ ପାଇଁ ତାହା ସୁଖ ହେଇପାରେ ।ଏହା ତ ବ୍ୟକ୍ତିର ମାନସିକତା, ଚରିତ୍ର ତଥା ପାରିବାରିକ ଏବଂ ସାମାଜିକ ସ୍ଥିତି ଉପରେ ନିର୍ଭର କରେ ।

ଥରେ ସମୁଦ୍ର କୂଳରେ ବୁଲୁଥିବା ସମୟରେ ଦେଖିଲି - ଏକ ଲହରୀ ଆସିଲା, ପିଲାଟିର ଚପଲଟି ଲହରୀରେ ସମୁଦ୍ର ଗର୍ଭକୁ ଚାଲିଗଲା । ପିଲାଟି ଆଙ୍ଗୁଠିରେ ବାଲି ଉପରେ ଲେଖିଲା - 'ସମୁଦ୍ର ହେଉଛି ଏକ ଚୋର' । କିଛି ମତ୍ସ୍ୟଜୀବୀ ସମୁଦ୍ରର ଅପର ପାର୍ଶ୍ୱରେ ଅନେକ ମାଛ ଧରି ଆସୁଥାନ୍ତି ସେମାନେ ସମାନ ବାଲିରେ ଲେଖନ୍ତି 'ସମୁଦ୍ର ହେଉଛି ମୋର ରକ୍ଷକ' । ଜଣେ ଯୁବକ ସମୁଦ୍ରରେ ବୁଡ଼ି ମୃତ୍ୟୁ ବରଣ କଲା, ତାଙ୍କ ମା ବାଲି ଉପରେ ଲେଖିଛନ୍ତି 'ସମୁଦ୍ର ଏକ ହତ୍ୟାକାରୀ' । ଅନ୍ୟ ପଟେ ଜଣେ ଗରିବ ବୃଦ୍ଧ ଅଣ୍ଟାରେ ହାତ ଦେଇ ସମୁଦ୍ର କୂଳରେ ବୁଲୁଥିଲେ, ଏତିକିବେଳେ ବୃଦ୍ଧାଙ୍କ ମୂଲ୍ୟବାନ ମୋତି ପାଇଲେ । ସେ ବାଲି ଉପରେ ଲେଖିଦେଲେ 'ସମୁଦ୍ର ହେଉଛି ଏକ ଦାତା' । ହଠାତ୍ ଏକ ବଡ଼ ତରଙ୍ଗ ଆସିଲା ଏବଂ ବାଲି ଉପରେ ଲେଖା ହୋଇଥିବା ସମସ୍ତ ଲେଖାକୁ ଲିଭାଇ ଦେଲା । ଲୋକମାନେ ସମୁଦ୍ର ବିଷୟରେ ଯାହା କୁହନ୍ତି ବିଚାର କରନ୍ତି ତାହା ସେ ନୁହେଁ । ବିଶାଳ ସମୁଦ୍ର ତାର ତରଙ୍ଗରେ ବ୍ୟସ୍ତ । ଏହାର କର୍ମ ବ୍ୟକ୍ତିତ୍ୱ ଦ୍ୱାରା ଶାନ୍ତି ସ୍ଥିର ହୁଏ । ଯଦି ତୁମେ ଏକ ବିରାଟ ମହାସାଗର ହେବାକୁ ଚାହୁଁଛ, ସମାନ ବିଷୟ ଅଟେ । କାହାର ନିଷ୍ପତ୍ତି ପ୍ରତି ଧ୍ୟାନ ଦିଅ ନାହିଁ କେବଳ ତୁମର କାର୍ଯ୍ୟ ଉପରେ ଧ୍ୟାନ ଦିଅ । କ'ଣ ଚାଲିଯାଇଛି ସେ ବିଷୟରେ ଚିନ୍ତା କର ନାହିଁ । ପରାଜୟ-ବିଜୟ, କ୍ଷତି-ଲାଭ, ସୁଖ-ଦୁଃଖ ଭାବନା ହେତୁ ଆପଣଙ୍କ ମନକୁ ବିଚଳିତ କରନ୍ତୁ ନାହିଁ । ଯଦି ଜୀବନ ସୁଖ ଏବଂ ଶାନ୍ତିରେ ପରିପୂର୍ଣ ହୋଇଥାଆ, ତେବେ ଜନ୍ମ ସମୟରେ ମଣିଷ କାନ୍ଦନ୍ତା ନାହିଁ । ଜନ୍ମ ସମୟରେ କାନ୍ଦିବା ଏବଂ ମୃତ୍ୟୁ ସମୟରେ ତୁମ ପାଇଁ କାନ୍ଦିବା ଜୀବନ କୁହାଯାଏ ।

♥ କୁରାଳ, ନୟାଗଡ, ମୋ:୯୪୩୭୯୮୫୮୭୬

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



## ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

( ୧୦ )

### ନଡିଆନୌକା , ନଡିଆଚାଷ ଏବଂ ଅନ୍ଧବିଶ୍ୱାସ

**ନଦୀରେ ପାଣି କମିଗଲେ ପୀରଘାଟରେ ନଦୀ ପାରିହୋଇ ପଞ୍ଚୁଘଣ୍ଟା ଗାଆଁରେ ପହଞ୍ଚି ସେଇଠୁ ପୂର୍ବକୋ ମତେ ଯାଇ ଜଗନ୍ନାଥ ସଡକରେ ପହଞ୍ଚିହେବ । ଇଏଥିଲା ମୋର କେବଳ ନୁହେଁ , ଆମଗାଆଁ, ଆଖପାଖ ଏବଂ ନଦୀକୂଳିଆ ଗାଆଁ ଲୋକମାନଙ୍କର ଜଳେଶ୍ୱର ଯିବା ଓ ଫେରିବାର ନିତିଦିନିଆ ପଥ । ସେତେବେଳେ ଭଲରାସ୍ତାଟିଏ ନଥାଏ , କଚ୍ଚା ସଡକରେ ଖରାଦିନେ ପ୍ରଚୁର ଧୂଳି ଉଡି ଲୁଗାପଟା ମାଟିଆ ଦିଶେତ, ବର୍ଷାଦିନେ କାଦୁଅ ପଚ୍ ପଚ୍ ରାସ୍ତାରେ ନିଜର ଲୁଗାପଟା ଅସନାହୁଏ ଓ ପାଦତଳେ କଣ୍ଟା ଫୋଡିଯାଏ ।**

ପିଲାଦିନେ ଓ ତାପରେ ଜଳେଶ୍ୱର ମାଇନର ଓ ହାଇସ୍କୁଲରେ ପଢିବା ସମୟରେ ମୁଁ ଓ ଅନ୍ୟ ଲୋକମାନେ ପ୍ରାୟ ପ୍ରତିଦିନ ଆମ ଗାଆଁର ପୂର୍ବକୁ ଥିବା ସ୍ଥାୟୀ ପୋଲ ନଥିବା 'ବଡ ଖାଳ' ଓ ତାର ଏକ ମାଇଲ ଦୂରରେ ଥିବା ବଜାରଶୋଳ ନୌକାଘାଟରେ ନଦୀ ପାରି ହେଉଥିଲୁ । ତାପରେ, ଗୋପ ପାଳରେ ଥିବା କାନକୋଳି କଣ୍ଟାବୁଦା ଭର୍ତ୍ତି ପାଦଚଲା ରାସ୍ତାରେ ଯାଇ ଲକ୍ଷ୍ମଣନାଥ-ଜଳେଶ୍ୱର ସଡକରେ ପହଞ୍ଚି ଯାଉ । ଅଳ୍ପ ଦୂରରେ ଥିବା ପଞ୍ଚୁଘଣ୍ଟା ଗାଆଁ ଗୋହିରି ଭିତର ଦେଇ ପୂର୍ବକୁ ଗଲେ ଜଣେ ଜଳେଶ୍ୱରର ପୁରୁଣିଆ ବଜାରରେ ପହଞ୍ଚିଯାଏ। ପୁଣି, ସେଠାରୁ ଜଗନ୍ନାଥ ସଡକରେ ଦକ୍ଷିଣକୁ ଯାଇ ବଡବଜାର ଛକରୁ ପୂର୍ବକୁ ଗଲେ ଅଳ୍ପଦୂରରେ ଥିବା ଜଳେଶ୍ୱର ମାଇନର ସ୍କୁଲ ଓ ପ୍ରାୟ ଏକ ମାଇଲ ଦୂରରେଥିବା ଜଳେଶ୍ୱର ହାଇସ୍କୁଲ ଓ ତହସିଲ ଅଫିସରେ ପହଞ୍ଚି ହେବ।

ନଦୀରେ ପାଣି କମିଗଲେ ପୀରଘାଟରେ ନଦୀ ପାରିହୋଇ ପଞ୍ଚୁଘଣ୍ଟା ଗାଆଁରେ ପହଞ୍ଚି ସେଇଠୁ ପୂର୍ବକୋ ମତେ ଯାଇ ଜଗନ୍ନାଥ ସଡକରେ ପହଞ୍ଚିହେବ । ଇଏଥିଲା ମୋର କେବଳ ନୁହେଁ , ଆମଗାଆଁ, ଆଖପାଖ ଏବଂ ନଦୀକୂଳିଆ ଗାଆଁ ଲୋକମାନଙ୍କର ଜଳେଶ୍ୱର ଯିବା ଓ ଫେରିବାର ନିତିଦିନିଆ ପଥ । ସେତେବେଳେ ଭଲରାସ୍ତାଟିଏ ନଥାଏ , କଚ୍ଚା ସଡକରେ ଖରାଦିନେ ପ୍ରଚୁର ଧୂଳି ଉଡି ଲୁଗାପଟା ମାଟିଆ ଦିଶେତ, ବର୍ଷାଦିନେ କାଦୁଅ ପଚ୍ ପଚ୍ ରାସ୍ତାରେ ନିଜର ଲୁଗାପଟା ଅସନାହୁଏ ଓ ପାଦତଳେ କଣ୍ଟା ଫୋଡିଯାଏ । ପକ୍କା ସଡକ ଥାଏ ସାତସପନ । କେବଳ ଜଗନ୍ନାଥ ସଡକ ଥିଲା ପିଚୁଦିଆ ରାସ୍ତା । ତେବେ, ବଡଖାଳ ଓ ବଜାରଶୋଳଗାଁ ମଝିରେ ଥିବା ପଦାରେ ଓ ଗୋପ ପାଳ ରାସ୍ତାରେ ବିଭିନ୍ନ ଋତୁ ଅନୁସାରେ କାନକୋଳି, ବଇଞ୍ଚକୋଳି ଓ ଜାମୁକୋଳି ଖାଇବାକୁ ମିଳୁଥିଲା । ସେ ମଜା ଆଉ ଆଜିର ପିଲାମାନଙ୍କୁ ମିଳୁନଥିବ ! ଏବେ ବଣବୁଦା ସଫା ହେବା ସହିତ ଚାରିଆଡେ ରାସ୍ତାଘାଟ ଭଲ , ଉଚ୍ଚା ଓ ସଳଖ ହେଲାଣି ।

ତେବେ, ଶୀତଋତୁରେ ନଦୀକୂଳର ଗଡାଣିଆ ପାଳରେ ସୋରିଷ ଫୁଲର ହଳଦିଆରଙ୍ଗ, ପୁଣି ଏ ଫୁଲରୁ ସେଫୁଲକୁ ଉଡିବାଲୁଥିବା ନାନାବର୍ଣ୍ଣର ପ୍ରଜାପତି ଦଳ, ପଥିକର ମନ ଓ ଚକ୍ଷୁକୁ ଆକର୍ଷଣ କରିନିଏ । ବେଶ୍ କିଛିସମୟ ସେ ବିମୋହିତ ହୋଇ ବାସ୍ତବ ଜଗତକୁ ଭୁଲିଯାଏ । ପୁଣି, ବିଭିନ୍ନ ପନିପରିବା ଭର୍ତ୍ତି କ୍ଷେତକୁ ଦେଖି କେବଳ ଚାଷୀପୁଅ ନୁହେଁ ସମସ୍ତେ ଉଲ୍ଲସିତ ହୁଅନ୍ତି ।

ଗୋଟିଏ ବର୍ଷ ଦୁର୍ଗାପୂଜା ସମୟରେ ମୁଁ ନୌକାଘାଟରେ ବସି ନଦୀ ଗର୍ଭକୁ ଅନେଇଥାଏ। ନୌକାଥାଏ ଆରପାଖରେ । ସେତିକିବେଳେ ଦକ୍ଷିଣଦିଗରୁ ଗୋଟିଏ ଅନ୍ୟରକମର ନୌକା ଆସିଲା। ବଜାରଶୋଳ ନୌକାଘାଟର ନୌକାକୁ ଲୋକେ 'କଙ୍କଡାଦାଢିଆ ନୌକା' ବୋଲି କହୁଥିଲେ । ଆସୁଥିବା ନୌକାକୁ ସମସ୍ତେ 'ପାନ୍ସି' ବୋଲି କହିଲେ । ସେଥିରେ ପାଲ ଟଣାଯାଇଥାଏ । ପୁଣି ନୌକା ଦେହର ଦୁଇଜାଗାରେ ଦଉଡିବାନ୍ଧି କୂଳରେ ଥାଇ ଲୋକମାନେ ଉତ୍ତରଦିଗକୁ ଟାଣିନେଉଥାନ୍ତି । ସେଭଳି ନୌକା ମୁଁ ଆଜିଯାଏ ଦେଖିନଥିବାରୁ ଆଶ୍ଚର୍ଯ୍ୟ ହୋଇ ମୁଁ ତାହାରି ଆଡକୁ ଅନେଇଥାଏ।

ସେ ନୌକା ଆମକୁ ଅତିକ୍ରମକରି କ୍ରମେକ୍ରମେ ଉତ୍ତରକୁ ଆଗେଇଗଲା । ଲୋକେ ଖୁସିରେ କହିଲେଯେ 'ନଡିଆନୌକା' ଆସିଲା । ଲକ୍ଷ୍ମଣନାଥ ମେଳାରେ ବହୁତ ନଡିଆ ବିକ୍ରିହେବ। ଗତକାଲିବି ଗୋଟିଏ 'ନଡିଆ ନୌକା' ଆସିଥିଲା।ଏତେ ନଡିଆ ମେଳାରେ ବିକ୍ରିହେଲେ ଦାମ୍ ନିଶ୍ଚୟ କମ୍ ହେବ । ରାଧାଷ୍ଟମୀ ସମୟରେ ଝିଅଘରକୁ ସାଧାରଣତଃ କଡକଡା, କାକୁଡି, ଉଖୁଡା, ଗୁଡ ବା ଚିନି ଓ ଖସା ମିସାଇ ତିଆରି ଖସା ମିଠାଇ ସହିତ ନଡିଆ ଯାଇଥାଏ ।ଏ ଅଞ୍ଚଳର ଅନେକ ବାପାମାଆ ଲକ୍ଷ୍ମଣନାଥ ଦୁର୍ଗାପୂଜା ମେଳାକୁ ଅପେକ୍ଷା କରିଥାନ୍ତି ଶସ୍ତାରେ ନଡିଆ କିଣିବାପାଇଁ । ତେଣୁ, ଏବର୍ଷ କଡକଡା (ଚାଉଳଭଜା)ସାଥୀରେ ବେଶୀକି ନଡିଆ ଦେଇହେବ ବୋଲି ଲୋକେ କୁହାକୁହି ହେଉଥିଲେ।

ମୁଁ ଘରକୁ ଆସି ଏକଥା ବାପା ମାଆଙ୍କୁ କହିଲି । ସେମାନେବି ଆନନ୍ଦିତ ହେଲେ। ଦୁଇଦିନପରେ ଆମେ ମେଳାକୁ ଯାଇ ଦରକାର ମୁତାବକ ନଡିଆ କିଣିଲୁ । ଅନ୍ୟଦୋକାନ ଅପେକ୍ଷା ନଡିଆ ଦୋକାନମାନଙ୍କରେ ଗହଳି ଲାଗିଥାଏ। ଦୂର ଓ ପାଖ ଗାଆଁମାନଙ୍କରୁ ଅଧିକାଂଶ ଲୋକ କେବଳ ନଡିଆ, ସପ ଓ ମସିଣା କିଣିବା ପାଇଁ ଆସିଥାନ୍ତି । ପୂର୍ବଦିନରୁ ଦଶରା' (ଦଶହରା ) ପାଇଥିଲା । କିନ୍ତୁ ମେଳା ବସିବ ଆଗାମୀ କାଳୀ ପୂଜାଯାଏ ।

ନଡିଆପ୍ରତି ସେତେବେଳେ ଥାଏ ସ୍ୱତନ୍ତ୍ର ଆକର୍ଷଣ । ନଡିଆଗଛ ଲଗାଇବାପାଇଁ ଆମ ଅଞ୍ଚଳର ମୃତ୍ତିକା ସଂପୂର୍ଣ୍ଣ ଉପଯୁକ୍ତ ଥିଲେବି ଅନ୍ଧ ବିଶ୍ୱାସର ବଶବର୍ତ୍ତୀହୋଇ ଲୋକେ ବାଡିରେ ନଡିଆଗଛ ଲଗାଉ ନଥିଲେ । ଲଗାଇଲେ , ପରିବାରର କାହାରି ଅପମୃତ୍ୟୁ ହେବାର ସମ୍ଭାବନା ରହିଥାଏବୋଲି ପୁରୁଖାଲୋକେ କହୁଥିଲେ । ତେଣୁ, ଭୋଗରାଇ ଓ ବାଲିଆପାଳ ଅଞ୍ଚଳରୁ ନଡିଆ ଆସିଲେ ନଡିଆ ପାଇଁ ଲୋକଙ୍କର ଆଗ୍ରହ ବଢିଯାଏ ।

ଏବେ ଆଉ ସେଦିନ ନାହିଁ । ଆମ ଅଞ୍ଚଳ କେବଳ ନୁହେଁ, ପଥୁରିଆ ଅଞ୍ଚଳରେ ମଧ ନଡିଆଗଛ ଲଗାଯାଉଛି ଓ ଭଲ ଫଳୁଛିବି । ଶିକ୍ଷାର ପ୍ରସାର ସହିତ ଅନ୍ଧବିଶ୍ୱାସବି ଦୂରହେଲାଣି । ତଥାପି , ସେଦିନର ସେ 'ନଡିଆ ନୌକା' ଆସୁଥିବାର ଦୃଶ୍ୟ ମୋ ଆଖି ଆଗରେ ନାଚିଯାଉଛି ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# 'ଶ୍ରୀ ଅନୁକୂଳଙ୍କ ଶରଣଂ ଗଚ୍ଛାମି'



ଉମେଶ ଚନ୍ଦ୍ର ପାତ୍ର

ଆଦର୍ଶ ମାନେ ସହଜ କଥାରେ ଏଭଳି ଜଣେ ଜୀବନ୍ତ ମନୁଷ୍ୟ ଯିଏ ତାଙ୍କର ପ୍ରିୟପରମଙ୍କର ଅକାଟ୍ୟ ପ୍ରୀତି ଓ ଖାତିରରେ ପାରିପାର୍ଶ୍ୱିକର ସେବା ସାହଚର୍ଯ୍ୟ, ସମବେଦନା ସହକାରେ ବଞ୍ଚିବା ଓ ବଢ଼ି ଉଠିବାକୁ ଉଦ୍ଦୀପ୍ତ କରନ୍ତି, ଏକ ସହଜ ଉନ୍ମାଦନା ଓ ଦୁଃଖ କଷ୍ଟକୁ ଭ୍ରୂକ୍ଷେପ ନକରି ତାଙ୍କର ପ୍ରିୟଙ୍କୁ ପ୍ରତିଷ୍ଠା କରନ୍ତି, ଆଉ ତାଙ୍କ ଭିତର ଦେଇ ମନୁଷ୍ୟ ତାର ଜୀବନ ଓ ବୃଦ୍ଧିର ପଥ ପାଏ ଓ ସେ ପଥକୁ ସହଜ ଓ ଅତୁଟ ଭାବରେ ଆଲିଙ୍ଗନ କରେ । ଆଦର୍ଶମାନେ କୌଣସି ଅମୂର୍ତ୍ତ ଭାବ ନୁହେଁ । ଆଉ ଯିଏ ଆଦର୍ଶ ବା ଗୁରୁ ହେବେ ତାଙ୍କର ମଧ ଗୁରୁ ଥିବା ଆବଶ୍ୟକ । ନିଷ୍ଠାର ସହିତ ଗୁରୁଙ୍କୁ ଅନୁସରଣ କରିବାର ଭିତର ଦେଇ ମନୁଷ୍ୟର ବୃତ୍ତି ପ୍ରବୃତ୍ତିଗୁଡ଼ିକ ସୁନିୟନ୍ତ୍ରିତ ହୁଏ ଓ ତା ଭିତରେ ଅଖଣ୍ଡ ବ୍ୟକ୍ତିତ୍ୱର ପ୍ରତିଷ୍ଠା ହୁଏ । ଆଉ ଏହା ଯାହାର ହୋଇନାହିଁ ସେ କେବେ ଆଦର୍ଶ ବା ଗୁରୁପଦବାଚ୍ୟ ହେବେ ନାହିଁ । ବିକେନ୍ଦ୍ରିକ ଯିଏ, ସେ ଯେତେ ଗୁଣ ସମ୍ପନ୍ନ ହୁଅନ୍ତୁ ନା କାହିଁକି, ସେ କୌଣସି ସମୟରେ ଅନୁସରଣୀୟ ନୁହଁନ୍ତି । ଆଦର୍ଶ ହୁଅନ୍ତି ବୈଶିଷ୍ଟ୍ୟପାଳୀ ଓ ଆପୂରୟମାଣ । ପ୍ରତ୍ୟେକଙ୍କର ସହଜାତ ବୈଶିଷ୍ଟ୍ୟକୁ ସେ ପାଳନ ପୋଷଣ କରନ୍ତି । ପ୍ରତ୍ୟେକଙ୍କର ସ୍ୱଭାବଗତ ସ୍ୱାତନ୍ତ୍ର୍ୟକୁ ସେ ସଂରକ୍ଷଣ କରି ଚଳନ୍ତି । କୌଣସି ବ୍ୟକ୍ତିଙ୍କ ଭାବରେ ସେ ବ୍ୟାଘାତ କରନ୍ତି ନାହିଁ । ପୂର୍ବତନ ଋଷି, ମହାପୁରୁଷ, ପ୍ରେରିତ ବା ଅବତାର ପୁରୁଷଙ୍କ ସହିତ ତାଙ୍କର କୌଣସି ବିରୋଧ ନାହିଁ ବରଂ ସେ ସମସ୍ତଙ୍କୁ ପରିପୂରଣ କରନ୍ତି । ସେ କେବେ ଏକାଦେଶଦର୍ଶୀ ହୁଅନ୍ତି ନାହିଁ । ବ୍ୟଷ୍ଟିଗତ ଓ ସମଷ୍ଟିଗତ ଜୀବନର ସର୍ବାଙ୍ଗୀନ ଓ ସାମଗ୍ରିକ ପରିପୂରଣ ଓ ଉନ୍ନୟନ ହିଁ ତାଙ୍କର ଲକ୍ଷ୍ୟ । ସେ କେବେ ଗଣ୍ଡୀସ୍ୱାର୍ଥୀ ହୁଅନ୍ତି ନାହିଁ । ସେ ସମସ୍ତଙ୍କର ସ୍ୱାର୍ଥରେ ସ୍ୱାର୍ଥାନ୍ୱିତ, ତେଣୁ ସମସ୍ତଙ୍କର ମିଳନ ତୀର୍ଥ । ପ୍ରତ୍ୟେକଙ୍କର କଲ୍ୟାଣ ହିଁ ତାଙ୍କର ଆତ୍ମ କଲ୍ୟାଣ । କୌଣସି ପ୍ରକାର ସାମ୍ପ୍ରଦାୟିକ ଭେଦବୁଦ୍ଧି ତାଙ୍କ ପାଖରେ ସ୍ଥାନ ପାଏ ନାହିଁ, ବରଂ ବିଭିନ୍ନ ସମ୍ପ୍ରଦାୟ ଓ ଦଳର ଲୋକ ଗୁରୁଙ୍କର ପ୍ରଭାବରେ ଐକ୍ୟବଦ୍ଧ ହେବାର ପ୍ରେରଣା ପାଆନ୍ତି । ତାଙ୍କ ପାଖକୁ ଗଲେ ପୂର୍ବତନ ଋଷି ମହାପୁରୁଷଙ୍କ ପ୍ରତି ମନୁଷ୍ୟର ଶ୍ରଦ୍ଧା ସଞ୍ଜୀବିତ ହୁଏ । ପ୍ରତ୍ୟେକଙ୍କର ଧର୍ମନିଷ୍ଠା ଆବେଗପ୍ରବୃଦ୍ଧ ହୁଏ । ଧର୍ମାନ୍ତରୀକରଣକୁ ସେ ସ୍ଥାନ ଦିଅନ୍ତି ନାହିଁ । ବରଂ ବୈଶିଷ୍ଟ୍ୟସ୍ଫୁରଣୀ, ଆତ୍ମଶକ୍ତି ଉଦ୍‌ବୋଧନୀ, ଦକ୍ଷତାଦୀପନୀ ଓ ବିଜ୍ଞାନସମ୍ମତ ଦୀକ୍ଷା ପ୍ରଥା ସେ ପ୍ରବର୍ତ୍ତନ କରନ୍ତି । ତାଙ୍କର କହିବା, ଭାବିବା ଓ କରିବାର ମଧରେ କୌଣସି ଅମେଳ ନଥାଏ । ତାଙ୍କର ବାଣୀ, ନୀତି ଓ ଉପଦେଶ ତାଙ୍କର ଜୀବନ ଓ ଆଚରଣରେ ପ୍ରତିଫଳିତ ହୁଏ । ଏକ କଥାରେ ସେ ହେଉଛନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ । ସ୍ଥୁଳ, ସୂକ୍ଷ୍ମ ଓ କାରଣ-ସତ୍ୟର ଏହି ତିନି ଭୂମି ସମ୍ବନ୍ଧରେ ତାଙ୍କର ସାମଗ୍ରିକ ପ୍ରତ୍ୟକ୍ଷ ଅନୁଭୂତି, ଅଭିଜ୍ଞତା ଓ ଅଧିଗତି ରହିଛି । ସେ ସତ୍ୟ, ରଜ ଓ ତମଃ - ଏହି ତିନି ଗୁଣର ସାତ୍ୱତ ବିନିଯୋଗ ଓ ବିନ୍ୟାସ କରନ୍ତି । ସେ ତଥାକଥିତ ଅଲୌକିକତାର ଆଶ୍ରୟ ଗ୍ରହଣ ନକରି ଭକ୍ତି, ଜ୍ଞାନ ଓ କର୍ମଶକ୍ତିର ଉଦ୍‌ବୋଧନରେ ମନୁଷ୍ୟକୁ ଯୋଗ୍ୟତର ଓ ଉନ୍ନତତର କରି ତୋଳନ୍ତି। ତାଙ୍କର ସମଗ୍ର ଭାବଧାରା ଓ କର୍ମଧାରା ଏକ ସୂତ୍ରସମ୍ମତ ଓ ସତ୍ତାପୋଷଣୀ । ତାଙ୍କ ଜୀବନର ପ୍ରତିଟି ପଦକ୍ଷେପ ଧାରଣ-ପାଳନ-ପୋଷଣ ସମ୍ବେଗ ପ୍ରବୁଦ୍ଧ । ସେ ଅଚ୍ୟୁତ ଯୋଗଯୁକ୍ତ, ତ୍ରିକାଳଜ୍ଞ, ତତ୍ତ୍ୱଦର୍ଶୀ ଓ ଅଭ୍ରାନ୍ତ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖି ସାତ୍ୱତ ବିବର୍ତ୍ତନକୁ ପ୍ରଗତିଶୀଳ କରି ତୋଳିବାର ପ୍ରୟାସ ସେ କରନ୍ତି । ସାତ୍ୱତ କୃଷ୍ଟି, ଐତିହ୍ୟ, ସଂସ୍କାର ଓ ପ୍ରଥାକୁ ସେ କେବେ ଅବଜ୍ଞା କରନ୍ତି ନାହିଁ ବରଂ ସେଗୁଡ଼ିକୁ ଆହୁରି ସନ୍ଦୀପ୍ତ କରି ଉଠାନ୍ତି । ସେ ସହାନୁଭୂତିଶୀଳ, ସେବାନିରତ, ସହଜ ପ୍ରେମିକ ମଣିଷ । ଭକ୍ତି, ଜ୍ଞାନ ଓ କର୍ମର ସଲୀଳ ସଙ୍ଗତି ଓ ସମନ୍ୱୟ ତାଙ୍କ ଭିତରେ ପରିଲକ୍ଷିତ ହୁଏ । ଜୀବନକୁ ସେ କେବେ ଅସ୍ୱୀକାର କରନ୍ତି ନାହିଁ, ବରଂ ଜୀବନକୁ ଉତ୍ସମୁଖୀ କରି ଷୋଡ଼ଶକଳାରେ ବର୍ଦ୍ଧନମୁଖୀ କରି ଉଠାଇବା ହିଁ ତାଙ୍କର ଅଦମ୍ୟ ତପସ୍ୟା । ତାଙ୍କର ଅସତ୍‌ନିରୋଧୀ ପ୍ରବୃତ୍ତି ତାଙ୍କୁ କ୍ଷୟ ଓ ମୃତ୍ୟୁର ବିରୁଦ୍ଧରେ ଅଭିଯାନ ମୁଖର କରି ଉଠାଏ । ସେ ସମସ୍ତଙ୍କୁ ଏକାକାର କରନ୍ତି ନାହିଁ, ବା ବଡ଼କୁ ଛୋଟ କରିବାକୁ ଚାହାଁନ୍ତି ନାହିଁ ବରଂ ଛୋଟକୁ ବଡ଼ ଓ ବଡ଼କୁ ଆହୁରି ବଡ଼ କରି ଉଠାନ୍ତି ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର ବୈଶିଷ୍ଟ୍ୟାନୁଯାୟୀ ବ୍ରାହ୍ମୀ ବିବର୍ତ୍ତନ ପଥରେ ପରିଚାଳିତ କରନ୍ତି । ପରମପୁରୁଷ ବ୍ୟକ୍ତି ସ୍ୱାର୍ଥକୁ ବାଦ ଦିଅନ୍ତି ନାହିଁ, କିନ୍ତୁ ବ୍ୟକ୍ତିକୁ ଇଷ୍ଟ ଓ ପରିବେଶର ସେବା ମାଧମରେ ବଡ଼ରୁ ଆହୁରି ବଡ଼କୁ ନେଇଯାଆନ୍ତି । ମନୁଷ୍ୟର ବୃତ୍ତି ପ୍ରବୃତ୍ତିର ଅସ୍ୱୀକାର, ଅବଦମନ ବା ପ୍ରଶ୍ରୟ କୌଣସିଟିକୁ ସେ ପସନ୍ଦ କରନ୍ତି ନାହିଁ, ବରଂ ସେଗୁଡ଼ିକର ସୁକେନ୍ଦ୍ରିକ ସତ୍ତାସମ୍ବର୍ଦ୍ଧନୀ ବିନ୍ୟାସ ଓ ନିୟନ୍ତ୍ରଣ ମାଧମରେ ମନୁଷ୍ୟକୁ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ କରି ଉଠାଇବା ହିଁ ତାଙ୍କର ଏକାନ୍ତ ଲକ୍ଷ୍ୟ । ପ୍ରକୃତ ଆଦର୍ଶ ହିଁ ଈଶ୍ୱରଙ୍କର ବ୍ୟକ୍ତ ପ୍ରତୀକ । ଯୁଗାବତାର କଳ୍‌କୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯଥାର୍ଥରେ କହିଛନ୍ତି - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

♥ ପୂର୍ବତନ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

# ପ୍ରତିଭା ଅନ୍ୱେଷଣ କ୍ଷେତ୍ରରେ ନୂଆ- ଓ



ଶ୍ରୀବତ୍ସ ନାୟକ

ଦେଶ ଗଠନରେ ଯୁବ ପୀଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ସେମାନଙ୍କର ଉନ୍ନତି, ସଶକ୍ତିକରଣ ତଥା ସାମଗ୍ରିକ ବିକାଶ ନିମନ୍ତେ ତତ୍ପର ହୋଇପଡ଼ିଛନ୍ତି ରାଜ୍ୟ ସରକାର। ଫଳସ୍ୱରୂପ ଯୁବ ବର୍ଗଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଲାଗି ଓଡ଼ିଶା ସରକାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ (ଇଣ୍ଟିଗ୍ରେଟେଡ୍ ୟୁଥ୍ ଡେଭଲପମେଣ୍ଟ ପ୍ରୋଗ୍ରାମ ବା ଆଇୱାୟିଡିପି) ଅନ୍ତର୍ଗତ ନୂତନ ଉନ୍ନତ ଅଭିଳାଷ - ଓଡ଼ିଶା (ନୂଆ - ଓ) ନାମରେ ଏକ ଅଭିନବ ଯୋଜନା ପ୍ରଣୟନ କରିଛନ୍ତି । ଯଦିଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଅତୀତରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଭିନ୍ନଭିନ୍ନ ଯୋଜନାମାନ ଲାଗୁ କରିଛନ୍ତି କିନ୍ତୁ ଆଇୱାୟିଡିପି ହେଉଛି ରାଜ୍ୟ ସରକାରଙ୍କର ଏକ ସ୍ୱତନ୍ତ୍ର ଯୋଜନା ଯାହା ମାଧମରେ ଓଡ଼ିଶାରେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କର ମାନସିକ ବିକାଶ,ଶାରୀରିକ ଅଭିବୃଦ୍ଧି ଓ ଲୁକ୍କାୟିତ ପ୍ରତିଭାର ବିକାଶ କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ।ଏହାର ସଫଳ ରୂପାୟନ ନିମନ୍ତେ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ , ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମିଳିତ ଭାବେ ଅଣ୍ଟା ଭିଡିଛନ୍ତି । ଏହି ଯୋଜନା ମାଧମରେ ଉଚ୍ଚ ମାଧମିକ ବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ବେସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ, ଓ ବିଶ୍ୱବିଦ୍ୟାଳୟରେ ଅଧୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ମଧରେକ୍ରୀଡା,ସଂସ୍କୃତି, ସାମାଜିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ନିଜନିଜ ଶିକ୍ଷାନୁଷ୍ଠାନ ସ୍ତରରେ ପ୍ରତିଯୋଗିତାମାନ ଆୟୋଜନ କରାଯାଇ ସେମାନଙ୍କ ମଧରେ ଥିବା ପ୍ରତିଭାକୁ ଅନ୍ୱେଷଣ କରି ପରବର୍ତ୍ତୀ ସମୟରେ ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ବିଭିନ୍ନ ଯୁବ ମହୋତ୍ସବମାନ ଆୟୋଜନ କରିବାର ଲକ୍ଷ୍ୟ ରଖିଛନ୍ତି ସରକାର। କ୍ରୀଡା ପ୍ରତିଯୋଗିତା, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଜ୍ଞାପନ, ପରିଚାଳନାଗତ ଏବଂ ଆନୁଷଙ୍ଗିକ କାର୍ଯ୍ୟପାଇଁ ସରକାର, ଯୋଗ୍ୟ ବିବେଚିତ ଶିକ୍ଷାନୁଷ୍ଠାନ ଯଥା ୨୦୦ ଜଣ ମଧରେ ଛାତ୍ରଛାତ୍ରୀଥିବା ଶିକ୍ଷାନୁଷ୍ଠାନଗୁଡିକୁ ୧,୫୦, ୦୦୦ଟଙ୍କା, ୨୦୦ରୁ୫୦୦ ଜଣ ଛାତ୍ରଛାତ୍ରୀ ଥିବା ଶିକ୍ଷାନୁଷ୍ଠାନଗୁଡିକୁ ୩,୦୦, ୦୦୦ଟଙ୍କା, ୫୦୦ରୁ୧୦୦୦ ଜଣ ଛାତ୍ରଛାତ୍ରୀ ଥିବା ଶିକ୍ଷାନୁଷ୍ଠାନଗୁଡିକୁ ୪,୦୦, ୦୦୦ଟଙ୍କା, ୧୦୦୦ରୁ୨୦୦୦ ଜଣ ଛାତ୍ରଛାତ୍ରୀ ଥିବା ଶିକ୍ଷାନୁଷ୍ଠାନଗୁଡିକୁ ୬,୦୦, ୦୦୦ଟଙ୍କା ଏବଂ ୨୦୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଥିବା ଶିକ୍ଷାନୁଷ୍ଠାନଗୁଡିକୁ ୯,୦୦, ୦୦୦ଟଙ୍କା ସିଧାସଳଖ ଯୋଗାଇ ଦେଇଛନ୍ତି ।ପ୍ରସ୍ତାବିତ ଏହି ଯୁବ ବିକାଶ କାର୍ଯ୍ୟକ୍ରମଟି ଚଳିତ ବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା କିଭଳି ଭାବେ ସୁରୁଖୁରୁରେ ସମାପ୍ତ ହେବା ସେଥିନିମନ୍ତେ ଉଚ୍ଚଶିକ୍ଷା ବିଭାଗ ଏକ ସ୍ୱତନ୍ତ୍ର ଗାଇଡଲାଇନ୍ ସ୍ଥିରକରିଛି । କ୍ରୀଡା ପ୍ରତିଯୋଗିତା କ୍ଷେତ୍ରରେ ଚେସ୍,ଭଲିବଲ, କ୍ରିକେଟ,କବାଡି, ଖୋ ଖୋ, ହକି, ବାସ୍କେଟ୍ ବଲ,ଫୁଟବଲ, ତୀରନ୍ଦାଜ୍, ସାଂସ୍କୃତିକ ପ୍ରତିଯୋଗିତା କ୍ଷେତ୍ରରେ ସାହିତ୍ୟ, କଳାତ୍ମକ, ପ୍ରଦର୍ଶନ କଳା, ପାରମ୍ପରିକ ସଂସ୍କୃତି ଇତ୍ୟାଦି ଓ ସାମାଜିକ କାର୍ଯ୍ୟ ବିଭାଗରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ, ପରିମଳ ଅଭିଯାନ, ଯୌତୁକ ବିରୋଧ ଅଭିଯାନ, ରକ୍ତଦାନ ଶିବିର, ଯୋଗ, ନରୀଶିକ୍ଷା, ସଫେଇ ଅଭିଯାନ ଆଦି କାର୍ଯ୍ୟକ୍ରମରେ ସାମିଲ ହେବେ ଅଧୟନରତ ଛାତ୍ରଛାତ୍ରୀମାନେ । କାର୍ଯ୍ୟକ୍ରମକୁ ସୁ-ପରିଚାଳନା କରିବା ନିମନ୍ତେ ସମସ୍ତ ଶିକ୍ଷାନୁଷ୍ଠାନର ଜଣେ ଜଣେ ଅଧାପକ ନିଜ ନିଜ ଅନୁଷ୍ଠାନ ପାଇଁ ନୋଡାଲ ଅଫିସର ଭାବେ ଦାୟିତ୍ୱ ନେବେ । କିଭଳି ଭାବେ ସଂଖ୍ୟାଧିକ ଛାତ୍ରଛାତ୍ରୀ ଏଥିରେ ସାମିଲ ହେବେ ସେଥିନିମନ୍ତେ ସମସ୍ତ ଅଧାପକ ଓ ଅଧାପିକାମାନେ ଦୃଷ୍ଟି ନିକ୍ଷେପ କରିବେ ବୋଲି ସରକାର ସ୍ପଷ୍ଟ କରିଛନ୍ତି ।

ବିଳମ୍ବରେ ହେଉ ପଛେ ଏ ପ୍ରକାର ଯୋଜନା ନିଶ୍ଚିତ ରୂପେ ସରକାରଙ୍କର ଆଦର୍ଶବାଦ୍ ଚିନ୍ତାଧାରାର ଏକ ନମୁନା କହିଲେ ଅତ୍ୟୁକ୍ତି ହେବ ନାହିଁ । ସରକାରୀ ସ୍ତରରେ ଯଦିଓ ଏହାର ଚିନ୍ତାଧାରା ଓ ଚରିତ୍ର ସ୍ପଷ୍ଟ ଅନୁମେୟ ହେଉଛି କିନ୍ତୁ ବାସ୍ତବ ରୂପରେଖ ଅନିଶ୍ଚିତତା ମଧରେ । ତୃଣମୂଳ ସ୍ତରରେ ଏହା ପ୍ରୟୋଗାତ୍ମକ ଚିତ୍ର କଣ ହେଉଛି ତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏହି ଯୋଜନାକୁ ପ୍ରଣୟନ କରିବା ବେଳେ ଅନେକ କିଛି ପ୍ରତିକୂଳ ପରିସ୍ଥିତି ସାମ୍ନାକୁ ଆସୁଛି । ଯାହା ଏହାର ସଫଳତା କ୍ଷେତ୍ରରେ ଏକ ଚ୍ୟାଲେଞ୍ଜ ବା ଆହ୍ୱାନ ସୃଷ୍ଟି କରିପାରେ । ଯଦିଓ ରାଜ୍ୟସରକାର ଏଭଳି ପ୍ରତିଯୋଗିତା କରିବା ପାଇଁ ଅର୍ଥ ମଞ୍ଜୁର କରିଛନ୍ତି କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । ପଚାଶରୁ ଉର୍ଦ୍ଧ୍ୱ ପ୍ରତିଯୋଗିତା ସାଙ୍ଗକୁ ସଂଖ୍ୟାଧିକ ପ୍ରତିଯୋଗୀ, ତେଣୁ ଏହି ସ୍ୱଳ୍ପ ଅର୍ଥ ବିନିମୟରେ ଏତେ ସବୁ ପ୍ରତିଯୋଗିତା କରିବା ବାସ୍ତବିକ ସମ୍ଭବପର ନୁହେଁ । ସରକାରଙ୍କ ଚାପରେ ବଶବର୍ତ୍ତୀ ହୋଇ ଯଦିଓ କେତେକ ଶିକ୍ଷାନୁଷ୍ଠାନ ଏହି ଯୋଜନାକୁ ସଫଳତାର ସହ ଆୟୋଜନ କରିଥିବାର ଡିଣ୍ଡିମ ପିଟିଲେଣି କିନ୍ତୁ ବାସ୍ତବରେ ଯୋଜନାର କେତେଦୂର ସଫଳ ରୂପାୟନ ହୋଇଛି ତାହା କେବଳ ସମ୍ପୃକ୍ତ ମହାବିଦ୍ୟାଳୟର ଅଧକ୍ଷଙ୍କୁ ହିଁ ଜଣା । ଅନୁରୂପ ଭାବେ ଭିତ୍ତିଭୂମି ମଧ ଏଥିରେ ବାଧକ ସାଜିପାରେ । ରାଜ୍ୟର ହାତ ଗଣତି କେତୋଟି ଅଗ୍ରଣୀ ଶିକ୍ଷାନୁଷ୍ଠାନକୁ ବାଦ୍ ଦେଲେ ଅଧିକାଂଶ

ଶିକ୍ଷାନସ୍ଥାନ ଗ୍ରାମାଞ୍ଚଳ ତଥା ପଛୁଆ ବର୍ଗ ଅଞ୍ଚଳରେ ଯେଉଁଠି ନା ଅଛି ଖେଳପଡିଆ ନା ଅଛି ଖେଳ ସରଞ୍ଜାମ ନା ଅଛି ସରଂକ୍ଷଣ ଗୃହ । ଯଦିଓ ସେଠି ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ମଧରେ କୌଣସି ପ୍ରତିଭା ଥାଏ ତଥାପି ଦୁର୍ବଳ ଭିତ୍ତିଭୂମି ଅଭାବରୁ ନିଜର ପ୍ରତିଭା ଲୁକାୟିତ ଅବସ୍ଥାରେ ରହିଯାଇଛି । ଏ ଦିଗରେ ସରକାର ବିଶେଷ ତତ୍ପରତା ଦେଖାଇବାର ଆବଶ୍ୟକ ରହିଛି । ଅନ୍ୟପକ୍ଷରେ ଦେଖିଲେ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ଚୟନ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଗାଇଡଲାଇନ୍ ସ୍ଥିରୀକୃତ କରିନାହାନ୍ତି ସରକାର। ଯଦିଓ ସଂପୃକ୍ତ ପ୍ରତିଯୋଗିତାର ବିଚାରକ ଭାବେ ଅନୁଷ୍ଠାନର ଅଧାପକ ଓ ଅଧାପକ ମାନେ ରୁହନ୍ତି ତେବେ ସେମାନେ କେଉଁ ଆଧାରରେ ଶ୍ରେଷ୍ଠ କୃତୀଙ୍କୁ ଚୟନ କରିବେ ? । କାହିଁକି ନା ଅଧାପକମାନେ ସେହି ବିଭାଗର ଅନ୍ତର୍ଭୁକ୍ତ ନୁହନ୍ତି। ଯଦି ସରକାର ନିର୍ଦ୍ଦିଷ୍ଟ ଏକ୍ସପର୍ଟ ମାନଙ୍କୁ ନିଯୁକ୍ତି କରନ୍ତି ତଥାପି ତାହା ସମ୍ଭବ ପର ମନେ ହେଉନାହିଁ କାହିଁକିନା ସାରା ଓଡ଼ିଶାରେ ପାଖାପାଖି ୧୦୦୦ ଶିକ୍ଷାନୁଷ୍ଠାନ ପାଇଁ ଏକ ସ୍ୱଳ୍ପ ସମୟ ଅବଧି ମଧରେ ଏହି ପ୍ରତିଯୋଗିତାକୁ ସମାପ୍ତ କରିବାକୁ ଲକ୍ଷ୍ୟ ସ୍ଥିର କରାଯାଇଛି । ସମୟକୁ ଦେଖିଲେ ଲାଗୁଛି ସ୍ୱଳ୍ପ ସମୟରେ ଏତେଗୁଡିଏ ପ୍ରତିଯୋଗିତା ଆୟୋଜନ କରିବା ନିଶ୍ଚିତ ରୂପେ ଏକ ଚାଲେଜିଂ କାର୍ଯ୍ୟ । ପ୍ରତିଯୋଗିତା ଚାଲିବା ସହ ମହାବିଦ୍ୟାଳୟର ଏକାଡେମୀ କାର୍ଯ୍ୟ ଯଥାଫର୍ମ ପୂରଣ,ପରୀକ୍ଷା,ଖାତାଦେଖା,କ୍ଲାସ, ଯେଭଳି ବ୍ୟାଘାତ ନହୁଏ ତା ଉପରେ ଦୃଷ୍ଟି ଦେବାକୁ ମଧ ଅଧକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସରକାର । ସ୍ୱଳ୍ପ ସମୟରେ ଅନେକ କାର୍ଯ୍ୟ,ସୀମିତ କର୍ମଚାରୀ ମଧରେ ଏ ସବୁ ପରିଚାଳନା କରିବା ନିହାତିପକ୍ଷେ ଏକ କଷ୍ଟକର ବ୍ୟାପାର । ଏମିତି କେତେକ ପ୍ରତିଯୋଗିତାର ଅଛି ଯାହାର ନାମ ମଧ ଅଧିକାଂଶ ମହାବିଦ୍ୟାଳୟର ପିଲାମାନେ ଜାଣି ନଥିବେ । ଯଦିଓ କେତେକ ପ୍ରତିଯୋଗିତା ସହିତ ପିଲାମାନେ ଅଭ୍ୟସ୍ତ ତଥାପି

ମହାବିଦ୍ୟାଳୟର ଟାଇମ୍ ଟେବୁଲ୍ ରେ କ୍ରୀଡା,ସାଂସ୍କୃତିକ ଓ ସାମାଜିକ ଶିକ୍ଷା ବିଷୟରେ କୌଣସି ତାଲିମ ଦିଆଯାଉନଥିବାରୁ ପିଲାମାନେ ମଧ ଆଶାନୁରୂପ ପ୍ରଦର୍ଶନ କଲାଭଳି ମନେ ହେଉନାହିଁ । ଆଗକୁ ଏହିଭଳି କାର୍ଯ୍ୟକ୍ରମ ଜାରିରହିବ ନା ଏହି ଯୋଜନା କେବଳ ଚଳିତ ବର୍ଷ ପାଇଁ ଉଦ୍ଦିଷ୍ଟ ତାହା ମଧ ସରକାର ସ୍ପଷ୍ଟ କରିବା ଉଚିତ୍ । ସମସ୍ତ ପ୍ରତିଯୋଗିତା ଆୟୋଜନ କରିବା ସମୟରେ ଯେଉଁ ଶ୍ରେଣୀ ଶିକ୍ଷାଦାନ ବାଧାପ୍ରାପ୍ତ ହେବ ତାହା କିଭଳି ଭାବେ ଭରଣା କରାଯିବ ସେଥିପ୍ରତି ସରକାର ମଧ ଯତ୍ନବାନ ହେବା ଦରକାର । ସେପଟେ ସରକାରଙ୍କର ଏହି ଭଳି ଯୋଜନାକୁ ଓଡ଼ିଶାର ପ୍ରମୁଖ ବିରୋଧୀ ଦଳମାନେ ବିରୋଧ କରୁଛନ୍ତି । ସେମାନେ ଯୁକ୍ତି ବାଢୁଛନ୍ତି ଯେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ନାମରେ ଯେଉଁ ଯୋଜନା କରାଯାଇଛି ଏହା ରାଜ୍ୟ ସରକାରଙ୍କର ଏକ ନିର୍ବାଚନୀ ଥୋପ । ଯୁବ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଏହା ଏକ ବିଧିବଦ୍ଧ ଯୋଜନା । ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ରାଜ୍ୟ ରଜ୍ୟକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ନିର୍ବାଚନ ପ୍ରଚାର କରିବା ଏହି ଯୋଜନାର ଭିତିରି ଉଦ୍ଦେଶ୍ୟ।

ତେଣୁ ଏହିଭଳି ପରିସ୍ଥିତିରେ ଆମେ ଏହି ଯୋଜନା କୁ ନେଇ ସନ୍ଦେହ ଘେରରେ । ଆଶା କରିବା ଯୋଜନା ହେଉ ଏବଂ ଯୋଜନାର ସଫଳ ରୂପାୟନ ହେଉ । ଯୋଜନା ହେବା ପୂର୍ବରୁ ଯୋଜନା ସମ୍ବନ୍ଧୀୟ ସମସ୍ତ ପ୍ରତିକୂଳ ପରିସ୍ଥିତି କଥା ବିଚାରକୁ ନେବା ତଥା ତୃଣମୂଳ ସ୍ତରରେ କିଭଳି ଏହା ଫଳପ୍ରଦ ହେବ ତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ,ନଚେତ୍ ଯୋଜନା ପରେ ଯୋଜନା ପ୍ରଣୟନ ହେବ କିନ୍ତୁ ବାସ୍ତବ ଚିତ୍ର ଠିକ୍ ତାର ଓଲଟା ହେବ ଏଥିରେ ସନ୍ଦେହ ନାହିଁ ।

♥ ଅଧାପକ,ବାଣିଜ୍ୟ ବିଭାଗ
ବ୍ରାହ୍ମଣଝରିଲୋ
ମହାବିଦ୍ୟାଳୟ,କଟକ
ମୋ : ୯୪୩୮୦୭୦୮୪୯

# ଖଣ୍ଡିଆହୁଡ଼ି ଲିଜ୍ ପ୍ରସଙ୍ଗରେ ତଦନ୍ତକାରୀ ଅଧିକାରୀଙ୍କୁ ଗ୍ରାମବାସୀଙ୍କ ବିରୋଧ



ନୀଳଗିରି , ୨୩/୧୨ (ନି.ପ୍ର): ମୋ ପାଇଁ ମୋ ମାଟି ବଡ଼। ଦରକାର ପଡିଲେ ମୋ ଅଞ୍ଚଳର ଲୋକଙ୍କ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବି ନାହିଁ। ଖଣ୍ଡିଆହୁଡ଼ି ଲିଜ ପ୍ରସଙ୍ଗରେ ଏକଥା କହିଛନ୍ତି ନୀଳଗିରି ବିଧାୟକ ସୁକାନ୍ତ ନାୟକ। ସୂଚନା ଅନୁଯାୟୀ ନୀଳଗିରି ଏନଏସି ଅନ୍ତର୍ଗତ ୩ ନଂ ଏବଂ ୪ ନଂ ୱାର୍ଡ ମଧ୍ୟ ସ୍ଥଳୀରେ ଥିବା ଖାଣ୍ଡିଆ ହୁଡ଼ି ବହୁ ଦେଶୀୟ କମ୍ପାନୀ କୁ ଲିଜ୍ ଦେବା ପ୍ରସଙ୍ଗନେଇ ଅଧିକାରୀମାନେ ଶୁକ୍ରବାର ସରଜମିନ ତଦନ୍ତ କରୁଥିଲା ବେଳେ ଗ୍ରାମବାସୀ ମାନେ ଘୋର ବିରୋଧ କରିଛନ୍ତି।ସୂଚନାରୁ ଜାଣାଯାଇଛି ଜାତୀୟ ସ୍ୱାର୍ଥସାଧନର ଦ୍ୱାହି ଦେଇ ପୂର୍ବରୁ ମିରିଗିଣୀ ଗ୍ରାମ ନିକଟରେ ଥିବା ଖାଣ୍ଡିଆ ହୁଡ଼ି(ପାହାଡ) କୁ ପଥର ପାଇଁ ବିଏସପିଏଲ, ଏଲ୍ ଏଣ୍ଡ ଟି, ମିନାକ୍ଷୀ, ନିରୋଜ, ସାଉଥ ଇଷ୍ଟ କମ୍ପାନୀକୁ ନିୟମ ଅନୁଯାୟୀ ଚୁକ୍ତିକରି ଲିଜ୍ ସୂତ୍ରରେ ଦିଆଯାଇଥିଲା।ମାତ୍ର ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ,ଉକ୍ତ କମ୍ପାନୀ ଗୁଡ଼ିକ ସରକାରଙ୍କ ସର୍ତ୍ତ ଓ ନିୟମାବଳୀକୁ ଖୋଲମ ଖୁଲା ଉଲଂଘନ କରି ଗ୍ରାମବାସୀ ଙ୍କ ଦୈନନ୍ଦିନ ଜୀବନ ଜୀବିକାକୁ ନଷ୍ଟ, ଭ୍ରଷ୍ଟ କରି ଦେଇଥିବା ଦେଖାଯାଇଛି ।ଏପରିକି ପାରିପାର୍ଶ୍ୱିକ ଉନ୍ନତି କରଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ କିଛିବି କରି ନାହାଁନ୍ତି।ରାସ୍ତା ଘାଟ, ଅସନ୍ତୁଳିତ ପରିବେଶ ମଧ୍ୟରେ ଗ୍ରାମବାସୀ ମାନେ ବିଷମୟ ଜୀବନ ଯାପନ କରୁଥିବା ଦେଖାଯାଇଛି। ଉକ୍ତ ଅଞ୍ଚଳର ଗୃହ ପାଳିତ ପଶୁ, ଯଥା- ଗୋରୁ, ଗାଇ, ମେଣ୍ଢା, ଛେଳି ଏବଂ ବନ୍ୟ ଜନ୍ତୁ ଏହା ଦ୍ୱାରା ପ୍ରଭାବିତ ହେବା ସହିତ ସେମାନଙ୍କର ଖାଦ୍ୟ, ପାନୀୟ, ଏବଂ ଚଲାପଥରୁ ବଞ୍ଚିତ ହେଉଥିବା ଦେଖା ଯାଇଛି।କମ୍ପାନୀ ମାନେ ପଥର ପାଇଁ ଚାରଣଭୂମିରେ ସୃଷ୍ଟି କରିଥିବା ବଡ଼ବଡ଼ ପୋଖରୀ ଭଳି ଖାଲକୁ ପୁରଣ ନକରିବା ଫଳରେ ବର୍ଷା ଦିନେ ଏଥିରେ ବର୍ଷା ଜଳ ଭର୍ତ୍ତି ହୋଇ ରହୁଥିବାରୁ ,ବହୁ ଜୀବ ଜନ୍ତୁଙ୍କର ଅକାଳ ମୃତ୍ୟୁ ଘଟୁଛି। ପଥର ବ୍ଲାଷ୍ଟିଂ ହେବାଦ୍ୱାରା ବହୁଘର ଭାଙ୍ଗିବା ସହିତ ୨ଟି ୱାର୍ଡର ଅନେକ ଘରର କାନ୍ଥ, ପ୍ଲାଷ୍ଟର ଫାଟି ଆଁ କରିଛି। ଏଥି ସହିତ ଏ ଅଞ୍ଚଳର ଜଣେ ଯୁବକ ମଧ୍ୟ ପଥର ପଡ଼ି ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ଏପରିକି ଉକ୍ତ ଲିଜ ପାହାଡରୁ ଦିନରାତି ବଡବଡ ଡ୍ରମ୍ପରରେ ପଥର ପରିବହନ ସମୟରେ ଡ୍ରାଇଭର ମାନଙ୍କ ବେପୁରୁଆ ଗାଡି ଚାଳନା ଯୋଗୁଁ ,ଜୀବନ ଯାଇଥିବାର ନଜିର ମଧ୍ୟ ରହିଛି।ଅପରପକ୍ଷରେ କୁଲଡ଼ିଆ ଅଭୟାରଣ୍ୟ ଏହି ଅଞ୍ଚଳରେ ରହିଛି ଯାହା ଅଭୟାରଣ୍ୟର ଜୀବଜନ୍ତୁଙ୍କ ପାଇଁ ଅନେକ ସମୟରେ ବିପଦ ସୃଷ୍ଟି କରିଛି।ଏସମ୍ପର୍କ ରେ ଗ୍ରାମବାସୀ ମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ।ଯେତେବେଳେ ଗ୍ରାମବାସୀ ମାନେ ଅତ୍ୟନ୍ତ ଦୟନୀୟ ପରିବେଶ ମଧ୍ୟରେ ଜୀବନ୍ତ କାଟୁଛନ୍ତି, ଠିକ ଏହି ସମୟରେ ସରକାର ଙ୍କ ପକ୍ଷରୁ ପୁଣି ଏକ ବହୁ ଦେଶୀୟ କମ୍ପାନୀକୁ ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ପାଇଁ ,ଆବଶ୍ୟକ ପଥର ଯୋଗାଇଦେବା ନିମନ୍ତେ ଉକ୍ତ ଖାଣ୍ଡିଆ ହୁଡ଼ିକୁ ଲିଜ୍ ଦେବା କୁ ଜିଲ୍ଲା ଓ ଉପଖଣ୍ଡ ପ୍ରଶାସନ ତତ୍ପର ହୋଇ ଉଠିଥିବା ଦେଖାଯାଇଛି।ଏନେଇ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲା ପ୍ରଦୂଷଣ ବିଭାଗର ଆଞ୍ଚଳିକ ଅଧିକାରୀ ,ବାଲେଶ୍ୱର, ପ୍ରଦୀପ କୁମାର ରାଉତ, ଇଂ ମନମୋହନ ମୂର୍ମୁ, ମାଇନିଂ ବିଭାଗଅଧିକାରୀ ସନ୍ତୋଷୀ ସେଠୀ, ନୀଳଗିରି ତହସିଲଦାର ଦୀପ୍ତି ମୟୀ ବେହେରା,ଅତିରିକ୍ତ ତହସିଲଦାର ବଳଭଦ୍ର ପଟ୍ଟ, ଜଙ୍ଗଲ ବିଭାଗ ପକ୍ଷରୁ କୁଲଡ଼ିୟା ରେଞ୍ଜର ପ୍ରଦୀପ କୁମାର ମୂର୍ମୁ ମିଳିତ ଭାବେ ମିରିଗଣି ସ୍ଥିତ ଖାଣ୍ଡିଆ ହୁଡ଼ି ରେ ପହଂଚି ସରଜମିନ ସ୍ଥିତି ପରଖୁଥିବା ବେଳେ ମିରିଗଣି , ଶାଲବନ୍ଧ, ବେତଶୁଳ, ଚଟରସାହି, ଜାଉଁରୀ, ପଥୁରିଆ, ଧଡାସାହି ଆଦି ଗ୍ରାମର ବହୁ ଲୋକ ଘଟଣା ସ୍ଥଳରେ ପହଞ୍ଚି ଅଧିକାରୀଙ୍କୁ ବିରୋଧ କରିଥିଲେ।ଯୁବନେତା ରାମଚନ୍ଦ୍ର ଦାସ, ନଟବର ପରିଡା, ସୁନୀଲ ପ୍ରଧାନ, ସରୋଜ ମିଶ୍ର, ଗଙ୍ଗାଧର ସିଂ, ବୈଦିନାଥ ସିଂ, ନିଗମାନନ୍ଦ ଶତପଥୀ ,କୁନା ମଲ୍ଲିକ, ବାପି ଦନାକ, କୌଶଲ୍ୟା ପରିଡ଼ାସମେତ ଶହଶହ ଲୋକ ଜିଲ୍ଲା ପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ବିଧାୟକ ଇଂ ସୁକାନ୍ତ ନାୟକ ଙ୍କୁ ଦାବିପତ୍ରର ନକଲ ପ୍ରଦାନ କରି ଥିବା ଜଣାପଡିଛି।ଏସମ୍ପର୍କ ରେ ବିଧାୟକ ଙ୍କୁ ପଚାରିବାରୁ ସେ କହିଥିଲେ ,ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ଯଦି ଉପଯୁକ୍ତ ପଦକ୍ଷେପ ଗ୍ରହଣ ନକରନ୍ତି, ତାହାଲେ ମୁଁ ଅଞ୍ଚଳ ର ଜନସାଧାରଣ କଲ୍ୟାଣ ପାଇଁ ରାଜରାସ୍ତାକୁ ଓଲହାଇ ବାକୁ ବାଧ ହେବି।

# ନଟାକଟା ପଞ୍ଚାୟତ ଅମର୍ଦ୍ଦା ରୋଡ ଷ୍ଟେସନରେ ବିକଶିତ ଭାରତ ରଥ

ବସ୍ତା , ୨୩/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କେନ୍ଦ୍ର ସରକାର ଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କ ରେ ଅବଗତ କରାଇବା ପାଇଁ 'ବିକଶିତ ଭାରତ ଯାତ୍ରା'କୁ ଆଜି ଅମର୍ଦ୍ଦା ରୋଡ ଠାରେ ଭବ୍ୟ ସ୍ୱାଗତ କରାଯାଇଛି। ଅମର୍ଦ୍ଦା ରୋଡ ନାକଟା ପଞ୍ଚାୟତ ର ସରପଞ୍ଚ ବନ୍ଦନା ସେଠୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ କୀର୍ତ୍ତନ ଦଳ ବାଦ୍ୟ ପରିବେଷଣ ହେବା ପରେ ସ୍ୱୟଂସହାୟକ ମହିଳା ମାନଙ୍କ ଦ୍ୱାରା ରଥକୁ ବନ୍ଦାପନା କରାଯାଇଥିଲା। ବରିଷ୍ଠ ବିଜେପି ନେତା ଶ୍ୟାମାପ୍ରସାଦ ବେହେରା ,ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା,ବସନ୍ତ କୁମାର ବାରିକ,ପରମାନନ୍ଦ ମହାପାତ୍ର, ସୂର୍ଯ୍ୟନାରାୟଣ ସାହୁ,ଫର୍ଣ୍ଡୀଲ ବିଶ୍ୱାଳ,ଅନୀଲ ସାହୁ ପ୍ରମୁଖ ବକ୍ତବ୍ୟ ରେ କେନ୍ଦ୍ର ଯୋଜନା ସମ୍ପର୍କ ରେ ଉପସ୍ଥିତ ଜନସାଧାରଣ ଙ୍କୁ ଅବଗତ କରାଇଥିଲେ। ହିତାଧିକାରୀମାନେ ତାଙ୍କ ର ବୟାନ ଦେବାସହ ଆଶାୟୀ ମାନେ ଆବେଦନ କରିଥିଲେ। ସଭାସ୍ଥଳ ରେ ଡ୍ରୋନ ପ୍ରଦର୍ଶନ ଓ ମୋଦୀଙ୍କ ଭାଷଣ ଏଲଇଡି ମାଧ୍ୟମ ରେ ପ୍ରଦର୍ଶିତ ହୋଇଥିଲା।

# ପୁସ୍ତକମେଳାର ଅଷ୍ଟମ ସାରସ୍ୱତ ସାନ୍ଧ୍ୟ ଆସର

ବାରିପଦା, ୨୩/୧୨ (ନି.ପ୍ର): ବାରିପଦା ଛଉ ପଡ଼ିଆରେ ଅନୁଷ୍ଠିତ ହେଉଥିବା ୧୦ମ ମୟୂରଭଞ୍ଜ ପୁସ୍ତକମେଳାର ତା.୨୨.୧୨.୨୦୨୩ ଅଷ୍ଟମ ଦିବସ ସାନ୍ଧ୍ୟ ସାରସ୍ୱତ ଆସର ଆୟୋଜନ ହୋଇଥିଲା ପୁସ୍ତକର ଉପାଦେୟତା ଏବଂ ଆଜିର ଡିଜିଟାଲ ଓ ମୋବାଇଲ ଯୁଗରେ ଶିଶୁ, କିଶୋର ତଥା ଯୁବପିଢିଙ୍କୁ ପୁସ୍ତକ ମନସ୍କ କରିବାର ସାମାଜିକ କର୍ତ୍ତବ୍ୟ ବିଷୟବସ୍ତୁକୁ ନେଇ।ସଭାରେ ଜିଲ୍ଲାର ବୈଷୟିକ ଶିକ୍ଷା ଏବଂ ସାଧାରଣ ଉଚ୍ଚଶିକ୍ଷା ପ୍ରସାରର ଦୁଇ ଯୁବପ୍ରତିଭା ଇଂ. ବିପ୍ଳବ କୁମାର ବୁଗୁଡେଇ ଓ ଇଂ. ପ୍ରଭଞ୍ଜନ କୁମାର ରାଉତ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦାନ ପୂର୍ବକ ନିଜ ନିଜର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ପୁସ୍ତକମେଳାର ବରିଷ୍ଠ ସଦସ୍ୟା ପ୍ରାକ୍ତନ ଶିକ୍ଷାଧିକାରୀ ସୁଶ୍ରୀ ବୀଣାପାଣି ପଣ୍ଡା ସଭାରେ ପୌରୋହିତ୍ୟ କରିଥିବା ବେଳେ ଯଥାକ୍ରମେ ଅତିଥି ପରିଚୟ ପ୍ରଦାନ, ମଞ୍ଚ ଆମନ୍ତ୍ରଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ଯୁବକବି ସ୍ନେହାଶିଷ ମହାନ୍ତି ଏବଂ ଡ.ସଞ୍ଜୀବ କୁମାର ପାଣିଗ୍ରାହୀ। ପୁସ୍ତକ ମେଳା ଆନୁକୂଲ୍ୟରେ ୧୬ବର୍ଷ ତଥା ଛଷୋହଳ ବର୍ଷରୁ କମ୍ ଛାତ୍ରଛାତ୍ରୀଙ୍କର ଓଡ଼ିଶୀ ଓ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା ଦିବସର ଅପରାହ୍ନରେ। ପ୍ରତିଯୋଗିତାର ବିଚାରକ ଭାବେ ଗୁରୁ ତ୍ରିଲୋଚନ ସାହୁ, ବନରୂପା ମହାନ୍ତି ଓ ତପନ କୁମାର ବେହେରା ନାଚଗୁଡିକର ମୂଲ୍ୟାୟନ କରିଥିଲେ । ସାନ୍ଧ୍ୟ ସାରସ୍ୱତ ସଭା ପରେ ପରେ ବାରିପଦାସ୍ଥିତ ସାଇ ବିଦ୍ୟା ମନ୍ଦିର ଓ ପି.ସି.ସି.ଗ୍ରୁପ୍ ଶିକ୍ଷାନୁଷ୍ଠାନର ପିଲାମାନେ ମଞ୍ଚରେ ଅନୁନ୍ୟ ପ୍ରାୟ କୋଡିଏଟି ସଂଗୀତ ଓ ନୃତ୍ୟର କାର୍ଯ୍ୟକ୍ରମ ପରିବେଷଣ କରି ଉପସ୍ଥିତ ସମସ୍ତ ଦର୍ଶକ ମନ ମୋହି ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଅନୁଷ୍ଠାନର ସଦସ୍ୟ ସର୍ବଶ୍ରୀ ସମରେନ୍ଦ୍ର କୁମାର ବଶା, ଅଜିତ କୁମାର ପାଣିଗ୍ରାହୀ ଓ ଗୋପାଳ ଚନ୍ଦ୍ର ସାଓ ପ୍ରମୁଖ।

# ବିବାଦରେ ଖୋର୍ଦ୍ଧା ମହୋତ୍ସବ: ବିବାଦୀୟ ଖଣି ପୋଖରୀ ମଂଚକୁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ




ଖୋର୍ଦ୍ଧା, ୨୩/୧୨ (ନି.ପ୍ର): ବିବାଦୀୟ ଖଣି ପୋଖରୀରେ ଚାଲିଛି ଖୋର୍ଦ୍ଧା ମହୋତ୍ସବ । ସ୍ଥାନୀୟ ହାବେଳି ପଡିଆ ନିକଟରେ ରହିଥିବା ଖଣି ପୋଖରୀକୁ ମହୋତ୍ସବ କମିଟି ପୋତିବାକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଥିଲା । ରାତାରାତି ସେଠାରେ ପ୍ରାୟ ୬୦ଟ୍ରିପ ହାଇୱା ମୋରମା ଆଣି ମାଟି ପକାଇ ସମତୁଳ କରିବା ନେଇ ବିବାଦ ଉଠିବା ପରେ ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ କରାଯାଇଥିଲା । ପରେ ବହୁ ଭିଡାଭିଡିରେ ପ୍ରଶାସନ ମଂଚ କରିବାକୁ ସେଠାରେ ଅନୁମତି ଦେଇଥିବାବେଳେ ଏହି ବିବାଦୀୟ ମଂଚକୁ ରାଜ୍ୟପାଳଙ୍କୁ ଓ ବିଜେପିର ଭୁବନେଶ୍ୱର ସାଂସଦଙ୍କୁ ନମନ୍ତ୍ରଣ କରି ଉକ୍ତ ସ୍ଥାନ କୁ ପ୍ରଶାସନ ଠାରୁ ଆୟୋଜକ୍ କମିଟି ହାତେଇବାକୁ ବେଶ ଯୋଜନା କରିଥିବା ସହରରେ ଚର୍ଚ୍ଚା ଜୋର ଧରିଛି । ଏଥିସହିତ ଉଦଯାପନୀ ଉତ୍ସବକୁ ଆକର୍ଷଣୀୟ କରିବା ଲାଗି ୭ଦିନ ଧରି ବନ୍ଧା ହୋଇଥିବା ମଂଚକୁ ବଦଳାଯାଇଥିବାବେଳେ ଏହି ବିବାଦୀୟ ମଂଚକୁ କିପରି ମହାମହିମ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରାଯାଇଛି ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ହାବେଳି ପଡିଆରେ ମହୋତ୍ସବ ଆୟୋଜନ ଲାଗି ପ୍ରଶାସନ ଅନୁମତି ରହିଥିବା ବେଳେ ଖଣି ପୋଖରୀରେ ପାର୍କିଂ ଲାଗି ଉଦ୍ଦିଷ୍ଟ ରହିଥିବା ଆୟୋଜକ କମିଟି ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଗଣମାଧ୍ୟମକୁ ସୂଚନା ଦେଇଥିଲେ । ମାତ୍ର ପରେ କୌଶଳକ୍ରମେ ଏହିଠାରେ ମଂଚ କରି ନାଚତାମସା କରୁଛନ୍ତି । ଯାହାକୁ ନେଇ ସାଧାରଣରେ ଉଦ୍ବେଗ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ବିବାଦୀୟ ଖଣି ପୋଖରୀରେ ମହୋତ୍ସବ ଆୟୋଜନକୁ ନେଇ ସାଧାରଣରେ ଆଲୋଚନାର ବିନ୍ଦୁ ପାଲଟିଛି । ତେବେ କାହା ସ୍ୱାର୍ଥରେ ଏହି ମହୋତ୍ସବ ଚାଲିଛି, ତାହାକୁ ନେଇ ପ୍ରଶ୍ନ ଉଠିଛି । ଦୀର୍ଘ ବର୍ଷ ଧରି ଏହି ମହୋତ୍ସବ ଆୟୋଜନ ହୋଇ ଆସୁଛି । ଖୋର୍ଦ୍ଧାର କଳା, ସଂସ୍କୃତି ଏବଂ ଐତିହ୍ୟ ବିଭବର ପ୍ରଚାର ଓ ପ୍ରସାର ଏହାର ଉଦ୍ଦେଶ୍ୟ ରହିଥିବା ଆୟୋଜକ କମିଟି ସଫେଇ ଦେଉଥିବା ବେଳେ ଏହି ମହୋତ୍ସବ ଏବେ ତାର ଲକ୍ଷ୍ୟ ଉଦ୍ଦେଶ୍ୟ ଠାରୁ ବହୁ ଦୂରରେ ରହିଛି ।

# ଧାନ ସଂଗ୍ରହ ଦୁର୍ନୀତିରେ ସିବିଆଇ ତଦନ୍ତ ଦାବି କରିଲେ ସାଂସଦ ବସନ୍ତ ପଣ୍ଡା

ନୂଆଦିଲ୍ଲୀ, ୨୩/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ଧାନ କିଣା ରେ ବ୍ୟାପକ ଦୁର୍ନୀତି ମାମଲାରେ ସିବିଆଇ ତଦନ୍ତ ଦାବି କରିଛନ୍ତି କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା । କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଚାଷ ସମସ୍ୟା ନେଇ ସେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଶ୍ରୀ ପଣ୍ଡା ୨୦୧୪ରୁ ୨୦୨୩ ମଧ୍ୟରେ ୫ ହଜାର କୋଟିର ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ଭୁଲ ନୀତି ଏବଂ ଚାଷୀ ମାରଣ ନୀତି ଯୋଗୁଁ ୫୦ ଲକ୍ଷ କ୍ୟୁଇଣ୍ଟଲ ଧାନ କଟନି ଛଟନୀ ହୋଇ ଲୁଟ ହୋଇଥିବା ସେ ଅଭିଯୋଗ କରିଛନ୍ତି।

# ଭଗବାନଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ଓ 'ମନା'ର ସହଯୋଗରେ ନିଶା ବିରୋଧି ସଚେତନତା ଶିବିର ଅନୁଷ୍ଠିତ




ବାହାନଗା , ୨୩/୧୨ (ନି.ପ୍ର): ଭଗବାନଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ଓ 'ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱର' ସହଯୋଗରେ ନିଶା ବିରୋଧି ସଚେତନତା ଶିବିର ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଂପାଦିକା ମମତା ମହାପାତ୍ର ଶିବିର ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ବର୍ଣ୍ଣନା କରି ନିଶାମୁକ୍ତ ସମାଜ ଗଠନରେ ଛାତ୍ରଛାତ୍ରୀ ମାନଙ୍କ ସହଯୋଗ କାମନା କରିଥିଲେ । ଉପଦେଷ୍ଟା ସୁବ୍ରତ କର ପୁରୁଣା ବାଲେଶ୍ୱରରୁ ଉତ୍ପାଦିତ ମଦଭାଟିରୁ ହଜାର ହଜାର ଲିଟର ମଦ କିପରି ବେଆଇନ୍ ଭାବେ ଚାଲାଣ ହେଉଛି ତା'ର ଚିତ୍ର ଦେଇଥିଲେ। ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ଛାତ୍ରଛାତ୍ରୀମାନଙ୍କୁ ନିଶା ବିରୋଧରେ ବକ୍ତବ୍ୟ ଦେବା ସହ ଶପଥ ପାଠ କରାଇଥିଲେ। ଏହି ନିଶା ବିରୋଧି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ୪ ଜଣ କଲେଜ ଛାତ୍ରଛାତ୍ରୀ- ସୁବ୍ରତ କୁମାର ବେହେରା, ସୁଜିତ କୁମାର ରଥ, ଜ୍ୟୋତିର୍ମୟୀ ମହାରଣା ଓ ଶୁଭଲକ୍ଷ୍ମୀ ଶର୍ମାଙ୍କୁ 'ମନା'ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦାସ, ସଂପାଦକ କମଳାକାନ୍ତ ଦାଶ, ତ୍ରିଦୀବ ନାୟକ, ଗୀତାଞ୍ଜଳି ସିଂହ, ବେଣୁଧର ସାହୁ, କଲେଜ ପରିଚାଳନା ସଭାପତି ଡ. ଯଦୁନାଥ ମିଶ୍ର, ଅଧ୍ୟକ୍ଷ ଦିବାକର ଦାଶ, ସମାଜସେବୀ ସୁଦର୍ଶନ ମହାପାତ୍ର ନିଶା ବିରୋଧି ସଚେତନତା ସଂପର୍କରେ ବକ୍ତବ୍ୟ ରଖିଥିଲେ ଏବଂ ଅଧ୍ୟାପକ ଦେବସ୍ମିତା ନାଥ, ବିଜୟଲକ୍ଷ୍ମୀ ପ୍ରଧାନ, ସୀମାରାଣୀ ଦାସ, ବିଜୟ ପାଢ଼ୀ, ହିମାଂଶୁ ସାହୁ, ମୃତ୍ୟୁଞ୍ଜୟ ରଥ ଓ ଚିନ୍ମୟ ପଣ୍ଡା ଅଂଶ ଗ୍ରହଣ କରିଥିଲେ । ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଅଧ୍ୟାପକ କ୍ଷିରୋଦ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## କମିବ ଶୀତ...

ପାଇଁ ଉପକୂଳ, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ କୁହୁଡ଼ି ସତର୍କତା ଜାରି ହୋଇଛି। ଏହିସବୁ ସ୍ଥାନରେ ସକାଳୁ କୁହୁଡ଼ି ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଆସନ୍ତାକାଲି ସୁନ୍ଦରଗଡ଼, ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ଗଜପତି, ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ସକାଳୁ ଘନ କୁହୁଡ଼ି ରହିବ। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ସକାଳୁ ଘନ କୁହୁଡ଼ି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ସମସ୍ତଙ୍କଠାରୁ ଲାଂଚ ...

ଅଭିଯୋଗ ଅନୁଯାୟୀ ଗରଦପୁର ବ୍ଲକ ସହକାରୀ କୃଷି ବୈଷୟିକ ପ୍ରବନ୍ଧକ ରାଜେଶ କୁମାର ସେନାପତି କେବଳ ଏହି ସପ୍ଲାୟରଙ୍କୁ ହଇରାଣ କରୁନଥିଲେ। ବିଲ୍ ପାସ୍ କରି ଦେବା ପାଇଁ ସେ ଅନ୍ୟ ସପ୍ଲାୟରମାନଙ୍କୁ ମଧ୍ୟ ଲାଞ୍ଚ ମାଗୁଥିଲେ। ଏହା ପରେ ଆଜି ଯୋଜନାବଦ୍ଧ ଭାବେ ଭିଜିଲାନ୍ସ ଅଧିକାରୀମାନେ ରାଜେଶ କୁମାର ସେନାପତିଙ୍କୁ ଲାଞ୍ଚ ନେଉଥିବା ବେଳେ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ ରାଜେଶ କୁମାର ସେନାପତିଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହ କରି ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା। କଟକ ଭିଜିଲାନ୍ସ ଏହି ଘଟଣାରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ବଦଳିଲେ ଓଡ଼ିଶା ପ୍ରଦେଶ କଂଗ୍ରେସ...

୨୦୧୪ ଅଗଷ୍ଟ ମାସରେ ସେ କଂଗ୍ରେସରେ ଯୋଗ ଦେଇଥିଲେ। ସେ ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥିଲେ। ୨୦୧୯ରେ ସେ ଆପ୍?ରେ ଯୋଗ ଦେଇଥିଲେ। କିନ୍ତୁ ୨୦୨୦ରେ ପୁଣି କଂଗ୍ରେସକୁ ଫେରି ଆସିଥିଲେ। ନୂଆ ଦାୟିତ୍ୱ ପାଇବା ପୂର୍ବରୁ ସେ ନାଗାଲାଣ୍ଡ, ସିକ୍କିମ ଓ ତ୍ରିପୁରା ପ୍ରଦେଶ କଂଗ୍ରେସର ପ୍ରଭାରୀ ରହିଥିଲେ। ଅନ୍ୟପକ୍ଷରେ ଆଜି ଆହୁରି ଅନେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ମଧ୍ୟ ନୂଆ ଦଳୀୟ ପ୍ରଭାରୀ ନିଯୁକ୍ତ କରିଛି ଏଆଇସିସି। ସଚିନ ପାଇଲଟଙ୍କୁ ଛତିଶଗଡ଼ କଂଗ୍ରେସ ପ୍ରଭାରୀ କରାଯାଇଥିବା ବେଳେ ରମେଶ ଚେନ୍ନିଥାଲାଙ୍କୁ ମହାରାଷ୍ଟ୍ର, ମୋହନ ପ୍ରକାଶଙ୍କୁ ବିହାର, ରାଜୀବ ଶୁକ୍ଲାଙ୍କୁ ହିମାଚଳ ପ୍ରଦେଶ ଓ ଚଣ୍ଡିଗଡ଼, ମୁକୁଲ ୱାସନିକ୍‌ଙ୍କୁ ଗୁଜରାଟ, ସୁଖଜିନ୍ଦର ସିଂହ ରାନ୍ଧ୍ୱାଙ୍କୁ ରାଜସ୍ଥାନ, ଦେବେନ୍ଦ୍ର ଯାଦବଙ୍କୁ ପଞ୍ଜାବ, ମାନିକରାଓ ଠାକରେଙ୍କୁ ଗୋଆ, ଡାମନ ଓ ଡିଉ ଏବଂ ଦାଦ୍ରା ଓ ନଗର ହାବେଲୀ, ଗିରିଶ ଚୋଡ଼ଙ୍କରଙ୍କୁ ତ୍ରିପୁରା, ସିକ୍କିମ, ମଣିପୁର ଓ ନାଗାଲାଣ୍ଡ, ଏମ୍ ଟାଗୋରଙ୍କୁ ଆନ୍ଧ୍ର ପ୍ରଦେଶ, ଆଣ୍ଡାମାନ ଓ ନିକୋବର କଂଗ୍ରେସର ପ୍ରଭାରୀ ଭାବେ ନିଯୁକ୍ତ ଦେଇଛି ଏଆଇସିସି।

## କ୍ରେଡିଟ୍ କାର୍ଡରେ ୮ କୋଟି ...

ହସ୍ପିଟାଲ ବିଲିଂ ଏଜେଂଟଙ୍କ ସହ ମିଶି ଯୋଜନାବଦ୍ଧ ଭାବେ ଠକେଇ କରୁଥିଲେ। ହସ୍ପିଟାଲ ଗୁଡ଼ିକରେ ପେସେଣ୍ଟ ବିଲିଂ କରିବା ସମୟରେ ବିଲିଂ ଏଜେଂଟ ଠକ ନିକଟରେ ଥିବା କ୍ରେଡିଟ କାର୍ଡ ମାଧ୍ୟମରେ ସ୍ୱାଇପ କରି ପେମେଂଟ ନେଉଥିଲେ। ହେଲେ ଏହି ଟଙ୍କା ସବୁ ଠକ ଅଭିଯୁକ୍ତର ଆକାଉଣ୍ଟକୁ ଯାଉଥିଲା। ଏଭଳି କରି ଲୋକଙ୍କୁ ଚୁନା ଲଗାଉଥିଲା ଠକ। ଗିରଫ ପରେ ସାଇବର ଥାନା ପୁଲିସ ଅଭିଯୁକ୍ତ ନିକଟରୁ ୭ଲକ୍ଷ ଟଙ୍କା ସହିତ ୪୫୦ଟି କ୍ରେଡିଟ୍ ଓ ଡେବିଟ୍ କାର୍ଡ, ୬ଟି ମୋବାଇଲ, ପାସବୁକ ଏବଂ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ପୁଲିସ ଏହି ଘଟଣାରେ ଅଧିକ ତଦନ୍ତ କରୁଛି।

## ଫେରିଲା କରୋନା, ଫେରିଲା ...

ଚିହ୍ନଟ ହୋଇଥିଲେ। ଏହାର ୨୦ ଦିନ ପରେ ପୁଣି ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଦେଶରେ ଗତ ୨୪ ଘଣ୍ଟାରେ ୭୫୨ କୋରାନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ କୋଭିଡର ସକ୍ରିୟ ମାମଲା ସଂଖ୍ୟା ୩,୪୨୦ରେ ପହଞ୍ଚି ଯାଇଛି। ଏଥିସହ ଆଉ ଚାରି ଜଣ ସଂକ୍ରମିତଙ୍କ ମୃତ୍ୟୁ ମଧ୍ୟ ଘଟିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଜି ଏହି ତଥ୍ୟ ଦେଇଛି। ଔଘ.୧ ସବ୍ ଭାରିଆଣ୍ଟ ଚିନ୍ତା ବଢାଇ ଥିବାବେଳେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ଦିଲ୍ଲୀରେ ସରିଲା ବିଜେପି ...

ଆଲୋଚନା କରିବାକୁ ନୂଆଦିଲ୍ଲୀରେ ଭାରତୀୟ ଜନତା ପାର୍ଟିର ଦୁଇ ଦିନିଆ ବୈଠକ ବସିଛି। ସେଥିରେ ଦଳର ସର୍ବଭାରତୀୟ କର୍ମକର୍ତ୍ତା, ରାଜ୍ୟ ପ୍ରଭାରୀ, ରାଜ୍ୟ ସଭାପତି, ରାଜ୍ୟ ସାଧାରଣ ସଂପାଦକଙ୍କ ସମେତ ଅନ୍ୟାନ୍ୟ ଛାମୁଆ ସଂଗଠନର ମୁଖ୍ୟମାନେ ଯୋଗ ଦେଇଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଥିବା ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକ ସଂପର୍କରେ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆୟୋଜିତ ହେଉଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରାର ବ୍ୟାପକ ସଫଳତା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିବା ଦଳୀୟ ସୂତ୍ରରୁ ଜଣାଯାଇଛି। ନିକଟରେ ଶେଷ ହୋଇଥିବା ୫ ରାଜ୍ୟ ବିଧାନସଭା ନିର୍ବାଚନ ଓ ତହିଁରେ ବିଜେପିର ସଫଳତା ଏବଂ ଡିସେମ୍ବର ୨୫ ତାରିଖରେ ପଡୁଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳନ ନେଇ ମଧ୍ୟ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିବା ଏହି ସୂତ୍ରରୁ ପ୍ରକାଶ। ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ଦଳ ୫ ରାଜ୍ୟରୁ ୩ ରାଜ୍ୟ ଜିତିଥିବାରୁ ଆସନ୍ତା ଲୋକସଭା ନିର୍ବାଚନରେ ମଧ୍ୟ ଦଳ ବିପୁଳ ବିଜୟ ହାସଲ କରି ପୁଣି ଥରେ ସରକାର ଗଠନ କରିବ ବୋଲି ଅନେକ ନେତା ଆଶା ପ୍ରକାଶ କରିଛନ୍ତି। ବିଧାନସଭା ନିର୍ବାଚନରେ ଦଳର ସଫଳତା ପରେ ଡିସେମ୍ବର ୧୩ ତାରିଖରେ ଦଳର ଜାତୀୟ କାର୍ଯ୍ୟାଳୟରେ ନେତା ଓ କର୍ମୀମାନଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ରାଜ୍ୟ ବିଧାନସଭା ନିର୍ବାଚନରେ ତିନି ରାଜ୍ୟ ଜିତି ଆମେ ହ୍ୟାଟ୍ରିକ କରିଛନ୍ତି। ଆସନ୍ତା ଲୋକସଭା ନିର୍ବାଚନରେ ମଧ୍ୟ ଆମେ ତୃତୀୟ ଥର ପାଇଁ ବିଜୟ ହାସଲ କରିପାରିବା।

## ଥମୁନି କୁସ୍ତିଯୋଦ୍ଧାଙ୍କ ...

ମନୋବଳ ବୃଦ୍ଧି କରିଥିଲେ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ବାଡ୍ରା । ଦଳ କହିଛି କୁସ୍ତିଯୋଦ୍ଧା ସହ ଶେଷ ପର୍ଯ୍ୟନ୍ତ ଏକାଠି ମିଶି ଲଢେଇ ଜାରି ରଖିବ । କୁସ୍ତିମହାସଂଘର ସଭାପତି ଭାବେ ସଂଜୟ ସିଂଙ୍କୁ ନିଯୁକ୍ତି ଦିଆଯାଇଛି । ସଂଜୟ ହେଉଛନ୍ତି ପୂର୍ବତନ ସଭାପତି ତଥା ବିବାଦର ମୁଖ୍ୟ କାରଣ କୁହାଯାଉଥିବା ବ୍ରିଜଭୂଷଣଙ୍କ ଘନିଷ୍ଠ ସହଯୋଗୀ । ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯ୍ୟାତନା ଦେବା ଅଭିଯୋଗ ଆସିବା ପରେ ଏକାଧିକ କୁସ୍ତିଯୋଦ୍ଧା ଆନ୍ଦୋଳନ କରିଥିଲେ । ବ୍ରିଜଭୂଷଣଙ୍କ ଇସ୍ତଫା ଦାବି ମଧ୍ୟ କରିଥିଲେ । କିନ୍ତୁ ଇସ୍ତଫା ଦେବେନି ବୋଲି ସଫା ସଫା କହିଥିଲେ ବ୍ରିଜ ଭୂଷଣ । ଏବେ ତାଙ୍କ କାର୍ଯ୍ୟକାଳ ସରିବା ପରେ ଯେଉଁ ନିର୍ବାଚନେ ହୋଇଛି ସେଥଇରେ ସଂଜୟ ସିଂଙ୍କୁ କୁସ୍ତି ମହାସଂଘର ସଭାପତି କରାଯାଇଛି । ଯାହାକୁ ଜୋରଦାର ବିରୋଧ କରୁଛନ୍ତି କୁସ୍ତିଯୋଦ୍ଧା ।

# ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂଆ-ଓ ଯୋଜନା କାର୍ଯ୍ୟକ୍ରମ ଉଦ୍‌ଯାପିତ




ଭଦ୍ରକ, ୨୩/୧୨ (ନି.ପ୍ର): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ସରକାରଙ୍କ "ନୂଆ-ଓ" ଯୋଜନା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନେ କେମିତି ଆତ୍ମନିର୍ଭରଶୀଳ, ରୋଜଗାରକ୍ଷମ ଏବଂ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ହୋଇପାରିବେ, ତାହା ଅତି ସୁନ୍ଦର ଭାବେ ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ। ଏହାପରେ ମହାବିଦ୍ୟାଳୟର ପୁରାତନ ଅଧ୍ୟକ୍ଷ, ଦକ୍ଷ ଓ ପ୍ରତିଷ୍ଠିତ ଇଂରାଜୀ ଅଧ୍ୟାପକ, ମହାବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଉଦ୍‌ଯାପନୀ ସମାରୋହର ମୁଖ୍ୟବକ୍ତା ଡ. ଶୈଳେନ୍ଦ୍ର ମହାପାତ୍ର ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ୧୦ନଂ ୱାର୍ଡର କାଉନ୍‌ସିଲର ପ୍ରତିନିଧି ପଙ୍କଜ କୁମାର ବଳ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ନୂତନ ଭାବେ ଦାୟିତ୍ୱ ନେଇଥିବା ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ ପରିଚାଳନା କରିଥିଲେ। ନୋଡାଲ ଅଫିସର ଡ. ଲକ୍ଷ୍ମୀକାନ୍ତ ନାୟକ, ଡ. ଅଜିତ୍ କୁମାର ଦାସ, ସଂଯୋଜକ ଡ. ସନ୍ତୋଷ କୁମାର ସେଠୀ, ଡ. ପଦ୍ମନାଭ ପତ୍ରୀ, ଡ. ତପନ କୁମାର ମହାଳିକ ଏବଂ ଡ. ଚନ୍ଦନ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ସଭା ଶେଷରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ରବିବାର, ଡିସେମ୍ବର ୨୪, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ବୃକ୍ଷ ରୋପଣ ଓ ସଚେତନତା ସହ ନୈତିକ ଶିକ୍ଷା ପ୍ରଦାନ

ବେତନଟୀ, ୨୩/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ୍ ଅନ୍ତର୍ଗତ ରାଇକମା ଠାରେ ଅବସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମ୍ବଗଡ଼ିଆ ବିକାଶ ପରିଷଦ ବାମଡା, ଭଗବାନପୁର ପକ୍ଷରୁ ବୃକ୍ଷ ରୋପଣ ଓ ସଚେତନତା କାର୍ଯ୍ୟ ସହିତ ଛାତ୍ରଛାତ୍ରୀମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅଜିତ୍ କୁମାର ଜେନା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଅଛି । ଏହି ସେବାମୂଳକ କାର୍ଯ୍ୟ ରେ ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଝାବଣିଆ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବୃକ୍ଷ ରୋପଣ ସହିତ ଏକ ସୁସ୍ଥ ପରିବେଶ ପାଇଁ ବୃକ୍ଷ ରୋପଣ ଅତ୍ୟନ୍ତ ଜରୁରୀ ମତବ୍ୟକ୍ତ କରିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ କରିଥିଲେ । ବରେଣ୍ୟ ଅତିଥି ସମାଜସେବୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର ,ଶ୍ରଦ୍ଧେୟ ହେମନ୍ତ କୁମାର ଙ୍କ ସହିତ ଆମ୍ବଗଡ଼ିଆ ବିକାଶ ପରିଷଦ ର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର, ସମ୍ପାଦକ ଶ୍ରୀଯୁକ୍ତ କୁଳ ମହାନ୍ତ, ବିଶିଷ୍ଟ ଅଭିନେତା ପୂର୍ଣ୍ଣଦାଦା ଓ ଗଛମଣିଷ ଶ୍ରୀଯୁକ୍ତ ରବୀନ୍ଦ୍ର ବେହେରା ଙ୍କ ସହିତ ବିଦ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅତୁଲ୍ କୁମାର ମିଶ୍ର, ଅବସରପ୍ରାପ୍ତ କଳା ଶିକ୍ଷକ ଶ୍ରୀଯୁକ୍ତ ରାଜକିଶୋର ଦାସ ଓ ଗଣିତ ଶିକ୍ଷକ ରଞ୍ଜନ ବାରିକ୍ ଆଦି ଶିକ୍ଷକଗଣ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ ବିଦ୍ୟାଳୟ ପରିସରରେ ଆମ୍ବ, ନଡ଼ିଆ ସହିତ ରାଇକମା ଗ୍ରାମରେ ଥିବା ଶିବ ମନ୍ଦିର ପରିସରରେ ଚମ୍ପା, ବୋଉଳ ଆଦି ବୃକ୍ଷ ରୋପଣ କରାଯାଇଥିଲା । ପରିଶେଷରେ ବିଦ୍ୟାଳୟ ପକ୍ଷରୁ ଗଣିତ ଶିକ୍ଷକ ରଞ୍ଜନ ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇଫ୍‌କୋ ପାରାଦ୍ୱୀପ ଡିଏଭିରେ ବିଜ୍ଞାନ ମେଳା ଅନୁଷ୍ଠିତ

ପାରାଦ୍ୱୀପ, ୨୩/୧୨ (ନି.ପ୍ର): ଇଫକୋ ପରିସର ମଧ୍ୟରେ ଥିବା ଡିଏଭି ପବ୍ଲିକ ସ୍କୁଲରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ବିଜ୍ଞାନ ମେଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସମ୍ବିତ ସୁକୁମାର ଚିନରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଇଫକୋ ପାରାଦ୍ୱୀପର ମୁଖ୍ୟ ଶ୍ରୀ କେ.ଜେ.ପଟେଲ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ସମ୍ମାନନୀୟ ଅତିଥି ଭାବରେ ଓଡିଶା ଜୋନ୍ ଡିଏଭି ସମୂହର ନିର୍ଦ୍ଦେଶକ ଡକ୍ଟର କେଶବ ଚନ୍ଦ୍ର ଶତପଥୀ, ଉପନିର୍ଦ୍ଦେଶିକା ଡକ୍ଟର ସୁଜାତା ସାହୁ ଏବଂ ଡିଏଭି ପବ୍ଲିକ ସ୍କୁଲ , ପିପିଏଲର ଅଧ୍ୟକ୍ଷ ଶ୍ରୀ ସଞ୍ଜୀବ କୁମାର ସାହୁ ଯୋଗଦାନ କରିଥିଲେ । ଡିଏଭି ,ଇଫକୋର ଅଧ୍ୟକ୍ଷ ଶ୍ରୀ ସମ୍ବିତ ସୁକୁମାର ଚିନାରା ସ୍ୱାଗତ ଭାଷଣ



ଦେବ ସହ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଡିଏଭି ,ଇଫକୋର ଛାତ୍ରଛାତ୍ରୀମାନେ ବିଜ୍ଞାନ , ଗଣିତ , ଇଂରାଜୀ , ଓଡିଆ ,ହିନ୍ଦୀ ,ସଂସ୍କୃତ, ଚିତ୍ରକଳା , କମ୍ପ୍ୟୁଟର, ଓ ଯୋଗଶିକ୍ଷା ଇତ୍ୟାଦି ବିଷୟରେ ୧୫୦ ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ ଏଥିରେ ବିଦ୍ୟାଳୟର ପ୍ରାୟ ୨୮୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗର ବିଚାରପତି ମଣ୍ଡଳୀ ଭାବରେ ପାରାଦ୍ୱୀପ ଆଞ୍ଚଳିକ ବିଦ୍ୟାଳୟମାନଙ୍କର ପ୍ରାୟ ୨୨ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।ମୁଖ୍ୟ ଅତିଥି ଶ୍ରୀ କେ.ଜେ.ପଟେଲ ଛାତ୍ରଛାତ୍ରୀଙ୍କୁ ତାଙ୍କର ବହୁମୂଲ୍ୟ ଆଶୀର୍ବଚନ ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ପ୍ରତିଭାର ଅନେକ ପ୍ରଶଂସା କରିଥିଲେ ତଥା ବିଦ୍ୟାଳୟରେ ଏହିପରି ମେଳା ଛାତ୍ରଛାତ୍ରୀଙ୍କୁ ଶିଖିବାର ଅନେକ ସୁଯୋଗ ପ୍ରଦାନ କରିବା ସହିତ ତାଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଏହା ସର୍ବଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ । ଡିଏଭି ପବ୍ଲିକ ସ୍କୁଲ , ପିପିଏଲର ଅଧ୍ୟକ୍ଷ ଶ୍ରୀ ସଞ୍ଜୀବ କୁମାର ସାହୁ ବିଦ୍ୟାଳୟର ଦେଶ ଗଠନରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଏହି ସଫଳତା ପାଇଁ ଅତିଥି ମାନେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ସମ୍ବିତ ସୁକୁମାର ଚିନାରାଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ , ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଫକୋ ଲେଡ଼ିଜ କ୍ଲବର ସଭାନେତ୍ରୀ ଶ୍ରୀମତୀ ମମତା ପଟେଲ ଓ ମୁଖ୍ୟ ପରିଚାଳକ ନାନୋ ପ୍ଲାଣ୍ଟ ଶ୍ରୀ ପି. ଏସ ନୀଳାମ୍ବରନ୍, ଯୁଗ୍ମ ସାଧାରଣ ପରିଚାଳକ ଶ୍ରୀ କେ.ମୋହନ ରାଓ ଓ ଶ୍ରୀ ଡି.ନାୟକଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ ।

## ରିୟାନ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ପରୀ-୨୦୨୩'

ବାଲେଶ୍ୱର, ୨୩/୧୨ (ନି.ପ୍ର): ସ୍ଥାନୀୟ ଆଇଟିଆଇ ଛକ ନିକଟରେ ଥିବା ରିୟାନ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ପରୀ-୨୦୨୩' ଗୁରୁବାର ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପ୍ରତିଭାଶ୍ରୀ ଅନୁଷ୍ଠାନର ମୁଖ୍ୟ କବି ପ୍ରଶାନ୍ତ ଦାସ ଓ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ ଯୋଗ ଦେଇ ବକ୍ତବ୍ୟ ରଖିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୁନିକୁନି ପିଲାଙ୍କୁ ପୁରସ୍କାର ବିତରଣ କରିଥିଲେ।




ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଣବକୁମାର ମହାପାତ୍ର ସଭାରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି ଅବସରରେ କେତେକ ଅଭିଭାବକଙ୍କୁ ମଧ୍ୟ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଉତ୍ସବକୁ ସଫଳ କରିବାରେ ଅନିମା ମହାପାତ୍ର, ଜୟସ୍ମିତା ସାହୁ, ସୁସ୍ମିତା ପାଲ, ମମତାମୟୀ ନାୟକ, ସୁକନ୍ୟା ମହାପାତ୍ର, କାତ୍ୟାୟନୀ ବେହେରା, ହରେନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବହୁ ଅଭିଭାବକ, ଦର୍ଶକ ଉପଭୋଗ କରିଥିଲେ।

## ଜାଓ୍ୱରାଜାର୍ଫା ଆଦିବାସୀ ବ୍ଲକର ୨୩ତମ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ଜଳେଶ୍ୱର , ୨୩/୧୨ (ନି.ପ୍ର): ଜଳେଶ୍ୱର ବ୍ଲକର ରାୟାଁରାମଚନ୍ଦ୍ରପୁର ଗ୍ରା.ପ. ଅଧିନ ଜମାଲପୁର ଖେଳ ପଡିଆରେ ଜାଓ୍ୱରାଜାର୍ଫା ଆଦିବାସୀ କ୍ଲବ ଦ୍ୱାରା ୨୩ତମ ଫୁଟବଲ ଟୁର୍ଣ୍ଣାମେଣ୍ଟଅନୁଷ୍ଠିତ ହୋଇ ଯାଇଛି । ୩ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣମେଣ୍ଟକୁ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଉଦ୍‌ଘାଟନ କରି ସୁସ୍ଥ ସମାଜ ପାଇଁ ସୁସ୍ଥ ଖେଳାଳୀଙ୍କ ଆବଶ୍ୟକ ବୋଲି କହିଥିଲେ । ଏହି ଟୁର୍ଣ୍ଣମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରର ୨୪ଟି ଟିମ୍ ଭାଗ ନେଇଥିବା ବେଳେ ଆସନ୍ତା ୨୫ ତାରିଖରେ ଏହାର ଫାଇନଲ୍ ଖେଳ ଅନୁଷ୍ଠିତ ହେବ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କାଳିଚରଣ ଦାସ, କ୍ଲବ ସଭାପତି ରଘୁନାଥ ହାଁସଦା, ଅନି ଟୁଡୁ, ନବୀନ ହାଁସଦା, ବୁଦ୍ଧଦେବ ହାଁସଦା, ବସନ୍ତ ହାଁସଦା, ସାଗର ସରେନ୍, ରାହୁଲ ହାଁସଦା, ଅଜୟ ମାର୍ଣ୍ଡି, ସଂଜୟ ମାର୍ଣ୍ଡି. ଦାସ ଟୁଡୁ, ସାଗର ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତର୍ଜାତିକ ଚଉଷଠୀ ଯୋଗିନୀ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୨୩ /୧୨ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ହୀରାପୁର ଗ୍ରାମରେ ପ୍ରସିଦ୍ଧ ତନ୍ତ୍ରପୀଠ ମା' ମହାମାୟାଙ୍କ ପୀଠ ପ୍ରାଙ୍ଗଣରେ ନୃତ୍ୟ ପ୍ରତିଭା ଅନୁଷ୍ଠାନ ଓ ହୀରାପୁର ଗ୍ରାମକମିଟି ମିଳିତ ଆନୁକୂଲ୍ୟରେ ଆଜିଠୁ ଆରମ୍ଭ ହୋଇଛି ସପ୍ତଦଶ ତମ ଆନ୍ତର୍ଜାତୀକ ୬୪ ଯୋଗିନୀ ମହୋତ୍ସବ । ୩ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ନୃତ୍ୟପ୍ରତିଭାର ସଭାପତି ତଥା ଚଳଚିତ୍ର ସଂଳାପକାର ଡ. ରଜନୀ ରଞ୍ଜନ ଦାଶଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥିଭାବେ ରାଜ୍ୟସଭା ସାଂସଦ ମୁନା ଖାଁ, କବି ତଥା ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷ ପ୍ରସନ୍ନ ପାଟ୍ଟସାଣି, ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ମହାରାଜ, ପୂର୍ବତନ ସଚିବ ଅଶୋକ ତ୍ରିପାଠୀ, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ଗ୍ରାମକମିଟିର ସଭାପତି ରବିନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ।



୧୭ ବର୍ଷ ଧରି ଏହି ମହୋତ୍ସବ ଆଖପାଖ ଅଞ୍ଚଳର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ସହ ଓଡିଶା ତଥା ରାଜ୍ୟ ବାହାରର ଖ୍ୟାତନାମା କଳାକାରଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରିପାରିଛି । ଆଜିର ଉଦଘାଟନ ପର୍ବର ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଗୀତିକାର ତଥା କଣ୍ଠଶିଳ୍ପୀ ମନ୍ମଥ ମିଶ୍ରଙ୍କ 'ମା' ଲୋ ମା' ଦଶଭୁଜା ଘେନ ପ୍ରଣାମ ' ସଂଗୀତ ପରିବେଷଣ କରିଥିବା ବେଳେ ଦ୍ୱିତୀୟ ସୋପାନରେ ଶ୍ରୀ ଜଗନ୍ନାଥଙ୍କ ଜଣାଣ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ପରେ କ୍ରିଷ୍ଣା ମିଶ୍ରଙ୍କ କରୁଣା ମୟୀ ମା ଓ ପୁଅ ମୋର କଳା ଠାକୁର ପରିବେଷଣ କରିଥିଲେ । ପରେ ଦ୍ୱିତୀୟାର୍ଦ୍ଧରେ ଗୁରୁ ପ୍ରତିଭାପଣ୍ଡାଙ୍କ ନୃତ୍ୟ ରଚନାରେ ନୃତ୍ୟ ପ୍ରତିଭାର କଳାକାରଙ୍କ ଦ୍ୱାରା ମଙ୍ଗଳାଚରଣ ଦଳଗତ ନୃତ୍ୟ ପରିବେଷଣ କରିଥିଲେ । ପରେ କାଞ୍ଚି ଅଭିଯାନ ଓ ଗଣେଶ ବନ୍ଦନା ବିମୋହିତ କରିଥିଲା ଉପସ୍ଥିତ ଦର୍ଶକଙ୍କୁ । ତୃତୀୟାର୍ଦ୍ଧରେ ସୁଦୂର ପଶ୍ଚିମବଙ୍ଗରୁ ଆସିଥିବା ଓଡିଶୀ ନୃତ୍ୟାଙ୍ଗନା ଗୁରୁ ଶର୍ମିଳା ବିଶ୍ୱାସଙ୍କ ଦ୍ୱାରା ରାମାୟଣ କଥା ବସ୍ତୁ ଉପରେ ଆଧାରିତ ଏକକନୃତ୍ୟ ମାଧ୍ୟମରେ ସ୍ୱପନେଖା ପରିବେଷଣ ଅତି ଉଚ୍ଚକୋଟୀର ଥିଲା । ପରେ ପରେ ରାୟପୁରର ଡ. ଅନୁରାଧା ଦୁବେ ଓ ସାଥି କଳାକାରଙ୍କ ରାଧା ଓ କୃଷ୍ଣଙ୍କ ବିରହ ବେଦନାକୁ କଥକ ନୃତ୍ୟ ମାଧ୍ୟମରେ ଅତି ସୁନ୍ଦର ଭାବେ ପରିବେଷଣ କରିଥିଲେ । ଶେଷରେ ଢୋଲକି, ନାଶା ଓ ମହୁରୀର ତାଳେ ତାଳେ ସମ୍ବଲପୁରର ପାଇଁରୀ ଡ୍ୟାନ୍ସ ଗ୍ରୁପ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିପାରିଥିଲା । ଇଁ. ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିବା ବେଳେ ନୃତ୍ୟପ୍ରତିଭାର ସମ୍ପାଦିକା ଗୁରୁ ପ୍ରତିଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ରୁନା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ କଣ୍ଠଶିଳ୍ପୀ ମନ୍ମଥ ମିଶ୍ରଙ୍କୁ ନୃତ୍ୟପ୍ରତିଭା ସଂଗୀତ ସମ୍ମାନରେ ସମ୍ମାନୀତ କରାଯାଇଥିବା ବେଳେ ଶର୍ମିଳା ବିଶ୍ୱାସଙ୍କୁ ଚଳିତ ବର୍ଷର ନୃତ୍ୟ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡିଶାର ଉଦଯାପନୀ ଦିବସ



ବାସୁଦେବପୁର, ୨୩/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ଡୁଙ୍ଗ ପଂଚାୟତର ବାରାପୁର ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା ପକ୍ଷରୁ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି । ଏହି ଉତ୍ସବରେ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡମ୍ବରୁ ଧର ପାତ୍ର ସଭାପତିତ୍ୱ କରିଥିଲେ । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁରର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ । ଶ୍ରୀ ରାଉତରାୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ଦକ୍ଷତାକୁ ବର୍ଣ୍ଣନା କରିବା ସହିତ ଛାତ୍ର ଛାତ୍ରୀଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ବିଧାୟକ ପ୍ରତିନିଧି ଅସିତ କୁମାର ଦାଶ, ପୂର୍ବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ପଣ୍ଡା, ଓଡ଼ିଆ ଅଧ୍ୟାପକ ହିମାଂଶୁ ଭୂଷଣ ପଣ୍ଡା, ସୁରେନ୍ଦ୍ର ପ୍ରସାଦ ମହାକୁଡ଼, ସାହିତ୍ୟିକ ଅନିରୁଦ୍ଧ ରାଉତ ପ୍ରମୁଖ ଏହି ଉତ୍ସବ ରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ନୃତ୍ୟ, ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପଦାର୍ଥ ବିଜ୍ଞାନ ଅଧ୍ୟାପକ ରାଜ କିଶୋର ନାୟକ, ହରିଶ ପାତ୍ର ଓ ଅଧ୍ୟାପକ ଅଧ୍ୟାପିକା ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ ।

## ୭୬ତମ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନା ହେଲା

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ୭୬ତମ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନା ହେଲା । ପରମ୍ପରା ଅନୁସାରେ ବରଗଡ଼ର ମା ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ମନ୍ଦିରରୁ ଶୋଭାଯାତ୍ରା ବାହାରି ହାଟପଦା ସ୍ଥିତ ସଂଚାର ପଡିଆରେ ପହଂଚିଥିଲା । ରାଜ ପୁରୋହିତଙ୍କ ପୂଜାର୍ଚ୍ଚନା ପରେଶୁଭସ୍ତମ୍ଭ ସ୍ଥାପନା କରାଯାଇଛି। କାଲିଠାରୁ ଧନୁଯାତ୍ରା ପାଇଁ ପ୍ରସ୍ତୁତି କାମ କରାଯିବ। ଆସନ୍ତା ଜାନୁଆରୀ ୧୫ ରୁ ୨୫ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ ।

## ବେତନଟୀ ବ୍ଲକ ଆନୁକୁଲ୍ୟରେ 'ନୂଆ ଓ' କାର୍ଯ୍ୟକ୍ରମ ଅନୁଷ୍ଠିତ

ବେତନଟୀ, ୨୩/୧୨ (ନି.ପ୍ର): ନବୀନ ଓଡିଶା ଏବଂ ଯୁବ ଓଡିଶା ନବୀନ ଓଡିଶା ଅଭିଯାନ ପରିପ୍ରେକ୍ଷୀରେ ବେତନଟୀ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ୫ଦିନିଆ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଯାଇଛି । ବିଡିଓ ନିର୍ଲିପ୍ତା ମହାନ୍ତିଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବିଭାଗର ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ସମେତ ବ୍ଲକଅଧ୍ୟକ୍ଷା କୌଶଲ୍ୟା ମାଝୀ, ଉପାଧ୍ୟକ୍ଷ ଦେବଦତ୍ତ ତିଆଡି, ସଠିଲୋ ସରପଞ୍ଚ ଦେବିମଣୀ ସିଂ, ସମିତିସଭ୍ୟ କିଶୋର କୁମାର ନାୟକ, ବେତନଟୀ ସରପଞ୍ଚ ପାନମଣୀ ମୁର୍ମୁ, ସମିତିସଭ୍ୟ ରଣଜିତ ସିଂ, ୩୭ନଂ ଜିଲ୍ଲାପରିଷଦ ଧାନୀ କିସ୍କୁ, ୩୬ନଂ ଜିଲ୍ଲାପରିଷଦ ସବିତା ଦାସ, ବିଜେଡି ବ୍ଲକସଭାପତି ସନ୍ତକ ଲେଙ୍କା, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ ପ୍ରମୁଖ ଅତିଥିଗଣ ମଞ୍ଚାସୀନ ଥିଲେ । ଅତିରିକ୍ତ ବ୍ଲକଶିକ୍ଷାଅଧିକାରୀ ରମାକାନ୍ତ ମହାନ୍ତଙ୍କ ପରିଚାଳନାରେ ଆୟୋଜିତ ପୁରସ୍କାର ବିତରଣ ପର୍ଯ୍ୟାୟରେ ଫୁଟବଲ, ଭଲିବଲ, କ୍ରିକେଟ, ଖୋ-ଖୋ ଏବଂ କବାଡିରେ ଚାମ୍ପିଅନ ଏବଂ ରନର୍ସଅପ ସମେତ ୩ୟ ଏବଂ ୪ର୍ଥସ୍ଥାନ ଅଧିକାର କରିଥିବା ଦଳଗୁଡିକୁ ପୁରସ୍କୃତ କରାଯାଇଛି । ଫୁଟବଲରେ ପିଆବଣିଆ ଟିମ୍ ଚାମ୍ପିଅନ ହୋଇଥିବା ବେଳେ ରିଟଣ୍ଡ ଟାଇଗର ମୁକ୍ତାପୁର ରନର୍ସଅପ, ୩ୟରେ ବିବିଏସ କୁସୁମପୁରା ଏବଂ ମଙ୍ଗୋଷ୍ଟାର ମେର୍ଦା ୪ର୍ଥସ୍ଥାନ ଅଧିକାର କରିଥିଲେ ।ସେହିଭଳି ଭଲିବଲରେ ଅଁଳା କଲେଜ ଚାମ୍ପିଅନ, ଜୟଜଗନ୍ନାଥ କ୍ଲବ ଅଁଳା ରନର୍ସଅପ, ନିମଖାଳି ୩ୟ ଏବଂ ମେର୍ଦାର ଜାଉ ଆଥଲେଟ କ୍ଲବ ୪ର୍ଥସ୍ଥାନ ଅଧିକାର କରିଥିଲେ । କ୍ରିକେଟରେ ରଘୁପୁର ଚାମ୍ପିଅନ, ନହଣ୍ଡାଶୋଳର ରାଇଜିଂ ଷ୍ଟାର ରନର୍ସଅପ, ୩ୟରେ ସନ୍ତରା ଚାଲେଞ୍ଜର୍ସ ଏବଂ ଅଁଳା ୪ର୍ଥସ୍ଥାନ ଅଧିକାର କରିଥିଲେ ।କବାଡି ମହିଳାରେ ଧନପୁର କେଜିଭିବି ଚାମ୍ପିଅନ, କଳମା ବାଳିକା ହାଇସ୍କୁଲ ରନର୍ସଅପ, ଓଡିଶା ଆଦର୍ଶ ବିଦ୍ୟାଳୟ ୩ୟ ଏବଂ ସଠିଲେ ହାଇସ୍କୁଲ ୪ର୍ଥସ୍ଥାନ ଅଧିକାର କରିଥିଲେ । କବାଡି ପୁରୁଷରେ ବେତନଟୀ ସୁପର-୭ ଚାମ୍ପିଅନ, ଭଞ୍ଜଭୂମି ବେତନଟୀ ରନର୍ସ।

## ଇଡ଼ିଦା ଗୋଲକ ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ

ବାଲେଶ୍ୱର, ୨୩/୧୨ (ନି.ପ୍ର): ଇଡ଼ିଦା ଗୋଲକ ନାରାୟଣ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ପାଳନ ହୋଇଥିଲା। ପ୍ରଥମ ଦିବସରେ ଉଦ୍‌ଘାଟକ ଓ ମୁଖ୍ୟଅତିଥି ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ମନ୍ତ୍ରୀ, ସାହିତ୍ୟ, ସଂସ୍କୃତି, ଭାଷା, ପର୍ଯ୍ୟଟନ ଓ ଅବକାରୀ ବିଭାଗ, ବରେଣ୍ୟ ଅତିଥି ଶ୍ରୀଯୁକ୍ତ ନିତ୍ୟାନନ୍ଦ ସାହୁ - ବିଧାୟକ ବସ୍ତା, ମୁଖ୍ୟବକ୍ତା କବି ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଦାସ, ସମ୍ମାନୀତ ବକ୍ତା ଭାବେ ବସ୍ତା ବି.ଇ.ଓ. ଶ୍ରୀଯୁକ୍ତ ସୁଧାଂଶୁ ଶେଖର ଜେନା ଏବଂ ସୁଲଗ୍ନା କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ଘନଶ୍ୟାମ ବିଶ୍ୱାଳ ଯୋଗ ଦେଇଥିଲେ। ଉଦ୍‌ଘାଟକ ମୁଖ୍ୟଅତିଥି ବିଦ୍ୟାଳୟର ମାନବୃଦ୍ଧି ପାଇଁ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ଆମ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଆଗକୁ ନେବାପାଇଁ ସରକାରଙ୍କର ବିଦ୍ୟାଳୟ ରୂପାନ୍ତରିକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ସରକାର ବଦ୍ଧ ପରିକର ବୋଲି ସୂଚନା



ଦେଇଥିଲେ। ବରେଣ୍ୟ ଅତିଥି ଶ୍ରୀଯୁକ୍ତ ସାହୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର ଡକ୍ଟର ହରିଶ୍ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ସଂସଦର ସମ୍ପାଦକ ଡ. ଗଣେଶ ନାରାୟଣ ପ୍ରହରାଜ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସଂସଦର ଉପସଭାପତି ଶ୍ରୀ ହରଗୋପାଳ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ସଂସଦର ଯୁଗ୍ମ ସମ୍ପାଦକ ଶ୍ରୀ ରତୀନ୍ଦ୍ର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ପୁରାତନ ଛାତ୍ରମାନଙ୍କ ତରଫରୁ କୃତି ଛାତ୍ରମାନଙ୍କୁ ଛାତ୍ରଗୌରବ ସମ୍ମାନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ହୀରକ ଜୟନ୍ତୀ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ସକାଳ ୮ ଘଟିକା ସମୟରେ ପୁରାତନ ଛାତ୍ର ସଂସଦର ସଭାପତି ଶ୍ରୀଯୁକ୍ତ ଶଚୀନ୍ଦ୍ର ନାଥ ଦାଶଙ୍କ ନେତୃତ୍ୱରେ ପୁରାତନ ଛାତ୍ର ସଂସଦର ସମସ୍ତ ସଦସ୍ୟ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ହୀରକ ଜୟନ୍ତୀ ଉପଲକ୍ଷେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସକାଳ ୧୦ ଘଟିକା ସମୟରେ ଉକ୍ତ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ଏବଂ ଦିବଂଗତ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରଥମ ଦିବସର ସମସ୍ତ କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଦସ୍ୟ ଶ୍ରୀ ଅଜୟ କୁମାର ଦାଶ, ପରମାନ୍ଦ ଦାସ, ରଜତ ନାରାୟଣ ପ୍ରହରାଜ, ପ୍ରଶାନ୍ତ କୁମାର ପଟ୍ଟନାୟକ, ବିଦ୍ୟାଧର ପରିଡ଼ା, ନାରାୟଣ ଦାସ, ଗୌରୀ ଶଙ୍କର ଦତ୍ତ, ବିକାଶ ସିଂହ, ଭାଗୀରଥି ଦାସ, ରାମକୃଷ୍ଣ ମହାନ୍ତି, ବସନ୍ତ ଜେନା, ଉତ୍ତମ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo